

‘ଛୁମନ୍ତର’ରେ
ଅଭୟ-ଅନନ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-48 ◆MONDAY ◆11 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୪୮ ◆ସୋମବାର ◆୧୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଉତ୍ତରକାଶୀ ବିପର୍ଯ୍ୟୟରେ ୨୪ ସହପାଠୀ ନିଖୋଜ

**୩୫ ବର୍ଷ ପରେ ଏକାଠି ହୋଇଥିଲେ**

■ **ପୁନେ, ୧୦।୮ (ଏଜେନ୍ସି):** ଉତ୍ତରାଖଣ୍ଡ ଉତ୍ତରକାଶୀ ଧରାଲି ଗ୍ରାମର ପ୍ରଳୟଙ୍କାରୀ ଦୃଶ୍ୟ ଲୋକଙ୍କ ହୃଦୟକୁ ଦୋହଲାଇ ଦେଇଛି। ବାଦଲ ଫଟା ବର୍ଷା ଯୋଗୁଁ ଆସିଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛି। ଏବେ ବି ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ମହାରାଷ୍ଟ୍ର ପୁନେ ଅନ୍ତର୍ଗତ ଅୱାସାରୀ ଖୁର୍ଦ ଗାଁ ସ୍କୁଲର ୨୪ ଜଣ ପୁରୁଣା ସହପାଠୀ ନିଖୋଜ ଅଛନ୍ତି। ୩୫ ବର୍ଷ ପରେ ଏମାନେ ଏକାଠି ହୋଇ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ରିପୋର୍ଟ ଅନୁଯାୟୀ ଅୱାସାରି ଖୁର୍ଦର ବାସିନ୍ଦା ଅଶୋକ ଭୋର ଏବଂ ୧୯୯୦ ମସିହା ଦଶମ ଶ୍ରେଣୀର ତାଙ୍କର ସବୁ ସାଙ୍ଗମାନେ ଏକାଠି ହୋଇ ଚାର୍‌ଧାମ ଯାତ୍ରାରେ ବାହାରି ଥିଲେ। ଏମାନେ ଅଗଷ୍ଟ ୧ ମୁମ୍ବାଇରୁ ଉତ୍ତରାଖଣ୍ଡ ଅଭିମୁଖେ ଟ୍ରେନ ଯାତ୍ରା ଆରମ୍ଭ କରିଥିଲେ। ୧୩ ତାରିଖରେ ବିମାନ ଯୋଗେ ଦିଲ୍ଲୀ ଦେଇ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଭୋରଙ୍କ ପୁଅ ଆଦିତ୍ୟ କହିଛନ୍ତି ଯେ ସେ ଗତ ସୋମବାର ସନ୍ଧ୍ୟାରେ ଶେଷ ଥର ପାଇଁ ବାପାଙ୍କ ସହ କଥା ହୋଇଥିଲେ। ସେତେବେଳେ ଏହି ଦଳ ରାସ୍ତାରେ ଗଛ ପଡ଼ିଯିବା ଯୋଗୁଁ ଗଙ୍ଗୋତ୍ରୀରୁ ୧୦ କିମି ଦୂରରେ ଫସି ରହିଥିଲେ। ଏହା ପରଠାରୁ କାହା ସହ ଯୋଗାଯୋଗ ହୋଇପାରୁ ନାହିଁ।

## ସମୁଦ୍ର ଲହଡ଼ିରେ ଭାସି ୩ ମୃତ

**ଚନ୍ଦ୍ରଭାଗାରେ ଜଳସମାଧି**

■ **କୋଣାର୍କ, ୧୦।୮ (ସମିସ):** ଗାଧୋଇବା ବେଳେ ସମୁଦ୍ର ଲହଡ଼ିରେ ଭାସି ୩ ଜଣ ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ଣ ପ୍ରାୟ ୪ଟା ବେଳେ ଚନ୍ଦ୍ରଭାଗାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ, ବାଲିଅନ୍ତା ଥାନା ପାହାଳର ଆକାଶ ପଟ୍ଟନାୟକ ଏବଂ କୋଣାର୍କ ଥାନା ଅନ୍ତର୍ଗତ ଜମତଳା ଗ୍ରାମର ରାହୁଲ ସେନାପତି ଓ ଅରୂପାନନ୍ଦ ଜେନା। ଏମାନେ ଭିନ୍ନଭିନ୍ନ ସ୍ଥାନରେ ଗାଧୋଉଥିବା ବେଳେ ସମୁଦ୍ର ଲହଡ଼ି ପ୍ରଥମେ ଆକାଶଙ୍କୁ ଟାଣି ନେଇଥିଲା। ସମ୍ପର୍କୀୟମାନେ ଆକାଶଙ୍କୁ ଉଦ୍ଧାର କରି ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ସ୍ଥାନରେ ରାହୁଲ ଓ ଅରୂପାନନ୍ଦ ଗାଧୋଉଥିବା ବେଳେ ଲହଡ଼ିରେ ଭାସି ଯାଇଥିଲେ। ଏହା ଦେଖି ସେମାନଙ୍କ ସହ ଆସିଥିବା ଉତ୍ତରପ୍ରଦେଶର ଜଣେ ଯୁବକ ଭୟରେ ଫେରିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାହୁଲ ଓ ଅରୂପାନନ୍ଦଙ୍କୁ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ରାହୁଲ ଓ ଅରୂପାନନ୍ଦ ଭୁବନେଶ୍ୱରର ଏକ ବିଏମ୍‌ଡବ୍ଲ୍ୟୁ ୱାର୍କସପ୍‌ରେ କାମ କରୁଥିବା ଜଣାଯାଇଛି।

# ପ୍ରତିଶୋଧ ନେବ ଭାରତ

## ଆମେରିକା ଉପରେ ଲଗାଇବ ୫୦% ଜବାବୀ ଟାରିଫ୍




**ଅନିଶ୍ଚିତତାରେ ୩୫୦୦୦ କୋଟିର ବୋଇଂ କ୍ରୟ**

**ସ୍ଥଗିତ ହୋଇପାରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆମେରିକା ଗସ୍ତ**

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷର୍ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପ ▶ପୃଷ୍ଠା-୧୦

## ଭାରତ ଉପରେ ତତ୍କାଳ ଶୁଳ୍କ; ଚୀନକୁ ୯୦ ଦିନର ମହଲତ

■ **ନୂଆଦିଲ୍ଲୀ,୧୦।୮ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ନୂତନ ଶୁଳ୍କ ହାର ଲାଗୁ କରିବାକୁ ୯୦ ଦିନ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତରୁ ଆସୁଥିବା ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ଶୁଳ୍କ ଲାଗୁ ହୋଇସାରିଛି। କୌଣସି ଚୁକ୍ତି ନ ହେଲେ, ୨୭ ଅଗଷ୍ଟରୁ ତୁରନ୍ତ ପ୍ରଭାବରେ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରାଯିବ, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ ହେବ। ଏପରିସ୍ଥଳେ ଟ୍ରମ୍ପ୍ ଚୀନକୁ ୯୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛନ୍ତି।

ଆମେରିକୀୟ ଗଣମାଧ୍ୟମ ଏବଂ ରଣନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପଦକ୍ଷେପ କେବଳ ଅର୍ଥନୈତିକ ନୁହେଁ ବରଂ ରାଜନୈତିକ ଏବଂ କୂଟନୈତିକ ସନ୍ତୁଳନ ପାଇଁ ଏକ ପ୍ରୟାସ। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ (ୟୁଏସ୍ଟିଆର୍)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍ ସହିତ ବାଣିଜ୍ୟ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି ଏବଂ ଉଭୟ ପକ୍ଷକୁ ଏକ ପାରସ୍ପରିକ ଚୁକ୍ତିରେ ▶ପୃଷ୍ଠା-୧୦

**ବିହାର ଭୋଟର ତାଲିକା ସଂଶୋଧନ ବିବାଦ**

## ସୁପ୍ରିମକୋର୍ଟ-ନିର୍ବାଚନ କମିସନ ମୁହାଁମୁହିଁ



**ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ତାଲିକା ଦେବାକୁ ମନାକଲେ ନିର୍ବାଚନ କମିସନ**

**ଏଭଳି ତାଲିକା ଦେବାକୁ ଆମେ ଆଇନ ଦୃଷ୍ଟିରୁ ବାଧ୍ୟ ନୁହେଁ**




■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି ସୁପ୍ରିମ କୋର୍ଟ ଏବଂ ନିର୍ବାଚନ କମିସନ। ବାଦ୍ ପଡ଼ିଥିବା ଭୋଟରମାନଙ୍କ ତାଲିକା ସହ ଅନ୍ୟାନ୍ୟ ବିବରଣୀ ଦାଖଲ କରିବା ଲାଗି ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିବା ବେଳେ ଏଭଳି ତାଲିକା ଦେବାକୁ ମନାକରିଦେଇଛନ୍ତି କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଭୋଟର ଚିଠା ତାଲିକାକୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ସଂପର୍କରେ ସଂପୂର୍ଣ୍ଣ ବିବରଣୀ ଦେବାକୁ ନିର୍ବାଚନ କମିସନ ଆଇନ ଦୃଷ୍ଟିରୁ ବାଧ୍ୟ ନୁହନ୍ତି।

ଗତକାଲି ସୁପ୍ରିମ କୋର୍ଟରେ ଦାଖଲ କରିଥିବା ସାନି ସତ୍ୟପାଠରେ ଏଭଳି ଯୁକ୍ତି ▶ପୃଷ୍ଠା-୧୦

**ମେଟ୍ରୋ ରେଳ ପ୍ରକଳ୍ପ**

## ଦେଶସାରା କାମ ଚାଲିଛି; ଓଡ଼ିଶା ବେଳକୁ କୁଣ୍ଠକୁଣ୍ଠ



**ଆସନ୍ତା ୫ବର୍ଷ ମଧ୍ୟରେ ବି ପ୍ରକଳ୍ପ ଆଶା କ୍ଷୀଣ**

**୨୦୨୪ରେ ଶୁଭ ଦେଇଥିଲେ ନବୀନ ପଟ୍ଟନାୟକ**

**୨୦୨୭ ମସିହାରେ ଶେଷ ହୋଇଥା’ନ୍ତା ପ୍ରକଳ୍ପ**

■ **ଭୁବନେଶ୍ୱର, ୧୦।୮ (ସମିସ):** ଦେଶର ଗମନାଗମନ ବ୍ୟବସ୍ଥା ଧୀରେ ଧୀରେ ସ୍ମାର୍ଟ ହେଉଥିବା ବେଳେ ଦେଶ ସହ ତାଳ ଦେଇ ରାଜ୍ୟଗୁଡ଼ିକ ନିଜର ପରିବହନ ବ୍ୟବସ୍ଥାକୁ ଉନ୍ନତ କରୁଛନ୍ତି। ଏ କ୍ଷେତ୍ରରେ ଏକାଧିକ ବିଜେପି ଶାସନାଧୀନ ରାଜ୍ୟ ସରକାର ମଧ୍ୟ ମେଟ୍ରୋ ସହ ଅନ୍ୟାନ୍ୟ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଓଡ଼ିଶାରେ ବିଜେପି ସରକାରଙ୍କ ଓଲଟା କାର୍ଯ୍ୟକଳାପ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସନ୍ତୋଷନକ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତ ଦେଇଛନ୍ତି।

ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଭାଇଜାକ୍ ମେଟ୍ରୋ ପାଇଁ ଟେଣ୍ଡର ଆହ୍ୱାନ କରିଥିବା ବେଳେ ବିଜୟୱାଡା ପାଇଁ ଟେଣ୍ଡର ଡାକିବାକୁ ପ୍ରସ୍ତୁତ ହେଉଛନ୍ତି। ସେହିପରି ମଧ୍ୟପ୍ରଦେଶର ଭୋପାଳରେ ମେଟ୍ରୋ ପ୍ରକଳ୍ପ ଜାରି ରହିଥିବା ବେଳେ ଏହା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ବିହାରର ପାଟନାରେ ମଧ୍ୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଉତ୍ତରପ୍ରଦେଶର ୬ଟି ସହରରେ ମେଟ୍ରୋ ଗଡୁଥିବା ବେଳେ ଏହାକୁ ଅନ୍ୟ ସହରକୁ ସମ୍ପ୍ରସାରଣ କରିବାକୁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରେ ନମ୍ମା ମେଟ୍ରୋ ଅଧୀନରେ ୟେଲୋ ଲାଇନର ଉଦ୍‌ଘାଟନ କରିଛନ୍ତି। ତାମିଲନାଡୁ ସରକାର ମେଟ୍ରୋ କରିଡର୍ ପାଇଁ ନକ୍ସା ପ୍ରସ୍ତୁତ କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ମଧ୍ୟ ମେଟ୍ରୋ ସେବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି, ଓଡ଼ିଶାରେ ଦେଢ଼ ବର୍ଷ ପୂର୍ବରୁ ମେଟ୍ରୋ ପାଇଁ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିବା ଏହି ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଇଛି।

ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ାଇଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଏହି ପ୍ରକଳ୍ପର ▶ପୃଷ୍ଠା-୧୦

**ପଛକୁ ପଛ ଆସୁଛି ଦୁଇଟି ଲଘୁଚାପ**

## ୧୨ରୁ ଲାଗିରହିବ ବର୍ଷା

■ **ଭୁବନେଶ୍ୱର, ୧୦।୮ (ସମିସ):** ରାଜ୍ୟକୁ ପୁଣି ଫେରିବ ବର୍ଷା। ପ୍ରାୟ ଦୁଇ ସପ୍ତାହର ବିରତି ପରେ ସକ୍ରିୟ ହେବ ମୌସୁମୀ। ବଙ୍ଗୋପସାଗରରେ ପଛକୁ ପଛ ଦୁଇଟି ଲଘୁଚାପ ଆସୁଥିବା ବେଳେ ଏହା ପୁଣି ଥରେ ମୌସୁମୀକୁ ସକ୍ରିୟ କରାଇବା ସହ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହେବ। ପ୍ରଥମ ଲଘୁଚାପଟି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା କରାଇବା ସହ ଦ୍ୱିତୀୟ ଲଘୁଚାପ ଉତ୍ତର ଓଡ଼ିଶାରେ ଭଲ ବର୍ଷା କରାଇବ। ତେଣୁ ମୋଟାମୋଟି ଭାବେ ଆଗକୁ ସାରା ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୧୩ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଉତ୍ତର ପଶ୍ଚିମ ଓ ତା’ର ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିବ। ଏହାର ପ୍ରଭାବରେ ୧୨ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ପାଇଁ ସ୍ଥିତି ଅନୁକୂଳ ହେବ। ୧୨ରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ହେବା ନେଇ ମଧ୍ୟ ଆକଳନ କରାଯାଇଛି। ତେବେ କନ୍ଧମାଳ, ରାୟଗଡ଼ା, ଗଜପତି, ଗଜପତି, କୋରାପୁଟ ▶ପୃଷ୍ଠା-୧୦

**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ମାମଲା**

## ଜେଲ୍ ଗଲା ପ୍ରେମିକ

**ଅଭିଯୁକ୍ତ ମୋବାଇଲରେ ୬୦ ଅଶ୍ଳୀଳ ଭିଡିଓ**



- ପୀଡ଼ିତାଙ୍କ ବାପା ସମେତ ୬ଜଣଙ୍କୁ ପଠାଇଥିଲା ଭିଡିଓ: ଏସ୍‌ପି
- ଗିରଫଦାରୀ ପ୍ରତିବାଦରେ ଥାନା ଆଗରେ ଗ୍ରାମବାସୀଙ୍କ ଧାରଣା
- ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୧୦।୮ (ସମିସ):** ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶିକାନ୍ତ ପରିଡ଼ାଙ୍କ ଝିଅ ପି.ଡି ସଂଗୀତାଙ୍କ ଆତ୍ମାହୁତି ଘଟଣା ଆଜି ନୂଆ ମୋଡ଼ ନେଇଛି। ଏହି ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ୍ ସଂଗୀତାଙ୍କ ପ୍ରେମିକ ତେରୋହୀ ଗାଁର ପ୍ରମୋଦ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ସଂଗୀତାଙ୍କୁ ସେ ବ୍ଲାକମେଲ୍ କରି ଆସୁଥିଲା। ଏପରିକି, ଆତ୍ମହତ୍ୟା କରିବା ପାଇଁ ସେ ତାଙ୍କୁ ଉସୁକାଇଥିଲା ବୋଲି ପୁଲିସ କହିଛି। ପ୍ରମୋଦ ମୋବାଇଲ୍‌ରୁ ପୁଲିସ୍‌କୁ ସଂଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ମିଳିଛି। ଗତ ଜୁଲାଇ ୧୭ରେ ପ୍ରମୋଦ ସେହି ଭିଡିଓରୁ ଗୋଟିଏ ସଂଗୀତାଙ୍କ ବାପାଙ୍କୁ ମଧ୍ୟ ପଠାଇଥିଲା। ଏହାଛଡ଼ା ଆହୁରି ମଧ୍ୟ ୫ଜଣଙ୍କୁ ମଧ୍ୟ ସେ ସେହି ଅଶ୍ଳୀଳ ଭିଡିଓ ପଠାଇଥିବା ପୁଲିସ ପ୍ରମାଣ ପାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସିଦ୍ଧାର୍ଥ କଟାରିଆ ▶ପୃଷ୍ଠା-୧୦

**ସରକାରୀ ପ୍ରୋତ୍ସାହନ ଅଭାବ**

## ବୁଡ଼ିଯିବ ବେଲଗୁଣ୍ଠାର ପିତ୍ତଳ ମାଛ ଶିଳ୍ପ!



■ **ବେଲଗୁଣ୍ଠା, ୧୦।୮ (ସମିସ):** ଦୀର୍ଘ ୩୦୦ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱପ୍ରସିଦ୍ଧ ପିତ୍ତଳ ମାଛ। ନିର୍ଜୀବ ପିତ୍ତଳ ଚଦରରୁ ପ୍ରସ୍ତୁତ ଏହି ପିତ୍ତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇଥାଏ ଏବଂ ଏହା ହିଁ ଏହାର ବିଶେଷତ୍ୱ। ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସ୍ଥାନୀୟ ନେତାଙ୍କ ସମେତ ବହୁ ବିଦେଶୀ ଅତିଥି ବିଭିନ୍ନ ସମ୍ବର୍ଦ୍ଧନା ସଭାରେ ପିତ୍ତଳ ମାଛଟିଏ ଉପହାର ପାଇ ଖୁସିରେ ଗଦଗଦ ହୋଇଥା’ନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ସେମାନଙ୍କ ମଧ୍ୟରୁ କେହି ଏହି ପିତ୍ତଳ ମାଛ ଶିଳ୍ପର ପ୍ରଚାରପ୍ରସାର ପାଇଁ କେବେହେଲେ ଆଗ୍ରହ ଦେଖାଇନାହାନ୍ତି। ଫଳରେ ଏହି ଶିଳ୍ପ କ୍ରମେ ବାଟ ହୁଡ଼ିବାକୁ ବସିଲାଣି। ସରକାର ବିଭିନ୍ନ କଳାକାର ଏବଂ ଶିଳ୍ପୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଭତ୍ତାର ବ୍ୟବସ୍ଥା କରିଥିବା ବେଳେ ବେଲଗୁଣ୍ଠାର ପିତ୍ତଳ ମାଛ କାରିଗର କିନ୍ତୁ ଏଥିରୁ ବଞ୍ଚିତ।

ବେଲଗୁଣ୍ଠାର ବିଶିଷ୍ଟ ପିତ୍ତଳ ମାଛ ଶିଳ୍ପୀ ପ୍ରଦୀପ ମହାରଣାଙ୍କ କହିବା କଥା, ବ୍ରିଟିଶ୍ ଶାସନ ସମୟରେ ସ୍ୱର୍ଗତ ଗଙ୍ଗାଧର ମହାରଣାଙ୍କ ଅମଳରୁ ଏହି ପିତ୍ତଳ ମାଛ ତିଆରି ଆରମ୍ଭ ହୋଇଥିଲା। ଏହା ତତ୍‌କାଳୀନ ବ୍ରିଟିଶ୍ ଶାସକମାନଙ୍କ ସହ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। କ୍ରମେ ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ତେବେ ତାଲିମ୍ ଅଭାବରୁ ପିତ୍ତଳ ମାଛ ଶିଳ୍ପ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନାହାନ୍ତି।

**ମୁହଁ ଫେରାଉଛନ୍ତି ଯୁବ କାରିଗର**

ସେହିପରି ଏହି ଶିଳ୍ପ ପାଇଁ ଆବଶ୍ୟକ କର୍ମଶାଳା ବେଲଗୁଣ୍ଠାରେ ନ ଥିବାରୁ ତାଲିମ୍‌ପ୍ରାପ୍ତ କାରିଗରମାନେ ଅନ୍ୟତ୍ର ଚାଲିଯାଉଛନ୍ତି।

ଗୋଟିଏ ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ ଓ ଏଥିରେ ପ୍ରାୟ ୭୦୦ ଟଙ୍କାର କଞ୍ଚାମାଲ୍ ଖର୍ଚ୍ଚ ହୋଇଥାଏ। ସେହି ମାଛଟି ମାତ୍ର ୧୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଅର୍ଥାତ୍ ଦୁଇ ଦିନରେ ଶିଳ୍ପୀଟିଏ ମାତ୍ର ୩୦୦ ଟଙ୍କା ରୋଜଗାର କରିଥାଏ। ଏହି ନିମ୍ନ ପାରିଶ୍ରମିକରେ ପରିବାର ପ୍ରତିପୋଷଣ ଏକପ୍ରକାର ଅସମ୍ଭବ ଓ ତେଣୁ ଏହି ପରିବାରର ଯୁବକମାନେ ପିତ୍ତଳ ମାଛ ଶିଳ୍ପରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାସ୍ତା ଆପଣାଉଛନ୍ତି। ▶ପୃଷ୍ଠା-୧୦

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟ ବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୦୮- କ୍ରାନ୍ତିକାରୀ ଖୁଦିରାମ ବୋଷଙ୍କୁ ଫାଶୀ।
- ୧୯୧୪- ଅଷ୍ଟ୍ରିଆ ଓ ହଙ୍ଗେରୀ ଉପରେ ବ୍ରିଟେନର ଆକ୍ରମଣ ଘୋଷଣା।
- ୧୯୪୮- ଲଣ୍ଡନରେ ସମର ଅଲିମ୍ପିକର ଆରମ୍ଭ।
- ୧୯୬୦- ଫ୍ରାନ୍ସଠାରୁ ଆଫ୍ରିକୀୟ ଦେଶ ଚାଡ୍‌ର ସ୍ୱାଧୀନତା ଲାଭ।
- ୧୯୮୫- ରୋନାଲ୍ଡ ରିଗନ୍ ଆମେରିକାର ରାଷ୍ଟ୍ରପତି ହେଲେ।

## ଆଜି ଆସିଥିଲେ

# ଔପନ୍ୟାସିକ କାହ୍ନୁଚରଣ ମହାନ୍ତି



ଓଡ଼ିଆ କଥାସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ହେଉଛନ୍ତି କାହ୍ନୁଚରଣ ମହାନ୍ତି। ଓଡ଼ିଆ ଉପନ୍ୟାସଗୁଡ଼ିକୁ ଓଡ଼ିଶାର ଗାଁଗହଳିରେ ଲୋକପ୍ରିୟ କରାଇବାରେ ତାଙ୍କର ଅବଦାନ ଅତୁଳନୀୟ। ସାହିତ୍ୟ ଜୀବନର ପ୍ରାୟ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ୫୬ଟି ଉପନ୍ୟାସ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ପରିବେଶ ଓ ଘଟଣା ବର୍ଣ୍ଣନା ମାଧ୍ୟମରେ ସେ ଚରିତ୍ରମାନଙ୍କର ମାନସିକତାକୁ ଅବିକଳ ଭାବେ ପ୍ରଦର୍ଶନ କରିବାରେ ଥିଲେ ସିଦ୍ଧହସ୍ତ। କାହ୍ନୁଚରଣ ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲାସ୍ଥିତ ନାଗବାଳି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାଦିନ ବେଳୁ ସାହିତ୍ୟ ତଥା ଲେଖାଲେଖି ପ୍ରତି ଆଗ୍ରହ ଥିଲା। ପ୍ୟାରୀମୋହନ ଏକାଡେମୀରେ ପାଠ ପଢ଼ିବା ସମୟରେ ବିଦ୍ୟାଳୟ ପତ୍ରିକାରେ ତାଙ୍କର କେତୋଟି କବିତା ପ୍ରକାଶ ପାଇଥିଲା। ତେବେ ସେ କବିତା ଲେଖିବା ଜାରି ରଖି ନ ଥିଲେ। କାହ୍ନୁଚରଣ ଭାବୁଥିଲେ ସଂସ୍କୃତ ଭାଷାରେ କବିତା ଲେଖିଲେ ହିଁ, ପ୍ରକୃତ କବିର ପରିଚୟ ମିଳିପାରିବ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ବାପା, ମାଆ, ମାଉସୀ ଆଦି ଯେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି, ସେହି ଭାଷାରେ ବି ଲେଖାଲେଖି କରାଯାଇପାରିବ। ଆଉ ତା'ପରେ କାହ୍ନୁଙ୍କର ଲେଖନୀ ଯାତ୍ରା ଆରମ୍ଭ ହୋଇଥିଲା। ସେ ଫକୀର ମୋହନ ସେନାପତିଙ୍କ ରଚନାରେ ବେଶ୍ ପ୍ରଭାବିତ ଥିଲେ। ଗ୍ରାଜୁଏସନ୍ ଶେଷ ପରେ କାହ୍ନୁଚରଣ ସରକାରୀ ସେବାରେ କିରାଣି ଚାକିରି କରିଥିଲେ। ଆଉ ୧୯୬୪ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ସେବାରୁ ଅବସର ନେଲେ। ଏ ସବୁ ଭିତରେ ସେ ଲେଖାଲେଖି ଜାରି ରଖିଥିଲେ। କାହ୍ନୁଙ୍କ ପ୍ରଥମ ଉପନ୍ୟାସ ଥିଲା 'ଉତ୍ସବେ ବ୍ୟସନେ', କିନ୍ତୁ ଦୁଃଖର ବିଷୟ ତାହା ପ୍ରକାଶିତ ହୋଇ ନ ଥିଲା। 'ବାଲିରାଜା' ତାଙ୍କର ପ୍ରଥମ ପ୍ରକାଶିତ ଉପନ୍ୟାସ। ତାଙ୍କର ଅଧିକାଂଶ ଉପନ୍ୟାସରେ ମହିଳାଙ୍କ ଦୁର୍ଦ୍ଦଶା ଏବଂ ଜାତିଗତ ଓ ଆର୍ଥିକ ଶୋଷଣର ବାସ୍ତବବାଦୀ ଚିତ୍ରଣ ଦେଖିବାକୁ ମିଳେ। ତାଙ୍କର ଲୋକପ୍ରିୟ ଉପନ୍ୟାସ ମଧ୍ୟରୁ 'ବାଲିରାଜା', 'କା', 'ତୁଣ୍ଡବାଇଦ', 'ଅଦେଖା ହାତ', 'ହା ଅନ୍ନ', 'ଶାସ୍ତି', 'ଏପାରି ସେପାରି' ପ୍ରଭୃତି ଅନ୍ୟତମ। ତାଙ୍କର ଅଧିକାଂଶ ଉପନ୍ୟାସ ସାମାଜିକ ସ୍ଥିତି ଉପରେ ଆଧାରିତ। ସେହିପରି ତାଙ୍କର ଲୋକପ୍ରିୟ ଉପନ୍ୟାସ 'କା', 'ତୁଣ୍ଡବାଇଦ', 'ଅଭିନେତ୍ରୀ' ଆଦିକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି। 'କା' ଉପନ୍ୟାସ ଲାଗି ସେ ୧୯୫୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଏହାପରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୬୨ରୁ ୧୯୯୦ ମଧ୍ୟରେ ସେ ଥିଲେ ସବୁଠୁ ଲୋକପ୍ରିୟ ଔପନ୍ୟାସିକ। ୧୯୯୪ ଏପ୍ରିଲ ୬ ତାରିଖରେ କାହ୍ନୁଚରଣଙ୍କର ତିରୋଧାନ ହୋଇଥିଲା।

# 'ଛୁମନ୍ତର'ରେ ଅଭୟ-ଅନନ୍ୟା



ଦିନେଶ ବିଜାନ ଏବେ ସାଇନ୍ସ ଫିକ୍ସନ ଓ ରୋମାନ୍ସର ମିଶ୍ରଣରେ ଆଧାରିତ ଏକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ଛୁମନ୍ତର'। ଏହି ଫିଲ୍ମ ପାଇଁ ଅନନ୍ୟା ପାଣ୍ଡେ ଓ 'ମୁଞ୍ଜ୍ୟା' ଫେମ୍ ଅଭିନେତା ଅଭୟ ବର୍ମାଙ୍କୁ ଫାଇନାଲ କରାଯାଇଛି। ଅବଶ୍ୟ ଏଯାଏଁ ଅନନ୍ୟା କି ଅଭୟ ଫିଲ୍ମ ସାଇନ୍ କରିନାହାନ୍ତି। ୨୦୨୩ରେ ଆସିଥିବା ଫିଲ୍ମ 'ଧକ୍ ଧକ୍'ର ନିର୍ଦ୍ଦେଶନା ଦେଇଥିବା ତରୁଣ ଡୁଡେଜା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ତେବେ ଅଭୟ ପୂର୍ବରୁ ଦିନେଶଙ୍କ ସହ କାମ କରିଥିବାବେଳେ ଅନନ୍ୟା ପ୍ରଥମ ଥର ତାଙ୍କ ସହ କାମ କରିବେ। ଅଭୟ ଏହାବାଦ୍ 'କିଙ୍ଗ୍' ଫିଲ୍ମରେ ଅଭିଷେକ ବଚ୍ଚନ ଓ ସୁହାନା ଖାନ୍‌ଙ୍କ ସହ ନଜର ଆସିବେ। ଅନ୍ୟପକ୍ଷରେ ଅନନ୍ୟା କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ନଜର ଆସିବେ। 'ଛୁମନ୍ତର' ମାଧ୍ୟମରେ ପ୍ରଥମ ଥର ପାଇଁ ଅନନ୍ୟା, ଅଭୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି।

## ଭିନ୍ନ ଏକ ମନ୍ଦିର

# ସରକାରୀ ଚାକିରି ପାଇଁ ଲାଗେ ଭିଡ଼



ଭାରତରେ ଅନେକ ରହସ୍ୟମୟ ଓ ଚମତ୍କାରୀ ମନ୍ଦିର ରହିଛି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ମନ୍ଦିର ରହିଛି, ଯେଉଁଠି ପୂଜା କଲେ ସରକାରୀ ଚାକିରି ମିଳୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ସରକାରୀ ଚାକିରି କରିବାକୁ ଅନେକ ଯୁବକ ଯୁବତୀ ସ୍ୱପ୍ନ ଦେଖନ୍ତି। କିନ୍ତୁ ଏହି ଇଚ୍ଛା ବହୁତ କମ୍ ଜଣକର ପୂର୍ଣ୍ଣ ହୋଇଥାଏ। ଅନେକ ଯୁବକଯୁବତୀ କଠିନ ପରିଶ୍ରମ ସତ୍ତ୍ୱେ ସରକାରୀ ଚାକିରିଟିଏ ପାଇ ନ ଥାନ୍ତି। ରାଜସ୍ଥାନର ଜୟପୁରଠାରୁ ୬୫ କିଲୋମିଟର ଦୂରରେ ଅନ୍ତେଲା ଗାଁ ରହିଛି। ଏହି ଗାଁ'ରେ ଥିବା ଅନ୍ତେଲା କୁଣ୍ଡା ଧାମ ମନ୍ଦିରର ଦର୍ଶନ କଲେ ସରକାରୀ ଚାକିରି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ। ଗ୍ରାମବାସୀଙ୍କ କହିବା କଥା, ଏଠାରେ ଥିବା ମହାଦେବଙ୍କର ଶ୍ରଦ୍ଧାଳୁଙ୍କ ଉପରେ ବିଶେଷ କୃପା ରହିଛି। ଏଠାରେ ଜଣେ ପୂଜାର୍ଚ୍ଚନା କଲେ ସରକାରୀ ଚାକିରି ମିଳିଥାଏ। ଉଲ୍ଲେଖନୀୟ କଥାଟି ହେଲା, ଗାଁ'ର ପ୍ରତ୍ୟେକ ଘରେ ଅତିକମ୍‌ରେ ଜଣେ ଜଣେ ସରକାରୀ ଚାକିରିଆ ଅଛନ୍ତି। ସରକାରୀ ଚାକିରି ଆଶାରେ ଏଠାରେ ବହୁ ଦୂର ଦୂରାନ୍ତରୁ ଲୋକ ମହାଦେବଙ୍କ ଦର୍ଶନ ପାଇଁ ଆସିଥାନ୍ତି। ତେବେ ଏହି ମନ୍ଦିର ଏବେ ଗ୍ରାମବାସୀଙ୍କ ପାଇଁ କେବଳ ଆସ୍ଥାର କେନ୍ଦ୍ର ନୁହେଁ, ରୋଜଗାର ଆଶାର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି। ଗ୍ରାମବାସୀଙ୍କ ପାଇଁ ଏହି ମନ୍ଦିର କୌଣସି ଚମତ୍କାରିତାଠାରୁ କମ୍ ନୁହେଁ। ଅନ୍ୟପଟେ ଯେଉଁମାନେ ଏହା ଉପରେ ବିଶ୍ୱାସ କରନ୍ତିନି, ସେମାନେ ଏହାକୁ ଅନ୍ଧବିଶ୍ୱାସ ବୋଲି ଭାବିଥାନ୍ତି। ସବୁଠୁ ବଡ଼ କଥା ହେଉଛି, ରାଜସ୍ଥାନରେ ପାଣିର ଘୋର ଅଭାବ ଦେଖାଯାଏ। କିନ୍ତୁ କୁଣ୍ଡାଧାମ ମନ୍ଦିରରେ ଥିବା ଜଳକୁଣ୍ଡରୁ କେବେ ଜଳ ଶୁଖେ ନାହିଁ। ଏହାକୁ ମଧ୍ୟ ମହାଦେବଙ୍କ କୃପା ବୋଲି ଗ୍ରାମବାସୀ ମାନନ୍ତି।

# ଭାଦ୍ରବ ମାସର ମହତ୍ତ୍ୱ



**ଭାଦ୍ରବ ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**

ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

## ବୁଧିବାମନ ବ୍ରତ

**ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।**



ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

# ସ୍ମୃତି

## ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ



**ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।**

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି। ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଅନ୍ୟପଟେ ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି।

# କେଉଁଠି ରଖିବେ ପୂଜା ଦିଆସିଲି

**ପୂଜା ଘର ହେଉଛି ଏକ ପବିତ୍ର ସ୍ଥାନ। ତେଣୁ ପୂଜା ଘର ସହିତ ଏଠାରେ ରଖାଯାଉଥିବା ଜିନିଷର ବାସ୍ତୁ ନିୟମ ପାଳନ କରିବା ଉଚିତ। ଏହାକୁ ନ ମାନିଲେ ବାସ୍ତୁ ଦୋଷ ଲାଗେ। ଏହି କ୍ରମରେ ପୂଜା ଘରେ ବ୍ୟବହାର କରାଯାଉଥିବା ଦିଆସିଲିକୁ ମଧ୍ୟ ଠିକ୍ ସ୍ଥାନରେ ରଖିବା ଦରକାର।**

- ଜୋତା-ଚପଲ ପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ।
- ପୂଜା ସ୍ଥାନରେ ଦିଆସିଲି ରଖୁଥିଲେ, ଏହାର କାଠିକୁ ଏଣେତେଣେ ଫିଙ୍ଗନ୍ତୁ ନାହିଁ।
- ପୂଜା ଘରେ ଦିଆସିଲିକୁ ସଫା, ଶୁଖିଲା ସ୍ଥାନରେ ରଖନ୍ତୁ ନାହିଁ। ମୁଖ୍ୟତଃ ପୂଜା ବାକ୍ସରେ ରଖନ୍ତୁ।



- ଶୌଚାଳୟ ତଥା ବାଥରୁମ୍ ଭଳି ଅଶୁଦ୍ଧ ସ୍ଥାନ ଆଖପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ। ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ।
- ପୂଜା ସହ ଜଡ଼ିତ କୌଣସି ଜିନିଷ ତଳେ ରଖନ୍ତୁ ନାହିଁ। ଏହାଦ୍ୱାରା ପବିତ୍ରତା ନଷ୍ଟ ହୋଇଥାଏ।

■ ପାରିବାରିକ କଳହର କରୁଣ ପରିଣତ

## ବିଷ ପିଇଦେଲେ ଦମ୍ପତି



ଭଦ୍ରେଶ୍ୱର,୧୦।୮ (ସମିସ): ଆଜି ମାହାଙ୍ଗା ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷ ପିଇ ଏକ ଦମ୍ପତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେମାନେ ହେଲେ, ଯାଜପୁର ଜିଲ୍ଲା ବଡଚଣା ବ୍ଲକ ନଳିପୁର ଗ୍ରାମର କନକଲତା ବେହେରା (୩୦) ଓ ତାଙ୍କ ସ୍ୱାମୀ ଭରତ ବେହେରା (୩୧)। ଦୁହିଁଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ କଳହରୁ ଏହି ଅଘଟଣ ଘଟିଥିବା ଆଲୋଚନା ହେଉଛି। ସୂଚନାନୁଯାୟୀ, କନକଲତା ଓ ଭରତ ଗତ କିଛି ବର୍ଷ ହେଲା ମାହାଙ୍ଗା ଅଞ୍ଚଳରେ ବସବାସ କରିଆସୁଥିଲେ। ହେଲେ କୌଣସି କାରଣରୁ ଆଜି ଉଭୟ ସ୍ୱାମୀ ଓ ସ୍ତ୍ରୀ ମାନସିକସ୍ତରରେ ଭାଙ୍ଗି ପଡ଼ିବା ସହ ବିଷ ପିଇ ଦେଇଥିଲେ। ଯନ୍ତ୍ରଣା ହେବାରୁ ଦୁହିଁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।

### ୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ

## ସ୍ୱାସ୍ଥ୍ୟସେବାରେ କୋରାପୁଟ ନୂଆ ଅଧ୍ୟାୟ ଯୋଡ଼ିବ: ମୁଖ୍ୟମନ୍ତ୍ରୀ

କୋରାପୁଟ, ୧୦।୮ (ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ଶଯ୍ୟାବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ

**ନବରଙ୍ଗପୁରରେ ହେବ ମେଡିକାଲ କଲେଜ: ମୁଖ୍ୟମନ୍ତ୍ରୀ**

୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଚିକିତ୍ସାଳୟ ରାଜ୍ୟର ନିରନ୍ତର ବିକାଶଧାରାରେ କୋରାପୁଟକୁ ଯୋଡ଼ିବ। ଚିକିତ୍ସା ପାଇଁ ଆଉ କୋରାପୁଟବାସୀଙ୍କୁ ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। ଖୁବ୍‌ଶୀଘ୍ର ଏଠାରେ ଖାଲି ପଡ଼ିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦ ପୂରଣ ହେବ। ସିଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷାନିରୀକ୍ଷାର ମଧ୍ୟ ବ୍ୟବସ୍ଥା କରାଯାଉଛି। ଗୁରୁତର ରୋଗୀମାନଙ୍କ ପାଇଁ



ଯେପରି ଅକ୍ସିଜେନ୍‌ର ଅଭାବ ନହେବ, ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼ବାସୀ ଏଠାରେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ। ଏହି ହସ୍ପିଟାଲ ସଂଲଗ୍ନ ୨ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଖୁବ୍‌ଶୀଘ୍ର ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସମ୍ମାନିତ ଅତିଥି ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ପର୍ବ ଯୋଡ଼ି ହୋଇଛି। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ଅଧିକ୍ଷକ ପ୍ରଫେସର ଡା. ସୁଶାନ୍ତ କୁମାର ସାହୁ କହିଛନ୍ତି, ୬୫୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ ଦ୍ୱାରା ଲୋକମାନେ ନିଶ୍ଚିତ ଭାବେ ଉପକୃତ ହେବେ। ଅଧିକ ଶଯ୍ୟା ହେବା ଦ୍ୱାରା ଆଉ ରୋଗୀମାନଙ୍କ ପାଇଁ ଶଯ୍ୟା ଅଭାବ ରହିବ ନାହିଁ। ଖୁବ୍‌ଶୀଘ୍ର ଏମଆରଆଇ ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଲୋକ ମାନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମେଡିକାଲ କଲେଜ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଦଳିଦେଲା ହାତୀ

କେନ୍ଦୁଝର, ୧୦।୮ (ସମିସ): ବାଂଶପାଳ ବ୍ଲକ୍ ଅଧୀନ ତରମାକାନ୍ତ ପଞ୍ଚାୟତର ଜଳଡିହା ମାଣିକସାହି ଜଙ୍ଗଲ ରାସ୍ତାରେ ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଅଡ଼ାଳ ଗ୍ରାମର ପର୍ଶୁ ମୁଣ୍ଡା (୨୮)। ଜଙ୍ଗଲ ରାସ୍ତାଦେଇ ସାଇକଲରେ ସେ ଶ୍ୱଶୁର ଘର ଜଳଡିହା ମାଣିକସାହିରୁ ଅଡାଳକୁ ଫେରୁଥିଲେ। ଜଳଡିହା ମାଣିକସାହି ନିକଟ ଜଙ୍ଗଲରେ ସେ ୨ଟି ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ଦନ୍ତା ପର୍ଶୁଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶବ ରଖି ପରିବାରଲୋକ ଧାରଣା ଦେଇଥିଲେ। ଖବର ପାଇ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର୍ ନୟନକାନ୍ତ ସାହୁ, ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ମିଲିରାଣୀ ଦାସ, ନିଲମ ମହାନ୍ତ ଏବଂ ବନବିଭାଗର ପାଟ୍ରୋଲିଂ ଟିମ୍ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଶୁଦ୍ଧିକ୍ରିୟା ପାଇଁ ବନ ବିଭାଗ ପକ୍ଷରୁ ତାଙ୍କ ପରିବାରକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସରକାରୀ ସହାୟତା ଏବଂ କ୍ଷତିପୂରଣ ଖୁବ୍‌ଶୀଘ୍ର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ନଦୀରେ ଭାସିଗଲେ ଯୁବକ

କୁଚିଣ୍ଡା,୧୦।୮ (ସମିସ): ଗୋଛରା ନଦୀରେ ଭାସି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଧୀନ ଜନକଡିହିପଡ଼ାର ବାନ୍ଦନା ମୁଣ୍ଡା(୩୫)। ସୂଚନାନୁଯାୟୀ, ବାନ୍ଦନା ଓ ସୁଲେମାନ ମୁଣ୍ଡା (୪୦) ଆଜି ଅପରାହ୍ଣରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନଦୀର ପ୍ରଖର ସ୍ରୋତରେ ବାନ୍ଦନା ଭାସି ଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ସୁଲେମାନ ବହୁ ଚେଷ୍ଟା କରିଥିଲେ ହେଁ ବଞ୍ଚାଇ ପାରିନଥିଲେ। ଖବର ପାଇ ଗ୍ରାମବାସୀ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। କୁଚିଣ୍ଡା ଦମକଳବାହିନୀ ନଦୀ ଗର୍ଭରେ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ବାନ୍ଦନାଙ୍କ ଖୋଜଖବର ମିଳିନଥିଲା।

### ଚିକିତ୍ସା ବଦଳରେ ଘରକୁ ପଠାଇଦେଲେ

## ଦଶମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ

ବାରିପଦା/ଶୁଳିଆପଦା,୧୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ବ୍ୟାପକ ଅବହେଳାର ଆଉ ଏକ ଉଦାହରଣ ଆଜି ପଦାକୁ ଆସିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଅକାଳରେ ଜୀବନ ଯାଇଛି। ଶୁଳିଆପଦା ବ୍ଲକର କୁଜିଡିହି ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଅଘଟଣ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ପଥରନେସା ଗ୍ରାମର ଛାତ୍ରୀ ରୀନା ମୁର୍ମୁ (୧୫)। ସେ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ୩ ଦିନ ତଳେ ଏହି ଘଟଣା ଘଟିଥିବାବେଳେ କର୍ତ୍ତୃପକ୍ଷ ଏହାକୁ ଚାପିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ସମ୍ପୃକ୍ତ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିବା ପ୍ରଧାନଶିକ୍ଷକଙ୍କୁ କୈଫିୟତ ମାଗିବା ପରେ ଘଟଣା ପଦାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକଙ୍କ ଖାମଖିଆଲୀ ନୀତି ଯୋଗୁଁ ଛାତ୍ରୀ ମୃତ୍ୟୁ ଓ ଆତ୍ମହତ୍ୟା ଉଦ୍ୟମ ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ବିଭାଗୀୟ କାର୍ଯ୍ୟକଳାପକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି।



ସୂଚନାନୁଯାୟୀ, ରୀନାଙ୍କୁ କିଛି ଦିନ ତଳେ ଜ୍ୱର ହୋଇଥିଲା। ଏ ସଂପର୍କରେ ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିବା ପରିବର୍ତ୍ତେ ଜୁଲାଇ ୨୬ରେ ଘରକୁ ପଠାଇ ଦେଇଥିଲେ। ଏହା ବିଭାଗୀୟ ନିୟମର ଉଲ୍ଲଂଘନ। ଅଧ୍ୟୟନରତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଶରୀର ଅସୁସ୍ଥ ହେଲେ ସ୍କୁଲ କର୍ତ୍ତୃପକ୍ଷ ଶେଷ ଚିକିତ୍ସା ପର୍ଯ୍ୟନ୍ତ ଦାୟିତ୍ୱବହନ କରିବା କଥା। କିନ୍ତୁ, ଅସୁସ୍ଥ ଛାତ୍ରୀଙ୍କୁ ଘରକୁ ପଠାଇଦେବାରୁ ଗରିବ ବାପାମାଆ ସଠିକ ଭାବରେ ଚିକିତ୍ସା କରିନଥିଲେ। ଫଳରେ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଗତ ୮ ତାରିଖରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଛାତ୍ରୀଜଣଙ୍କ ଘରକୁ ଯିବା ପରେ ମଧ୍ୟ ହଷ୍ଟେଲ ଉପସ୍ଥାନ ଖାତାରେ ତାଙ୍କର ଉପସ୍ଥିତି ଦର୍ଶାଯାଇଥିଲା। ଏହି ସମୟ ମଧ୍ୟରେ ଛାତ୍ରୀଙ୍କ ଛାତ୍ରବୃତ୍ତି ଅର୍ଥ ମଧ୍ୟ ସମ୍ପୂର୍ଣ୍ଣ ଉପସ୍ଥାନ ଦେଖାଇ ବ୍ୟାଙ୍କରୁ ଟଙ୍କା ଉଠାଣ କରାଯାଇଛି। ମୃତ୍ୟୁ ଘଟିବା ପରେ ଦୋଷ ଲୁଚାଇବାକୁ ଯାଇ ଉପସ୍ଥାନ ଖାତାରେ ଇରେଜର୍ ଦ୍ୱାରା ଲିଭାଯାଇଛି। ଗୋଟିଏପଟେ ଅସୁସ୍ଥ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେବା ନଯୋଗାଇ ତାଙ୍କ ପାଇଁ ମିଳୁଥିବା ସୁବିଧା ସୁଯୋଗର ଅନିୟମିତତା ପାଇଁ ଏପରି ଘୃଣ୍ୟ କାର୍ଯ୍ୟ କରାଯିବାକୁ ନେଇ ଭଞ୍ଜସେନାର ଅଧ୍ୟକ୍ଷ ସଞ୍ଜୀବ ରାଉତ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ମଲ୍ଲିକଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।

**ଲାଞ୍ଚ ମାମଲା**

## ଖସି ଯାଉଛନ୍ତି 'ଦୁର୍ନୀତି ସାଥୀ'

■ ମାମଲା ରୁଜ୍ଜୁ ହେଉଛି; ଗିରଫ କରାଯାଉନାହିଁ
■ ତଦନ୍ତ ପରିସର ବାହାରେ ୫୦ରୁ ଊର୍ଦ୍ଧ୍ୱ ବାବୁଆଣୀ

ଭୁବନେଶ୍ୱର,୧୦।୮ (ସମିସ): ଆଇନ ଅନୁସାରେ ସ୍ୱାମୀଙ୍କ ସମ୍ପତ୍ତିରେ 'ଜୀବନ ସାଥୀ' କୁହାଯାଉଥିବା ସ୍ତ୍ରୀଙ୍କ ଭାଗ ଅଧା । ଗିରଫ ହେଉଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଠୁଳ କରିଥିବା ସମ୍ପତ୍ତିର ଏକ ବଡ଼ ଅଂଶ ନିଜ ପତ୍ନୀଙ୍କ ନାମରେ କରିଥିବା ପ୍ରମାଣ ମିଳୁଛି । ବ୍ୟକ୍ତିଗତ ଆୟର କୌଣସି ସୂତ୍ର ନ ଥାଇ ବି ଲାଞ୍ଚୁଆ ବାବୁଙ୍କ ପତ୍ନୀଙ୍କ ନାମରେ ବିପୁଳ ସମ୍ପତ୍ତି ଠାବ ହେଉଛି । ସ୍ୱାଭାବିକ ଭାବରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିବା ଓ ଲାଞ୍ଚ ନେବା ପଛରେ ପତ୍ନୀଙ୍କ ଭୂମିକା ଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରୁଛି। ଗତ ଦେଢ଼ ବର୍ଷ ମଧ୍ୟରେ ଲାଞ୍ଚ ଓ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ୫୦ ଅଧିକାରୀଙ୍କ ସହ ସେମାନଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ମାତ୍ର ବାବୁମାନେ ଗିରଫ ହୋଇ ଜେଲ୍ ଯାଉଛନ୍ତି ସିନା; ଆଜିଯାଏ ବାବୁଙ୍କ 'ଦୁର୍ନୀତି ସାଥୀ' ବୋଲାଉଥିବା ବାବୁଆଣୀଙ୍କ ମଧ୍ୟରୁ ଜଣକୁ ବି ଭିଜିଲାନ୍ସ ଗିରଫ କରିପାରି ନାହିଁ।

ଲାଞ୍ଚ, ଆୟବହିର୍ଭୁତ ସମ୍ପତ୍ତିଠୁଳ ମାମଲାରେ ଦୁର୍ନୀତିଗ୍ରସ୍ ବାବୁମାନଙ୍କ ସହ ତାଙ୍କ ପତ୍ନୀଙ୍କର ଭୂମିକା କିଛି କମ୍ ନୁହେଁ। ଅଧିକାଂଶ କ୍ଷେତ୍ରରେ ଲାଞ୍ଚୁଆ ବାବୁମାନଙ୍କ ଅଧିକାଂଶ ଜମି, ପ୍ଲଟ, ଘର ସବୁ ପତ୍ନୀଙ୍କ ନାମରେ ଥିବା ଦେଖାଯାଉଛି। ତେଣୁ ବାବୁମାନଙ୍କୁ ଦୁର୍ନୀତି କରିବାରେ ସେମାନଙ୍କ ପତ୍ନୀମାନେ ପ୍ରୋତ୍ସାହିତ କରୁଥିବା ସ୍ୱାଭାବିକ ବୋଲି କୁହାଯାଉଛି। ଯେଉଁମାନେ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଉଛି; କିନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କେବଳ ଭିଜିଲାନ୍ସ ମାମଲା ରୁଜୁ କରି ବସି ପଡୁଛି। ଚାର୍ଜସିଟରେ ଅଭିଯୁକ୍ତ ଅଧିକାରୀଙ୍କ ପତ୍ନୀଙ୍କ ନାମ ଦେଖିବାକୁ ମିଳୁନାହିଁ। ଗତ ଦେଢ ବର୍ଷରେ ୫୦ ଜଣ ସରକାରୀ ଅଧିକାରୀଙ୍କ ଦୁର୍ନୀତି ସାଥୀ କୁହାଯାଉଥିବା ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଇଛି, ହେଲେ ସେମାନଙ୍କ ମଧ୍ୟରୁ ଜଣକୁ ଗିରଫ କରାଯାଇ ନାହିଁ କିମ୍ବା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଜଣେ ଭିଜିଲାନ୍ସ ଅଧିକାରୀଙ୍କ ସୂଚନା ଅନୁସାରେ ସ୍ୱାମୀ ଡିଏ ମାମଲାରେ ଗିରଫ ହେଲେ ପତ୍ନୀଙ୍କ ନାମରେ ରୁଜୁ କରାଯାଉଛି। ସେମାନଙ୍କ ନାମରେ ଏକାଧିକ ସମ୍ପତ୍ତି ତଥା ପ୍ଲଟ୍ ଏବଂ ଟଙ୍କା ରହିଥିଲେ କାର୍ଯ୍ୟାନୁଷ୍ଠାନ କରାଯାଉଛି। ସ୍ୱାମୀର ମୃତ୍ୟୁ ପରେ ଏହି ମାମଲାରେ ମଧ୍ୟ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଛନ୍ତି ।

## ମହାନଦୀକୁ ଡେଇଁପଡ଼ିଲେ ମହିଳା

ସମ୍ବଲପୁର, ୧୦।୮ (ସମିସ): ଚାଉଁରପୁର ବ୍ରିଜ୍‌ରୁ ଆଜି ପୁଣି ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଅଗ୍ନିଶମ ବିଭାଗ ସଙ୍ଗେସଙ୍ଗେ ସର୍ଚ୍ଚ ଅପରେସନ୍ କରି ମାତ୍ର ୨୦ ମିନିଟ୍ ଭିତରେ ମହିଳାଙ୍କୁ ଜୀବିତ ଉଦ୍ଧାର କରିଛି। ମହିଳାଜଣଙ୍କ ହେଲେ, ସୁନାପାଲିର ପୁଷ୍ପାଞ୍ଜଳି ବାଗ।



ସୂଚନାନୁସାରେ, ପୁଷ୍ପାଞ୍ଜଳି ଆଜି ଅପରାହ୍ଣ ପ୍ରାୟ ଅଢ଼େଇଟା ବେଳେ ମହାନଦୀକୁ ଡେଇଁ ପଡ଼ିଥିଲେ। ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗର ୮ ଜଣିଆ ଏକ ଦଳ ତୁରନ୍ତ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ୨୦ ମିନିଟ ଭିତରେ ଉଦ୍ଧାରକାରୀ ଦଳ ତାଙ୍କୁ ଉଦ୍ଧାର କରି ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ପୁଷ୍ପାଞ୍ଜଳିଙ୍କ ବାପା ତାଙ୍କ ଶ୍ୱଶୁରଘର ଲୋକଙ୍କ ଉପରେ ସଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଶ୍ୱଶୁରଘର ଲୋକ ବିଭିନ୍ନ ସମୟରେ ଝିଅକୁ ନିର୍ଯାତନା ଦେଇ ଆସୁଥିଲେ। ରାକ୍ଷୀ ପୂର୍ଣ୍ଣିମା ପାଇଁ ଗତକାଲି ପୁଷ୍ପାଞ୍ଜଳି ବାପଘରକୁ ଯାଇ ରାତି ୮ଟା

■ ୨୦ ମିନିଟରେ ଜୀବିତ ଉଦ୍ଧାର କଲା ଅଗ୍ନିଶମ ବିଭାଗ
■ ପାରିବାରିକ କଳହର ପରିଣାମ: ମହିଳାଙ୍କ ବାପା

ବେଳେ ଫେରିଥିଲେ। ତେବେ ଆଜି ପୁଣି କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏ ସଂପର୍କରେ ପୁଷ୍ପାଞ୍ଜଳି ଫୋନ୍‌ରେ ତାଙ୍କର ଦୁଇ ଭାଇଙ୍କୁ କହିବା ସହ ତାଙ୍କ ଦୁଇ ପୁଅଙ୍କ କଥା ବୁଝିବାକୁ କହିଥିଲେ। ପରେ ସେ ମହାନଦୀକୁ ଡେଇଁ ପଡ଼ିଥିଲେ। ନିର୍ଯାତନାରେ ଅତିଷ୍ଠ ହୋଇ ଝିଅ ଏପରି ପଦକ୍ଷେପ ନେଇଥିବା ତାଙ୍କ ବାପା କହିଛନ୍ତି। ଟାଉନ୍ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣା

## ରାଇଘରରେ ବିଜେଡିର ୧୨ ଘଣ୍ଟିଆ ହରତାଳ ଆଜି

ଭୁବନେଶ୍ୱର,୧୦।୮ (ସମିସ): ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଛି ବିଜେଡି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡକରା ଦିଆଯାଇଛି। ଏହି ହରତାଳକୁ ସଫଳ ଏବଂ ସହଯୋଗ କରିବା ପାଇଁ ରାଇଘର ବ୍ଲକବାସୀଙ୍କୁ ନବରଙ୍ଗପୁର ବିଜେଡି ଅନୁରୋଧ କରିଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ଯାନବାହନ ଚଳାଚଳ, ସ୍କୁଲ୍, କଲେଜ ଗୁଡ଼ିକ ୧୨ ଘଣ୍ଟିଆ ହରତାଳରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଏହି ହରତାଳ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ବିଜେଡିର ଅଭିଯୋଗ ଅନୁଯାୟୀ ରାଜ୍ୟ ବିଜେପି ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତିଦିନ ନାରୀ ନିର୍ଯାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ତେଣୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ। ଏହା ସହିତ ରାଇଘର ନର୍ସିଂ ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଦଳ ପକ୍ଷରୁ ଦାବି କରାଯାଇଛି। ଯେତେଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନାରୀ, ଛାତ୍ରୀ, ନାବାଳିକା ସୁରକ୍ଷିତ ହେବେ ନାହିଁ, ବିଜେଡି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରିବ।

### ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା

## ସାମ୍ବାଦିକଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ବାଲେଶ୍ୱର/ନୀଳଗିରି, ୧୦।୮ (ସମିସ): ଚିକିତ୍ସା ବେଳେ ହସ୍ପିଟାଲରେ ଜଣେ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା ଜଣେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହି ମାମଲାର ବିଚାର କରି ମାନବାଧିକାର ଆୟୋଗ ପୀଡ଼ିତ ସାମ୍ବାଦିକ ଲକ୍ଷ୍ମୀଧର ଦଳେଇଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଆସନ୍ତା ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅର୍ଥ ପରବର୍ତ୍ତୀ ସମୟରେ ହାବିଲଦାର ଚିତ୍ତରଞ୍ଜନ ସିଂ ଓ ଆଇଓ ସୁବର୍ଣ୍ଣା ବେହେରାଙ୍କଠାରୁ ଭରଣା କରାଯିବ ବୋଲି ଆୟୋଗ କହିଛନ୍ତି।

**ଭରଣା କରିବେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀ**

ସୂଚନାନୁଯାୟୀ, ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଗତ ୨୦୨୨ ଏପ୍ରିଲ ୪ ତାରିଖରେ ଏକ ଖବର ସଂଗ୍ରହ ପାଇଁ ଯାଉଥିବା ବେଳେ ଗୃହରକ୍ଷୀ ନିରଂଜନ ରଣା(୬୨) ତାଙ୍କୁ ଧକ୍କା ମାରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ପରେ ଗୃହରକ୍ଷୀ ଶ୍ରୀ ରଣା ଏ ସଂପର୍କରେ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ନୀଳଗିରି ଆଇଆଇସି ଦ୍ରୌପଦୀ ଦାସ ସେହି ମାସ ୬ ତାରିଖରେ ଲୋକନାଥଙ୍କୁ ଗିରଫ କରିଥିଲେ। ଲୋକନାଥ ମଧୁମେହ ଓ ଉଚ୍ଚରକ୍ତ ଚାପରେ ପୀଡ଼ିତ ଥିବାରୁ ପୁଲିସ ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ହଠାତ୍ ରାତିରେ ଗୋଡ଼ରେ ବେଡି ପକାଇ ଦେଇଥିଲେ। ଉକ୍ତ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏପରିକି ଦଳଗତ ନିର୍ବିଶେଷରେ ନୀଳଗିରି ବନ୍ଦ କରାଯାଇଥିଲା। ଏନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓ ଜୟକୃଷ୍ଣ ମହାନ୍ତି ମାନବାଧିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ।

**ଅବଢ଼ା ଦର ତାଲିକା**

## ଘୋଷଣା ହେଉଛି; ତତ୍ପରତା ନାହିଁ

ପୁରୀ, ୧୦।୮ (ସମିସ): ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଲାଗି ବିଭିନ୍ନ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ତାହା କାର୍ଯ୍ୟକାରୀ କରିବା ଦିଗରେ ବିଶେଷ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ନିଷ୍ପତ୍ତି କେବଳ ଘୋଷଣାରେ ହିଁ ସୀମିତ ରହିଯାଉଛି। ମହାପ୍ରସାଦ ଦର ତାଲିକା ଲଗାଯିବା ପାଇଁ ବର୍ଷେ କି ଦୁଇବର୍ଷ ନୁହେଁ, ୭ ବର୍ଷ ତଳୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରୀକ୍ଷାମୂଳକ ଭାବେ ଥରେ ଅବଢ଼ା ପ୍ରସ୍ତୁତ କରାଯାଇ କେଉଁ ବାବଦରେ କେତେ ଖର୍ଚ୍ଚ ହେଉଛି, ତାହାକୁ ପରଖିଥିଲେ ଅଧିକାରୀ। ଏହାପରେ ବି ଦର ଧାର୍ଯ୍ୟ ହୋଇପାରିନାହିଁ କି ତାଲିକା ଲାଗିପାରିଲା ନାହିଁ। ଏବେ ପୁଣି ସେହି ସ୍ୱର ଉଠିଛି। ଗତ ୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ସୁଆରମହାସୁଆର ନିଯୋଗ ସହିତ ଆନନ୍ଦବଜାର ଶୃଙ୍ଖଳା ପାଇଁ ବୈଠକ କରିଥିଲା। ସେଥିରେ ଅବଢ଼ା ଦର ତାଲିକା ଲାଗିବା ପାଇଁ ନିଷ୍ପତ୍ତି ହୋଇଛି। ମୁଖ୍ୟ ପ୍ରଶାସକ ମଧ୍ୟ ଏହା ଘୋଷଣା କରିଛନ୍ତି। ହେଲେ ଏହା କେବେଠାରୁ କାର୍ଯ୍ୟକାରୀ ହେବ, ସେନେଇ କିଛି ସ୍ପଷ୍ଟତା ଆସି ନଥିବା ବେଳେ ଏହା ଲାଗୁ ହେଲେ ସାଧାରଣ ଭକ୍ତ ମହାପ୍ରସାଦ କିଣିବା କଷ୍ଟକର ହୋଇପଡ଼ିବ ବୋଲି ଅନେକ ଆଶଙ୍କା କରୁଛନ୍ତି।

ଶୃଙ୍ଖଳିତ ହେବ ଆନନ୍ଦବଜାର। କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବା ବେଳେ ଦରକୁ ନେଇ କାହା ମନରେ ଯେପରି କୌଣସି ପ୍ରକାର ଭାବନା ନ ଆସିବ, ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ତେଣୁ ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ।



୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ସୁଆର ମହାସୁଆର ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ଏହାବ୍ୟତୀତ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ରକ୍ଷା କରାଯିବ, ମହାପ୍ରସାଦ ବିକ୍ରି କେଉଁଭଳି ସୁବ୍ୟବସ୍ଥିତ ହେବ, ସେଥିପାଇଁ ମଧ୍ୟ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ଏହାକୁ ନେଇ ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବର ୧୬ରେ ପୁନଶ୍ଚ ବୈଠକ ବସି ଏଥିପାଇଁ ଥରେ ଅବଢ଼ା ରୋଷେଇ କରାଯିବ। ଏଥିଲାଗି ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ମନ୍ଦିର ପ୍ରଶାସନ ଯୋଗାଇଦେବ। କୋଠ ରୋଷରେ ଏହା ରୋଷେଇ ହେବ। ଦେଉଳକରଣ ଏବଂ ସୁପରଭାଇଜର ନିରୀକ୍ଷଣ କରିବେ। ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା। ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ।

ରୋଷେଇ ହେବାର ଅଢ଼େଇ ବର୍ଷ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ଏପରିକି, ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଏବଂ ଆକ୍ରମଣ ମଧ୍ୟ କରାଯାଇଛି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ପରେ ଆହୁରି କିଛି ସେହି ପଦବୀ ରହି ବଦଳି ହୋଇଗଲେଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା, ଶ୍ରୀମନ୍ଦିର ପ୍ରଶାସନ କାହିଁକି ନିଷ୍ପତ୍ତି ନେଇପାରୁନି? ନା ସୁଆର ସେବାୟତଙ୍କ ଆଗରେ ଅସହାୟ ହୋଇପଡ଼ିଛି। ଏମିତି ପ୍ରଶ୍ନ ଏବେ ଭକ୍ତଙ୍କ ମହଲରେ ଉଙ୍କି ମାରିଥିବା ବେଳେ ଗତ ୫ ତାରିଖ ବୈଠକରେ ପୁନଶ୍ଚ ଅବଢ଼ା ଦର ତାଲିକା ପ୍ରସଙ୍ଗ ଉଠିଥିଲା। ଏଥିରେ ଦର ତାଲିକା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ଏହି ତାଲିକା ଲାଗିଲେ ବାସ୍ତବରେ ଭକ୍ତଙ୍କ ପାଇଁ ଭଲ ହେବ ନା ଅଧିକ ଆର୍ଥିକ ବୋଝ ପଡ଼ିବ, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହାଦ୍ୱାରା ସାଧାରଣ ଭକ୍ତଙ୍କ ପାଇଁ ଅବଢ଼ା କିଣିବା କଷ୍ଟକର ହୋଇପଡ଼ିବ ବୋଲି କୁହାଯାଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଦରଧାର୍ଯ୍ୟ ପୂର୍ବରୁ ଏ ଦିଗ ପ୍ରତି ଧ୍ୟାନ ଦେବା ଦରକାର ବୋଲି ଭକ୍ତଙ୍କ ମହଲରେ ଆଲୋଚନା ହେଉଛି।

## କୁକୁର କାମୁଡ଼ାରେ ଦୁଇ ମୃତ





ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ କୁକୁର କାମୁଡ଼ାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। କୁକୁର କାମୁଡ଼ିବା ପରେ ଉଭୟଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ବିଳମ୍ବିତ ରାତିରେ ଉଭୟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଯୁବକଦ୍ୱୟ ହେଲେ, ତୁଷୁରା ଥାନା ଚିତେଡ ଗାଁର ମିଥୁନ ରଣା ଓ ଯୋଗେନ୍ଦ୍ର ଛତ୍ରିଆ। ଗତ ଜୁଲାଇ ୨୩ ତାରିଖରେ ଗାଁରେ ଏକ କୁକୁର ଏକାଧିକ ଲୋକଙ୍କୁ କାମୁଡ଼ିଥିଲା। ସମସ୍ତଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ମିଥୁନ ଓ ଯୋଗେନ୍ଦ୍ରଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ଯୋଗେନ୍ଦ୍ର ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ସେ ଜଣେ ଜାତୀୟସ୍ତରର ଭିନ୍ନକ୍ଷମ ଖେଳାଳି ବୋଲି ଜଣାପଡ଼ିଛି। ଏହି ଦୁଇଜଣଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

● କଲମ ପକ୍ଷରୁ 'ଭାଷାର୍ ଲାଗି ଭାବର୍ ଭେଟ୍'

## ଯୋଗ ଦେଲେ ବାଲେଶ୍ୱରର ୪୧ ଜଣ କବି




ସମ୍ବଲପୁର,୧୦।୮(ସମିସ): କଲମ ପରିବାର ଟ୍ରଷ୍ଟ ସମ୍ବଲପୁର ପକ୍ଷରୁ ସମ୍ବଲପୁର ଓ ବାଲେଶ୍ୱର ଜିଲ୍ଲାର କବିଙ୍କୁ ନେଇ 'ଭାଷାର୍ ଲାଗି ଭାବର୍ ଭେଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଷାଗତ ଭାବେ ମିଳନ ଏକ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ସମ୍ବଳିକ ଭବନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଟ୍ରଷ୍ଟର ସମ୍ପାଦକ ଖେତ୍ରମଣି ବିଭାର୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଓିଆ ଭାଷା ବିକାଶ ଆନ୍ଦୋଳନ ବାଲେଶ୍ୱରର ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅତିଥି ଭାବେ ଯୁଗ୍ମ ସମ୍ପାଦକ କୁମର ନାଥ ପାତ୍ର, ସଂଗଠନ ସମ୍ପାଦକ ତପନ ରାୟ ଏବଂ କମଲ ଟ୍ରଷ୍ଟର ଉପ ସଭାପତି ଜୟକୃଷ୍ଣ ବେହେରା ଯୋଗ ଦେଇଥିଲେ। ଟ୍ରଷ୍ଟ ସଭାପତି ତପିଲୁଲ ହୁସେନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଓ ବାଲେଶ୍ୱର ମଧ୍ୟରେ ରହିଥିବା ସାହିତ୍ୟିକ ସମ୍ପର୍କକୁ ନେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱରରୁ ଆସିଥିବା ୪୧ ଜଣ କବିଙ୍କ ସହ ସମ୍ବଲପୁର ଜିଲ୍ଲାର ଅନେକ କବି ଯୋଗ ଦେଇଥିଲେ। ପରେ ନିମନ୍ତ୍ରିତ କବି ସମ୍ବଲପୁରୀ ଓ ଓଡିଆରେ କବିତା ପାଠ କରିଥିଲେ। ସମ୍ବଲପୁରର ମୋହିନୀ ହୋତା, ଅନନ୍ୟା ବେହେରା, ଡ. ସୁଧାଂଶୁ ଭୂଷଣ ଷଣ୍ଢ, ପ୍ରଣତି ମହାପାତ୍ର, ସାବିତ୍ରୀ ପୁରୋହିତ, ଲଳିତ ମୋହନ ବେବର୍ତ୍ତା, ବବଲୁ ବାଗ, ବାଲେଶ୍ୱରର ଡ. ରତ୍ନାକର ଷଡ଼ଙ୍ଗୀ, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, ଅର୍ଚ୍ଚନା ନନ୍ଦୀ, ଶାନ୍ତିଲତା ପଣ୍ଡା, ଜ୍ୟୋତ୍ସା ରାୟ, ପ୍ରତିମା ପଣ୍ଡା ଏବଂ ଦୀପକ ଘୋଷ ପ୍ରମୁଖ କବିତା ପାଠ କରିଥିଲେ। ଉପଦେଷ୍ଟା ଶଙ୍କର ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱଭାବକବି ଗଙ୍ଗାଧରଙ୍କ ଜୟନ୍ତୀ

ରେଢ଼ାଖୋଲ,୧୦।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଖନ୍ଦାପିପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚଖଣ୍ଡା କଳା ପରିଷଦ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିଙ୍କ ଗଙ୍ଗାଧର ମେହେରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଞ୍ଚଖଣ୍ଡା କଳା ପରିଷଦର ସଭାପତି ମହାବୀର ସିଂହ ଦେଓଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଧପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମାହାର , ସମ୍ମାନିତ ଅତିଥି ଭାବେ ଆଇନଜୀବି ମୁଖ୍ୟବନ୍ଧୁ ଉମାକାନ୍ତ ମହାନନ୍ଦ ଉପସ୍ଥିତ ଥିଲେ। ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଦିନ ସ୍ୱଭାବ କବି ଗଙ୍ଗାଧର ମେହେର ଓଡିଶା ମାଟିରେ ଜନ୍ମ ଗ୍ରହଣ କରିଥିଲେ। ଏହି ଶ୍ରାବଣ ପୂର୍ଣ୍ଣିମା ଏବଂ ରକ୍ଷାବନ୍ଧନ ଦିନରେ ଗଙ୍ଗାଧରଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରକୃତି ଚିତ୍ର ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଥିବାରୁ ତାଙ୍କୁ ସ୍ୱଭାବ କବି ଭାବରେ ପରିଚିତ ମିଳିଛି। କଳା ପରିଷଦର ସଦସ୍ୟ ସିଂହାର କେଶରୀ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଚନ୍ଦ୍ରହାଶ ପ୍ରଧାନ, ଆଲୋକ ମହାରଥା, ହେମନ୍ତ ସ୍ୱାଇଁ, ବିନୋଦ ପୁଲେଇ, ସଂଜୀବ ବିଶ୍ୱାଳ,ଅନୁଭବ ସିଂହ ଦେଓ,ଅଜୟ ଭିଡିରିଆ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ଆଦିବାସୀ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ

ରେଢ଼ାଖୋଲ,୧୦।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ସନ୍ଥକବି ଭୀମଭୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଭୀମଭୋଇଙ୍କୁ ରାଖୀବାନ୍ଧି ରେଢ଼ାଖୋଲ ଆଦିବାସୀ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି। ସଂଘର ସଭାପତି ବସନ୍ତ ନାଏକଙ୍କ ନେତୃତ୍ୱରେ ସହରସ୍ଥିତ ବରପୁତ୍ର ଗୋପବନ୍ଧୁ ଦାସ, ଡ଼ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ କରାଯାଇଥିଲା। ଆଦିବାସୀ ସଂଘର ପ୍ରଭାତ ପଟ୍ଟା, ଅମରେଶ ନାଏକ, ରାମ ସିଂ, କୋହାନ ଲାକଡା, ଭ୍ରମର କିଶାନ, ନନ୍ଦ ମିରି, ଜଗେଶ୍ୱର ମାଝୀ, ନନ୍ଦ କିଶୋର ମାଝୀ, ରାଜେଶ ନାଏକ, ସତ୍ୟବାନ ନାୟକ, ପେଟୁ ନାୟକ, ସୁରୁବାବୁ ନାୟକ, ରାକେଶ ମାଝୀ, ସୋନୁ ନାୟକ, ବୈରାଗୀ ବେହେରା, ସଂସାର ନାୟକ, ସୁଜିତ୍ ନାଏକ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ।

## ଷ୍ଟେସନ ଯାଞ୍ଚ କଲେ ମଣ୍ଡଳ ରେଳ ପ୍ରବନ୍ଧକ

ସମ୍ବଲପୁର,୧୦।୮(ସମିସ): ସମ୍ବଲପୁର ମଣ୍ଡଳର ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଶନିବାର ସମ୍ବଲପୁର ରେଳ ଷ୍ଟେସନର ପଞ୍ଚଣ୍ଡି ବ୍ୟାପକ ଯାଞ୍ଚ କରିଛନ୍ତି। ଯାତ୍ରୀ ସୁବିଧା, ଭିତ୍ତିଭୂମି ସୁବିଧା ଏବଂ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଷ୍ଟେସନ ପୁନଃବିକାଶ ପ୍ରକଳ୍ପଗୁଡ଼ିକର ସମୟସୀମା ସମାପ୍ତି ସୁନିଶ୍ଚିତ କରିବା ସହିତ ସେବା, ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତାର ଉଚ୍ଚ ମାନ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ପ୍ଲାଟଫର୍ମ, ଟ୍ରାକର ଆଲୋକୀକରଣ ବ୍ୟବସ୍ଥାର ସ୍ଥିତି ଯାଞ୍ଚ କରିଥିଲେ। ଯାତ୍ରୀମାନଙ୍କୁ ଠିକ୍ ସମୟରେ, ସଠିକ ସୂଚନାର ପ୍ରସାରଣକୁ ସୁନିଶ୍ଚିତ କରିବା ପାଇଁ କୋଚ୍ ଇଣ୍ଡିକେସନ୍ ବୋର୍ଡ, ଟ୍ରେନ୍ ଇଣ୍ଡିକେସନ୍ ବୋର୍ଡ ଏବଂ ଅନ୍ୟାନ୍ୟ ସାଇନେଜ୍‌ର କାର୍ଯ୍ୟଦକ୍ଷତା ମଧ୍ୟ ଯାଞ୍ଚ କରାଯାଇଥିଲା। ଶ୍ରୀ ଚୌଧୁରୀ ଅଧିକାରୀମାନଙ୍କୁ ଏହି କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ସହିତ ସୁରକ୍ଷା ଏବଂ ଗୁଣାତ୍ମକମାନକୁ କଡ଼ାକଡ଼ି ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ।

ପୁରୁଣାପାଣି ଆଦିବାସୀ ଛାତ୍ରାବାସ ଜରାଜୀର୍ଣ୍ଣ

# ଦୁର୍ବିସହ ଜୀବନ ବିତାଉଛନ୍ତି ଆଦିବାସୀ ଛାତ୍ର

କୁଚିଣ୍ଡା,୧୦।୮(ସମିସ)




କୁଚିଣ୍ଡା ଆଇଟିଡିଏ ପକ୍ଷରୁ ନିର୍ମିତ ୧୦୦ଶର୍ଯ୍ୟା ବିଶିଷ୍ଟ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଚିଣ୍ଡାଙ୍କ ଅଧୀନରେ ପରିଚାଳିତ ଛାତ୍ରାବାସଗୁଡ଼ିକ ଅତି ଦୟନୀୟ। ଏଠାକାର ଛାତ୍ରାବାସ କୋଠରୀ ଗୁଡ଼ିକ ରେ ବିଭିନ୍ନ ସ୍ଥାନରୁ ପାଣି ଝରୁଥିବା ବେଳେ ଛାତ୍ରମାନେ ଶୋଇବା ସହ ପାଠ ପଢିବାରେ ମଧ୍ୟ ନାନା ବାଧା ଉପୁଜୁଛି। ଉପରୁ ପାଣି ଝରି ଶୋଇବା ସ୍ଥାନରେ ପଡୁଛି। ଛାତ୍ରାବାସରେ ୪୦ ଶର୍ଯ୍ୟା ସହ ବର୍ତ୍ତମାନ ଛାତ୍ରାବାସରେ ୧୧୧ଜଣ ଛାତ୍ର ବହୁ ଦୂରଦୂରାନ୍ତରୁ ଆସି ରହି ପଢ଼ୁଛନ୍ତି। ଏମାନଙ୍କ ପାଇଁ ସରକାରୀସ୍ତରରେ ରହିବା ,ଖାଇବା ଓ ପଢିବା ସମ୍ପୂର୍ଣ୍ଣ ମାଗଣା ବ୍ୟବସ୍ଥା ରହିଛି। ଅନ୍ତେବାସୀଙ୍କ ପାଇଁ ୨ ଜଣ ରୋଷେୟା ରହିଛନ୍ତି। ମାତ୍ର ପରିତାପର ବିଷୟ ଛାତ୍ରାବାସ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପାଇଖାନା ଗୁଡିକ କେବେଁ କାଳରୁ ସଫା କରାଯାଇନାହିଁ ,ଗାଧୁଆ ଘର ଭିତରେ ପାଣି ନିଷ୍କାସନ ହୋଇ ନପାରି ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଗାଧୁଆ ଘରକୁ ପାଇପ ସଂଯୋଗ ହୋଇଥିଲେ ବି ପାଇପ ଭାଙ୍ଗି ଯାଇ ପାଣି ବାହାରୁ ନାହିଁ। ଏତେ ପିଲାଙ୍କ ପାଇଁ ପାଇଖାନା ଥିଲେ ବି ଏବେ ବି ପିଲା ବାହାରେ ଶୌଚ କରୁଛନ୍ତି। ପାଇଖାନା ଟାଙ୍କି ବହୁ ଦିନରୁ ଭର୍ତ୍ତି ହୋଇ ଦୁର୍ଗନ୍ଧ ପାଣି ବାହାରି ଛାତ୍ରାବାସ ପଛ ପଟେ ଜମି ରହିଛି। ଛାତ୍ରଙ୍କ କହିବା ଅନୁସାରେ ଦିନେ ବି ବ୍ଲିଚିଂ କିମ୍ବା ଫିନାଇଲ ପକାଯାଉନାହିଁ। ଫଳରେ ଗାଧୋଇବା ପାଇଁ ଉପଯୁକ୍ତ ସ୍ଥାନ ବା ଗାଧୁଆ ଘର ଉପରେ ନିର୍ଭର ନକରି ବାହାରେ ଥିବା ଏକ ଅପରିଚ୍ଛନ୍ନ ଟଙ୍କୀ ଉପରେ ଗାଧୋଇବା ସହ କପଡା ସଫା କରୁଛନ୍ତି। ଖାଇବା କଥା ନକହିବା ଭଲ ,କାରଣ ଲେଖା ହୋଇଛି ଦୈନିକିକ ଜଳଖିଆ ଠାରୁ ରାତ୍ରି ଭୋଜନ ପର୍ଯ୍ୟନ୍ତ ହେଲେ ସେ ସବୁ ଦେବାରେ ମଧ୍ୟ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଅବହେଳା କରୁଛନ୍ତି। ଅଭିଯୋଗ କଲେ ଛାତ୍ରଙ୍କୁ ମିଳୁଛି ନିର୍ଯାତନା ଏବଂ ଟିସି ଦେଇ ଦେବାର ଧମକ। ଗତ କିଛି ଦିନ ତଳେ ଛାତ୍ରମାନଙ୍କ ପ୍ରତି ହେଉଥିବା ଅବହେଳା ନିର୍ଯାତନା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଟିସି ଦେବା ଧମକକୁ ନେଇ କିଛି ଛାତ୍ର ଆସି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାଁଙ୍କ ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କୁଚିଣ୍ଡା ଆଇଟିଡିଏ ,ଏଡିବ୍ଲ୍ୟୁ ,ବିଇଓଙ୍କ ସହ ଉପଖଣ୍ଡ ପ୍ରଶାସନ ଗୁରୁତ୍ୱ ଦେଇ ଛାତ୍ରାବାସ ଗୁଡିକ ପରିଦର୍ଶନ କଲେ ଆହୁରି ଅନେକ ତଥ୍ୟ ପଦାକୁ ଆସିବ ବୋଲି ଜନସାଧାରଣରେ ଦାବି ହେଉଛି।

● ଡିମିରିମୁଣ୍ଡା ବନିତା ହତ୍ୟା ଘଟଣାରେ ୨ ଗିରଫ

## ପୁରୁଣା ସମ୍ପର୍କରେ ବିବାଦପ୍ରତିଶୋଧରୁ ହତ୍ୟା



କୁଚିଣ୍ଡା,୯।୮(ସମିସ): ଡିମିରିମୁଣ୍ଡା ବନିତା ମହାକୁଡଙ୍କ(୫୦) ହତ୍ୟା ମାମଲାରେ କୁଚିଣ୍ଡା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ମୃତଦେହ ୩ ତାରିଖ ସକାଳେ ଗୁଡେନ୍ ଗୁଡ଼ା ନିକଟରେ ମିଳିଥିଲା। ୩ ତାରିଖ ସକାଳେ ବନିତା ମହାକୁଡଙ୍କ ପୁଅ ସଞ୍ଜିତ ମହାକୁଡ ତାଙ୍କ ବନ୍ଧୁଠାରୁ ଫୋନ୍‌ରେ ଖବର ପାଇଥିଲେ ଯେ ତାଙ୍କ ମା'ଙ୍କ ରାସ୍ତା ପାଖରେ ମୃତ ଅବସ୍ଥାରେ ପଡିଛନ୍ତି। ସେ ତୁରନ୍ତ ସ୍ଥଳରେ ପହଞ୍ଚି, ଦେଖିଲା ବେଳେକୁ ସତ କୁ ସତ ମୃତଦେହ ରାସ୍ତା କଡ଼ରେ ପଡ଼ିଥିବା ଖବର ପାଇଥିଲେ। ସେଠାରେ ପହଞ୍ଚି ମୃତଦେହ ଦେଖି କୁଚିଣ୍ଡା ପୁଲିସକୁ ଖବର ଦେଇଥିଲେ। କୁଚିଣ୍ଡା ଏସ୍‌ଡିପିଓ ଓ କୁଚିଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରେ ରଖି, ଆଇଜି (ଉତ୍ତର) ସମ୍ବଲପୁର ହିମାଂଶୁ ଲାଲଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଦଳ ଗଠନ ହୋଇଥିଲା। ଏସ୍‌ଡିପିଓ ପ୍ରଦୀପ କୁମାର ଦାସ,କୁଚିଣ୍ଡା ଆଇଆଇସି ବାମଦେବ ଶଶ୍ମୀଅଲ, ଜମନକିରା ଆଇଆଇସି ପଦ୍ମଲୋଚନ ସାହୁଙ୍କ ସହିତ ମୋଟ ୮ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତରେ ଜଣାପଡିଛି, ମନୋଜ କୁମାର ଜେଟ୍ଟୁ (୬୦) ତାଙ୍କ ସହକାରୀ ଅରକ୍ଷିତ ମାଝୀ (୨୮)ଙ୍କ ସହିତ ମିଶି ୨ ତାରିଖ ଦିନ ରାତିରେ ହତ୍ୟା ଯୋଜନା କରିଥିଲେ। ଜଣାପଡିଛି ଯେ ଗତ କିଛି ବର୍ଷ ହେଲା ମହୁଲଡିହିର ମନୋଜ ଜେଟ୍ଟୁ ମୃତ ମହିଳାଙ୍କ ସହିତ ସମ୍ପର୍କ ରଖିଥିଲେ। ତାଙ୍କୁ ଜୀବିକାନିର୍ବାହ ପାଇଁ ଆର୍ଥିକ ସହାୟତା କରୁଥିଲେ। କିନ୍ତୁ ତିନି ମାସ ତଳେ ସେମାନଙ୍କ ମଧ୍ୟରେ ବିବାଦ ହୋଇଥିଲା । ଏହା ପରେ ମହିଳା ଜଣଙ୍କ ତାଙ୍କ ସହିତ କୌଣସି ସମ୍ପର୍କ ରଖି ନଥିଲେ। ଯାହାକୁ ନେଇ ମନୋଜ ନିରାଶ ଏବଂ ଦୁଃଖିତ ଅବସ୍ଥାରେ ଥିଲେ। ହତ୍ୟାକାଣ୍ଡ ରାତିରେ ୨ଜଣ ମନୋଜ ଓ ଅରକ୍ଷିତ କଲଭର୍ଟ ଉପରେ ବସିଥିଲେ। ସେହି ସମୟରେ ବନିତା ବସରୁ ଓହ୍ଲାଇ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ଅରକ୍ଷିତ ପ୍ରଥମେ ତାଙ୍କୁ ଅଟକାଇ ଥିଲେ। ଏହି ସମୟର ମନୋଜ ବନିତାଙ୍କ ତଣ୍ଟିକୁ ଚାପି ଧରିବା ସହ ବନିତା ବସରୁ ଓହ୍ଲାଇ ସାହାଯ୍ୟରେ ତଣ୍ଟି ଚିପି ହତ୍ୟା କରି ଫୋପାଡି ଦେଇ ଫେରାର ମାରିଥିଲେ। କୁଚିଣ୍ଡା ପୁଲିସ ତଦନ୍ତ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଗିରଫ ପରେ ସବୁ ତଥ୍ୟ ଯୋଗାଡ କରି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ କୁଚିଣ୍ଡା ପୁଲିସ ପ୍ରକାଶ କରିଥିଲେ।

## କଂଗ୍ରେସର ଘରକୁ ଚାଲ ଅଭିଯାନର ଶୁଭାରମ୍ଭ



ସମ୍ବଲପୁର,୧୦।୮(ସମିସ): ଧନକଉଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କର୍ମକର୍ତ୍ତାଙ୍କୁ ନେଇ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଘରକୁ ଚାଲ ଅଭିଯାନର ଉଦ୍ଦେଶ୍ୟ ଓ ନୂତନ କର୍ମକର୍ତ୍ତା ଚୟନ ନେଇ ସୂଚନା ପ୍ରଦାନ କରିଥିଲେ। କର୍ମୀ କର୍ମକର୍ତ୍ତାଙ୍କ ଘରକୁ ଯାଇ ସେ ଅଞ୍ଚଳର ସ୍ଥାନୀୟ ସମସ୍ୟା ବୁଝି ଲୋକଙ୍କ ସେବା କିପରି ଅଧିକ କରାଯାଇ ପାରିବ ସେ ନେଇ ଡିସିସିର ପ୍ରସ୍ତାବିତ କାର୍ଯ୍ୟକ୍ରମ ଉପରେ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଧନୁ ନାଗ, ବାଲୁଙ୍କି କୁଆର,ଚିତ୍ରା ମହାନନ୍ଦ, ଈଶ୍ୱର ମେହେର,ଦୁଲାଳ ନାଗ,ଶତ୍ରୁଘ୍ନ ସୁରୁଜାଲ ସୁକାନ୍ତି ହରିପାଳ ପ୍ରହ୍ଲାଦ ତରିଆ, ଚେରୁ ଗଡତିଆ ମକର ହଜ ବାରିକ, ଲଳିତ ରାନକିତା, କେଶବ ପୋଡ଼, ରାଜ୍ୟ ଏସି ସେଲ୍ ସମ୍ପାଦକ ତାପସ କୁମାରଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନେତା ପ୍ରଦୀପ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପିସିସି ସମ୍ପାଦକ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଦିଲୀପ ଦୁରିଆ ଦଳକୁ ଅଧିକ ସଂଗଠିତ କରିବା ପାଇଁ ନିଜ ମତ ରଖିଥିଲେ। ବ୍ଲକ୍ ସଭାପତି ଚୟନ ନେଇ ଆଲୋଚନା ହୋଇଥିଲା। କଂଗ୍ରେସ ନେତା ବର୍ଣ୍ଣି ବାବୁ, ବୈଶ୍ୟଧର ନାୟକ, ଉତ୍ତମ ମେହେର, ଜ୍ୟୋତି ନାୟକ, ମାନସୀ ଭରାସାଗର,ଈଶ୍ୱର ମେହେର, ସୁବ୍ରତ ନାୟକ ବାପି ପୁରୋହିତ, ସୁନୀଲ ଭୋଇ, କୃଷ୍ଣ ନାୟକ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପଶ୍ଚିମାଞ୍ଚଳ ଏକତା ମଞ୍ଚର ରକ୍ଷା ବନ୍ଧନ

ସମ୍ବଲପୁର,୧୦।୮(ସମିସ): ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଚୋରାରେ ରବିବାର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକତା ମଞ୍ଚ ଏବଂ ଯୁବ ମଞ୍ଚର ସଦସ୍ୟଙ୍କ ପଶ୍ଚିମାଞ୍ଚଳ ନାରୀଶକ୍ତିର ସଦସ୍ୟା ରକ୍ଷାବନ୍ଧନ କରିବା ସହ ମଞ୍ଚ ଭିତରେ ରହିଥିବା ସଦଭାବ ଏବଂ ସୁ ସମ୍ପର୍କକୁ ଦୀର୍ଘଜୀବୀ କରିବାକୁ ଭାଇଙ୍କ ଠାରୁ ପ୍ରତିଶ୍ରୁତି ନେଇଥିଲେ। ନାରୀଶକ୍ତିର ସଦସ୍ୟାମାନେ



ନିଜ ଘରୁ ରାକ୍ଷୀ ଏବଂ ମିଷ୍ଟାନ ନେଇ ଆସିଥିବା ବେଳେ ସମ୍ବଲପୁରୀ ଚୋରାରେ ଉପସ୍ଥିତ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ପବିତ୍ର ସମ୍ପର୍କକୁ ପ୍ରମାଣିତ କରିଥିଲେ। ଆୟୋଜିତ ସମ୍ବଲପୁରୀ ଦିନର ଖର୍ଚ୍ଚ ଉପରେ ମଞ୍ଚର ଅର୍ଥ ସଂଯୋଜକ ଅମିତାଭ ମାଝୀ ହିସାବ ପ୍ରଦାନ କରିଥିଲେ।ସମ୍ବଲପୁର ଶାଖା ସଂଯୋଜକ କିଶୋର ଧରେଇଙ୍କ ଦ୍ୱାରା ପଶ୍ଚିମାଞ୍ଚଳ ନାରୀଶକ୍ତି ଏବଂ ପଶ୍ଚିମାଞ୍ଚଳ ଯୁବ ମଞ୍ଚର ସଦସ୍ୟା ସଦସ୍ୟଙ୍କ ସହ ସମ୍ବଲପୁରୀ ଦିନର ଅନ୍ୟ ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଙ୍କଜିନୀ ମେହେର, ଝୁନୁ ତ୍ରିପାଠୀ, କାନ୍ତା ମେହେର, ପଙ୍କଜିନୀ ବେଠାରୁ, ସ୍ୱସ୍ତିକା ନାୟକ, ଅଳକା ମହାପାତ୍ର, ଲଳିତା ଭୋଇ, ସୁଷମା ପ୍ରଧାନ, ସଂଘମିତ୍ରା ପଣ୍ଡା, ସୁଜାତା ଗୁରୁ, ପ୍ରଜ୍ଞା ପରିମିତା ସାହୁ, ଶୋଭାଗିନି ପଟେଲ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଭୂମିସୁତା ମେହେର, ଛବି ପତି, ଶ୍ରୀମଣି ସାହୁ, ରାକେଶ ସାଇଁ, ରାହୁଲ ଗୁପ୍ତା, ଦଶରଥ ମେହେର, ନିଶିକାନ୍ତ ବିଶାଲ, ପ୍ରଥମ ପଣ୍ଡା, ଡ. ସଂଘ ପ୍ରକାଶ ପଣ୍ଡା, ରାହୁଲ ମୋଦକ, ସୁବ୍ରତ ପ୍ରଧାନ, ହିମାଂଶୁ ସାହୁ, ଦେବୀ ପ୍ରସାଦ ଭୋଇ, ଆଲୋକ ସାହୁ, ଶଙ୍କର ମେହେର, ପ୍ରେସିଡ ପଣ୍ଡା, ଶୁଭମ୍ ସାହୁ, ଶିବା ନାଥ, ଅନିକେତ ସାହୁ, ପ୍ରେମ ସାହାଣୀ, ବିରଞ୍ଚି ନାୟକ, ଭବାନୀ ଶଙ୍କର ମେହେର, ସୁବୋଧ କୁମାର ଦୋରା, ମାନସ ରଞ୍ଜନ ବକ୍ସୀ, ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

■ କୁହାର ପରିବାର ଦିଲ୍ଲୀର ପ୍ରତିଷ୍ଠା ଦିବସ

## ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଜିତେନ୍ଦ୍ର ମିଶ୍ର ସମ୍ବର୍ଦ୍ଧିତ



ସମ୍ବଲପୁର,୧୦।୮(ସମିସ): କୁହାର ପରିବାର ଦିଲ୍ଲୀ ଆଜି ତାର ପ୍ରତିଷ୍ଠା ଦିବସ ପାଳନ କରିଛି। ରାଜଧାନୀର ମାଳବ୍ୟ ନଗର ଆର୍ଯ୍ୟ ସମାଜ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ସିନେ ପ୍ରଯୋଜକ ଜିତେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଶ୍ରୀ ପୁରୋହିତ କହିଥିଲେ ଯେ କୁହାର ପରିବାର ଦିଲ୍ଲୀ ବିଗତ ଅଢେଇ ଦଶନ୍ଧିରୁ ଅଧିକ ସମୟ ଧରି ପଶ୍ଚିମ ଓଡ଼ିଶା ମାଟିର ସଂସ୍କୃତି ପରମ୍ପରାକୁ ଦେଶର ରାଜଧାନୀରେ ପ୍ରଚାର ପ୍ରସାର କରୁଛି। ଶ୍ରୀ ପୁରୋହିତ ୭୧ତମ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଜିତେନ୍ଦ୍ର ମିଶ୍ରଙ୍କୁ କୁହାର ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। କୁହାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଅନୁପମ ମିଶ୍ର ସଂଯୋଜନା କରିଥିଲେ। ବରିଷ୍ଠ ସଭ୍ୟ ବାସୁଦେବ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି କୁନ୍ତଳା ଭୋଇ, ସମ୍ପାଦକ ମାନସ ରଞ୍ଜନ ମିଶ୍ର ମଧ୍ୟ ମଞ୍ଚାସୀନ ଥିଲେ। ପ୍ରତିଷ୍ଠା ଦିବସ ଅବସରରେ ସକାଳୁ ମଦନ ମୋହନ ମାଳବ୍ୟ ପାର୍କରେ ଅନୁଷ୍ଠାନ ପକ୍ଷରୁ ୧୦୦ଟି ଚାରାରୋପଣ କରାଯାଇଥିଲା। ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ମାଳବ୍ୟନଗରର ବିଧାୟକ ସତୀଶ ଉପାଧ୍ୟାୟ ଯୋଗ ଦେବା ସହ କର୍ପୋରେଟର ଲୀନା କୁମାର ପରିବାରର ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ଡିଳେଇମାଲରେ ବିଶ୍ୱ ଆଦିବାସୀ ଦିବସ

ଜମନକିରା,୧୦।୮(ସମିସ): ଫାଶିମାଲ ପଞ୍ଚାୟତ ଡିଳେଇମାଲ ଗ୍ରାମରେ ବିଶ୍ୱ ଆଦିବାସୀ ଦିବସ ମହିଳା ଜନ ସଂଘର୍ଷ ସମିତି ଜମନକିରା ଦ୍ୱାରା ପାଳନ କରାଗଲା। ଆୟୋଜିତ ସଂଗଠନର ଜିଲ୍ଲା ସଂଯୋଜକ ପରଦେଶୀ ମିର୍ଦ୍ଧା ବିଶ୍ୱ ଆଦିବାସୀ ଦିବସ ପାଳନ ଆଦିବାସୀଙ୍କ ପରମ୍ପରା, ଭାଷା, ସଂସ୍କୃତି ଏବଂ ଅଧିକାର ସଂରକ୍ଷଣ କରିବା ସହିତ ଜଳ, ଜମି ଏବଂ ଜଙ୍ଗଲ, ଏବଂ ପାରମ୍ପରିକ ଖାଦ୍ୟ, ପୋଷାକ ଏବଂ ସଙ୍ଗୀତର ସୁରକ୍ଷା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ବ୍ଲକ୍ ସଂଯୋଜକ ଦଶରଥ ସିଂ ଆଦିବାସୀ ଏକତା ହୋଇ ଦିବସକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ।

ସାମୂହିକ ଫାଇଲେରିଆର ଔଷଧ ସେବନ ଆରମ୍ଭ

# ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବାକୁ ଆହ୍ୱାନ

ସମ୍ବଲପୁର,୧୦।୮(ସମିସ)



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ସାମୂହିକ ଔଷଧସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ମାନିତଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ନାଉରି ନାୟକ,ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ ପୁରୋହିତ,ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ରେଣୁ କ୍ଷେତ୍ରୀ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ହୋତା, ଭିମସାର ଉପ ରେଜିଷ୍ଟ୍ରାର ଡ.ଉମା ଚରଣ ପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଅଶୋକ ଦାସ, ଡିପିଏମ୍ ଏନଏଚ୍‌ଏମ୍ ମୃତ୍ୟୁଞ୍ଜୟ ମୁଣ୍ଡଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ,ସ୍ୱାସ୍ଥ୍ୟ କର୍ମୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ବ୍ୟାପକ କରି ଆମ ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବାକୁ ସମସ୍ତଙ୍କୁ ସହଯୋଗ କରିବା ନିମନ୍ତେ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ଜିଲ୍ଲାରେ ପ୍ରାୟ ୧୦ ଲକ୍ଷ ୭୬ ହଜାର ୬୭୩ ଜଣଙ୍କୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଔଷଧ ଦେବାର ଲକ୍ଷ ରଖାଯାଇଛି। ଏଥିରେ ଡ୍ରଗ ଆଡ୍‌ମିନିଷ୍ଟେଟର, ସୁପରଭାଇଜର, ତୁରନ୍ତ ପ୍ରତିକ୍ରିୟା ଦଳ(ରାପିଡ୍ ରେସ୍ପନ୍ସ ଟିମ୍) ନିୟୋଜିତ ସହିତ କଣ୍ଟ୍ରୋଲ ରୁମ ଓ ଏମଡିଏ କର୍ଣ୍ଣର କାର୍ଯ୍ୟ କରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଭିଯାନରେ ଅଙ୍ଗନୱାଡ଼ି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଯାଇ ଔଷଧ ସେବନ କରାଇବେ। ଏହି ଔଷଧ ୬ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ଲୋକମାନେ ଡିଇସି, ଆଇଭେରମେକ୍ଟିନ ଓ ଆଲବେଣ୍ଡାଜୋଲ ଔଷଧ ଖାଇପାରିବେ କିନ୍ତୁ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ଶିଶୁ, ଗୁରୁତର ଅସୁସ୍ଥ ରୋଗୀ ଓ ମାଆ(ଶିଶୁ ଜନ୍ମର ଏକ ସପ୍ତାହ ମଧ୍ୟରେ)ଙ୍କୁ ବଟିକା ସେବନ କରି କରିବାକୁ ବାରଣ କରାଯାଇଛି। ବାଦ୍ଧିତ ଉକ୍ତତା ଅନୁସାରେ ଏହି ଡୋଜ ଦିଆଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ବଟିକା ସେବନ କରିଛନ୍ତି। ବଟିକାର କୌଣସି ପାଶ୍ୱର୍ ପ୍ରତିକ୍ରିୟା ନଥିବାର ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ସେହିପାଇଁ ସମସ୍ତଙ୍କୁ ବଟିକା ନେବାକୁ ଅନୁରୋଧ କରାଯାଇଛି। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ୧୯ ତାରିଖ ଯାଏଁ ଚାଲିବ। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଡିଏଲ ମଧ୍ୟ ସହଯୋଗ କରୁଛି।




# ଦୁର୍ଘଟଣାରେ ଜଣେ ମୃତ, ୫ ଗୁରୁତର

ଝାରସୁଗୁଡ଼ା,୧୦।୮ (ସମିସ)

ଝାରସୁଗୁଡ଼ା ସହର ସୁନାରୀମୁଣ୍ଡା ଛକରେ ଥିବା ଘରୋଇ ହୋଟେଲ ସମ୍ମୁଖରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବଡମାଳ ଅଞ୍ଚଳର କ୍ରିଷ୍ଣା ଓରାମ (୧୫) ପ୍ରାଣ ହରାଇ ଥିବାବେଳେ ୫ ଜଣ ଗୁରୁତର ହୋଇଛନ୍ତି। ଗରୁତର ମାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ଝାରସୁଗୁଡ଼ାର ଏକ ଘରୋଇ ସ୍କୁଲର ଛାତ୍ରମାନେ ବାଲେଶ୍ୱରକୁ ଖୋ ଖୋ ଖେଳିବାକୁ ଯାଇ ରବିବାର ଝାରସୁଗୁଡ଼ା ଫେରିଥିଲେ। ସେମାନଙ୍କୁ ରେଳ ଷ୍ଟେସନରେ ସ୍ୱାଗତ କରାଯିବା ପରେ ୩ ଜଣ ସାଙ୍ଗଙ୍କ ସହ କାରରେ କ୍ରିଷ୍ଣା ଯାଦବ, ଉମିତ ଓରାମ, ମେଘନାଦ ଓରାମ ସୁନାରୀମୁଣ୍ଡାରୁ ଝାରସୁଗୁଡ଼ା ସହର ପଟକୁ ଆସୁଥିଲେ। ଏତିକି ବେଳେ ହୋଟେଲ ଉତ୍କଳ କଣ୍ଟିନେଣ୍ଟାଲ ପାଖରେ କାରଟି ଭାରସାମ୍ୟ ହରାଇ ନିକଟରେ ଥିବା ଡିଭାଇଡରରେ ପିଟି ହୋଇଥିଲା। ସ୍ଥାନୀୟ ଲୋକ ଟାଉନ ଥାନା ପୁଲିସ ସହାୟତାରେ ସମସ୍ତଙ୍କୁ ନୂତନ ଭାବେ ଖୋଲାଯାଇଥିବା ଝାରସୁଗୁଡ଼ା ମଙ୍ଗଳ ବଜାର ସ୍ଥିତ ସ୍ୟାଟେଲାଇଟ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଅଭାବ ଏବଂ ଆବଶ୍ୟକ ଚିକିତ୍ସା ସାମଗ୍ରୀର ଅଭାବ ଯୋଗୁଁ ଚିକିତ୍ସା ହୋଇପାରିଲା ନାହିଁ। ଫଳରେ ଆହତ ମାନଙ୍କୁ ପୁଣି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାରେ ବିଳମ୍ବ ହେବାରୁ କ୍ରିଷ୍ଣା ଓରାମ ପ୍ରାଣ ହରାଇ ଥିଲେ। ଅନ୍ୟ ଗୁରତର ମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମୃତ କ୍ରିଷ୍ଣା, ଆହତ ଉମିତ ଓ ମେଘନାଦ ବଡମାଳ ଅଞ୍ଚଳର ନୂଆଁ କେମ୍ପଡାର ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ପରିଚୟ ମିଳି ପାରିନାହିଁ। ନୂତନ ଭାବେ ଖୋଲିଥିବା ସ୍ୟାଟେଲାଇଟ ହସ୍ପିଟାଲରେ ଚିକିତ୍ସା ମିଳି ପାରିନଥିବାରୁ ଉତ୍ତେଜନା ଦେଖା ଦେଇଥିଲା।



ନୂତନ ହସ୍ପିଟାଲରେ ମିଳିଲାନି ଚିକିତ୍ସା

## ଏକ ଟଙ୍କିଆ ଚିକିତ୍ସା ଶିବିର

ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଗୁମାଡେରାରେ ମା' ମେଡିକେୟାର ପକ୍ଷରୁ ୧ ଟଙ୍କିଆ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ରବିବାର ଶିବିରରେ ଚର୍ମରୋଗ ବିଶେଷଜ୍ଞ ଡ.ରାଜ ଶର୍ମା, ଶିଶୁରୋଗ ବିଶେଷଜ୍ଞ ଅମର ଧଳ, ସ୍ତ୍ରୀରୋଗ ବିଶେଷଜ୍ଞ ସନ୍ତୋଷ ପାଣିଗ୍ରାହୀଙ୍କ ସହ ଡାକ୍ତର ସବ୍ୟସାଚି ଦେବ ପ୍ରମୁଖ ଯୋଗ ଦେଇଥିଲେ। ବେଲପାହାଡ ଏବଂ ଆଖପାଖ ଅଞ୍ଚଳର ୧୯୮ ଜଣ ରୋଗୀ ଚିକିତ୍ସା ସେବାର ଲାଭ ନେଇଛନ୍ତି। ଗରିବ ରୋଗୀଙ୍କୁ ମାତ୍ର ୧ ଟଙ୍କାରେ ଚିକିତ୍ସା ସେବା ଯୋଗାଇ ଦେବା ଶିବିରର ଲକ୍ଷ୍ୟ ବୋଲି ଆୟୋଜକ ବସନ୍ତ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରତି ରବିବାର ଏହି ୧ ଟଙ୍କିଆ ଚିକିତ୍ସା ଶିବିର ଆୟୋଜନ କରାଯିବ ବୋଲି ସେ କହିଥିଲେ।

## ଝାରସୁଗୁଡ଼ାର ଜ୍ୟୋତିଷ ଲଣ୍ଡନରେ ସମ୍ମାନିତ

ଝାରସୁଗୁଡ଼ା,୧୦।୮ (ସମିସ): ଭାରତୀୟ ସଂଗଠନ ଏବଂ ୟୁକେ ସଂଗଠନ ଦ୍ୱାରା ମିଳିତ ଭାବେ ୩୯ ତମ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଗତ ୨୨ ଜୁଲାଇରେ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ଝାରସୁଗୁଡ଼ାର ଡ.ଅଜିତ ମୋହନଙ୍କୁ ଭିଭିଆଇପି ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଡ.ଅଜିତ ଅଟିଜିମ୍ ଶିଶୁ ଏବଂ ବ୍ୟକ୍ତିମାନଙ୍କ ସମସ୍ୟା ଉପରେ ଗୁରୁତ୍ୱାରୋପ କରି ଚିକିତ୍ସା ଜ୍ୟୋତିଷ ମାଧ୍ୟମରେ ସେମାନଙ୍କର ଚିକିତ୍ସା ପାଇଁ ଗୁରୁତ୍ୱାରୋପ କରିଥିଲେ। ଯେଉଁଠାରେ ଚିକିତ୍ସା ବିଜ୍ଞାନ ଏପର୍ଯ୍ୟନ୍ତ ଶିଶୁଙ୍କଠାରେ ଅଟିଜିମ୍‌ର ମୂଳ କାରଣ ଏବଂ ଏହାର ଚିକିତ୍ସା ଖୋଜୁଛି, ସେଠାରେ ଜ୍ୟୋତିଷ ଶାସ୍ତ୍ର ପରିସ୍ଥିତିର ପ୍ରଭାବଶାଳୀ ପ୍ରତିକାର ଏବଂ ଚିକିତ୍ସା ମାଧ୍ୟମରେ ଆରୋଗ୍ୟ ଲାଭ ପାଇଁ ବହୁତ ଉନ୍ନତ ବୋଲି ଡ.ଅଜିତ ବ୍ୟାଖ୍ୟା କରିଥିଲେ। ତାଙ୍କୁ ଲଣ୍ଡନ (ୟୁକେ) ସମ୍ମିଳନୀରେ, ପ୍ରାୟ ୨୨ଟି ଦେଶର ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଗହଣରେ, ଜ୍ୟୋତିଷରେ ଉତ୍କୃଷ୍ଟ ଗବେଷଣା ପାଇଁ ୟୁକେରେ ଶ୍ରେଷ୍ଠ ଦଶ ଜ୍ୟୋତିଷ ଭାବେ ପୁରସ୍କୃତ କରାଯାଇଥିଲା। ୟୁଏସଏର ଡ.ଆଲେକ୍ସ ଟ୍ରେନୋୱେଥ୍ ଏବଂ ହଂକଂର ଡ.ଈଶ୍ୱର ପ୍ରସାଦ ଦୁଲାଲ ଡ.ଅଜିତଙ୍କ ସଫଳତା ପାଇଁ ପ୍ରଶଂସା କରିଥିଲେ।



## କୋଶଳ ଦାବିରେ ବୈଠକ

ଝାରସୁଗୁଡ଼ା,୧୦।୮ (ସମିସ): କୋଶଳ ରାଜ୍ୟ ଦାବି ନେଇ ଝାରସୁଗୁଡ଼ାରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଛି। ନାରାୟଣ ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଶଳ ରାଜ୍ୟ ଦାବିକୁ ଜୋରଦାର କରିବା ପାଇଁ ଜିଲ୍ଲାର ସମସ୍ତ ସଂଗଠନ ଗୁଡିକୁ ସାମିଲ କରି ବ୍ୟାପକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂଗଠନର ଝାରସୁଗୁଡ଼ା ଜିଲ୍ଲା ସଂଯୋଜକ ଭାବେ ଗୌରୀ ଶଙ୍କର ତନ୍ତୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଝାରସୁଗୁଡ଼ା ସହର ସଂଯୋଜକ ଭାବେ ନୋବେଲ୍ ଶର୍ମା, ବ୍ରଜରାଜନଗର ସହର ସଂଯୋଜକ ଭାବେ ନାରାୟଣ ଅଗ୍ରୱାଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କୋଶଳ କ୍ରାନ୍ତି ଦଳ, କୋଶଳ ସେନା ଓ ସମନ୍ୱୟ ସମିତିର ଗଣେଶ ମଟାରୀ, ବିକାଶ ରୋହିଦାସ, ଚାଷୀ ନେତା ସୁରେନ୍ଦ୍ର ସାହୁ, ସଂଗଠକ ବସନ୍ତ ପଣ୍ଡା, ସନ୍ତୋଷ ପାଣିଗ୍ରାହୀ, ସଞ୍ଜୀବ ଗୁପ୍ତା, ପ୍ରମୋଦ ରାଉତ, ରିତେଶ ଶର୍ମା, ଲମ୍ବୋଦର ପଟେଲ, ମାୟାରାମ ବାରଲା ପ୍ରମୁଖଙ୍କ ସହ ବହୁ ଯୁବକ ଉପସ୍ଥିତ ଥିଲେ।

## ଶ୍ମଶାନଘାଟରେ ଚାରାରୋପଣ



ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ା ପୌରପରିଷଦ ୱାର୍ଡ ନମ୍ବର ୧ ସରବାହାଲ କିଷାନପଡ଼ା ଓ ଗୌଡ଼ପଡ଼ା ବାସିନ୍ଦାଙ୍କ ଦ୍ୱାରା ତାଙ୍କ ବେହେରା ପାଲି ରାସ୍ତା ଉପରେ ଥିବା ବହୁ ପୁରୁଣା ଶ୍ମଶାନଘାଟରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ଅନେକ ଫଳମୂଳ ଗଛ ସହିତ ମହୁଲ, ବଉଳ, ବାଉଁଶ ଓ ଔଷଧୀୟ ବୃକ୍ଷରୋପଣ ହୋଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ସମାଜସେବୀ ପ୍ରଭାକର ଓରାମ, ଅଞ୍ଚଳର କୁଶବନ୍ତ ସେହୁଲ, ସରୋଜ ଗୌଡ, ଡମ୍ବୁରୁଧର ସେହୁଲ, ପ୍ରମୋଦ ଦାସ, ମୁନି କିସାନ, ମୁନୁ ଘୁଷି ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ଶିକ୍ଷକଙ୍କୁ ସାକ୍ଷାତକାର ଅଭିଯାନ

ବରଗଡ଼,୧୦।୮ (ସମିସ): ବରଗଡ଼ର ସର୍ବପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାସ୍ୱତୀ ଦାଶଙ୍କ ଏକ ନିଆରା ପଦକ୍ଷେପ ଯୋଗୁଁ ସବୁ ମହଲରେ ପ୍ରଶଂସିତ ହେଉଛନ୍ତି। ଜର୍ଜ ହାଇସ୍କୁଲର ପୁରାତନ ଶିକ୍ଷକ ମାନଙ୍କୁ ସାକ୍ଷାତକାର ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ହିନ୍ଦି ଶିକ୍ଷକ ମହାବୀର ଶର୍ମାଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିବା ସହିତ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦାଶଙ୍କ ସହ ଶିକ୍ଷକ ସୁରେଶ ଦାଶ, ରଞ୍ଜିତ ନାଏକ, ଶିକ୍ଷୟିତ୍ରୀ କୁମୁଦିନୀ ପାଣିଗ୍ରାହୀ ପ୍ରମୁଖ ଯାଇଥିଲେ। ଶ୍ରୀ ଶର୍ମା ତାଙ୍କ ପୁତ୍ର ରାଜେଶ, ଦିନେଶ, ପୁତ୍ରବଧୂ ସୁଷମା, କବିତା, ନାତି ଆଦିତ୍ୟ, ଦକ୍ଷ, ଶ୍ରେୟଂସଙ୍କ ସହିତ ବର୍ତ୍ତମାନ ୯୦ ବର୍ଷ ବୟସରେ ମଧ ବେଶ ଖୁସିରେ ଥିବା ପ୍ରକାଶ କରିଥିଲେ।

## ବିଦ୍ୟାଳୟରେ ବଜ୍ରପାତ ଓ ସାପକାମୁଡ଼ା ସଚେତନତା

ପଦ୍ମପୁର,୧୦।୮ (ସମିସ): ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲରେ ବଜ୍ରାଘାତ ଓ ସାପକାମୁଡ଼ା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ସାହୁ ଓ ହିନ୍ଦୀ ଶିକ୍ଷକ ପବିତ୍ର ବାରିକଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ଗାଁରେ ଜନସାଧାରଣ ମାନଙ୍କୁ ନେଇ ସଚେତନତା ସଭା ହୋଇଥିଲା। ଏଥିରେ ସାପକାମୁଡ଼ା ଓ ବଜ୍ରାଘାତରେ ଆହତ ହୋଇଥିବା ଲୋକମାନଙ୍କୁ ତୁରନ୍ତ ଚିକିତ୍ସାଳୟକୁ ପହଞ୍ଚାଇବା ନେଇ ପରାମର୍ଶ ଦିଆଯାଇଥିଲା।

## ସାମ୍ବାଦିକଙ୍କ ମାତୃ ବିୟୋଗ

ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ାର ସାମ୍ବାଦିକ ପ୍ରଶାନ୍ତ ମାଝୀଙ୍କ ମାତା ପଦ୍ମା ମାଝୀଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ୬ ତାରିଖ ରାତିରେ ତାଙ୍କର ପରଲୋକ ହୋଇଥିଲା। ଖବରପାଇ ଝାରସୁଗୁଡ଼ାର ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୩ ମାସ ତଳେ ସାମ୍ବାଦିକଙ୍କର ପିତାଙ୍କର ଦେହାନ୍ତ ହୋଇଥିବା ବେଳେ ଏବେ ମାଆଙ୍କ ମୃତ୍ୟୁ ପୁରା ପରିବାରକୁ ଶୋକାକୁଳ କରିଛି। ବିଟିଏମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାମ୍ବାଦିକ ପୁତ୍ର ପ୍ରଶାନ୍ତ ମାଝୀ ମୁଖାଗ୍ନି ଦେଇଥିଲେ।



## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜନ ହେବ ସେମିନାର

ଝାରସୁଗୁଡ଼ା,୧୦।୮ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଜରିଆରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ମିରର ଥିଏଟରରେ ନାଟକକୁ ନେଇ ସେମିନାର ଆୟୋଜନ ହେବ। ଆସନ୍ତା ୧୨ ତାରିଖ ଏହି ସେମିନାର ଆୟୋଜନ ସହ ମିରର ଥିଏଟରର ୩୩ ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ପଶ୍ଚିମ ଓଡ଼ିଶାରେ ପ୍ରଥମ କରି ନାଟକକୁ ନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସେମିନାର ଆୟୋଜନ କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେମିନାରରେ ନାଟକର ଦାର୍ଶନିକ ଦୃଷ୍ଟିକୋଣ ଉପରେ ଆଲୋଚନା କରାଯିବ। ଏହାସହ କବିତା ଆସର, ନାଟକ ପାହାଚିହ୍ନା ପ୍ରଦର୍ଶନ କରାଯିବ ବୋଲି ମିରର ଥିଏଟର ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମିରର ଥିଏଟର ପ୍ରତିଷ୍ଠାତା ଡ.ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସହ ଜେନାମଣି ସେଟ, ସରୋଜ ମିର୍ଦ୍ଧା, ସନ୍ତୋଷ ସାହୁ, ଥବିର କଲୋ ପ୍ରମୁଖ ଉପସ୍ଥିତ ଥିଲେ।

## କୋଇଲି ଘୁଘର ଶୈବ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୋଇଲିଘୁଘର ଶୈବ ପୀଠରେ ବିଜେପି ପକ୍ଷରୁ ସ୍ୱଚ୍ଛତା ହିଁ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ 'ସ୍ୱଚ୍ଛ ଭାରତ' ପରିପ୍ରେକ୍ଷୀରେ ରବିବାର ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ଲଖନପୁର ମଣ୍ଡଳ ସଭାପତି ରାଜ ସାହୁ, ମଣ୍ଡଳ ପ୍ରତିନିଧି କ୍ଷିତିଭୂଷଣ ପ୍ରଧାନ, ରାଜ୍ୟ ପରିଷଦ ସଭ୍ୟା ଆରତୀ ପ୍ରଧାନ, ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚାର ସଭାପତି ଉତ୍ତମ ନେଗି, କଦମ ଡିହି ସମିତି ସଭ୍ୟ ପବିତ୍ର ବିଶ୍ୱାଳ, ଉଦିତ ପଟେଲ, ତୋଫାନ ପ୍ରଧାନ ଓ ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦେଇ କୋଇଲିଘୁଘରରେ ସଫାସୁତୁରା କରିବା ସହ ସ୍ୱଚ୍ଛତା ହିଁ ସୁସ୍ଥତାର ବାର୍ତ୍ତା ଦେଇଥିଲେ।

## ଖୁଦୁରୁକୁଣୀ ଓଷା ଆରମ୍ଭ

ରିଆମାଳ,୧୦।୮ (ସମିସ): ଭାଦ୍ରବ ମାସର ପ୍ରଥମ ରବିବାର ଥିବାରୁ ରିଆମାଳ ବ୍ଲକ୍‌ର ଗାଁ ଗାଁରେ ଖୁଦୁରୁକୁଣୀ ପୂଜା ଆରମ୍ଭ ହୋଇଛି। ଜଗନ୍ନାଥ ସାହି ସ୍ଥିତ କାମନା ଗୁଡି ନିକଟରେ ଥିବା ପୂଜା ମଣ୍ଡପ, ପରା, ବୁଢ଼ାପାଳ, ବୁଡିଦୋ, ଟିଙ୍କବିର, ପଳସମା ସମେତ ବିଭିନ୍ନ ପଞ୍ଚାୟତରେ ପୂଜା ମଣ୍ଡପରେ ଶତାଧିକ ମହିଳା ଓ ବାଳିକା ମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଛନ୍ତି। ଭକ୍ତ ମାନେ ଖୁଦୁରୁକୁଣୀ ବ୍ରତ ପୁରାଣ ପଢ଼ିଥିଲେ। ପୂଜା ସମୟରେ ଧୂପ, ଦୀପ, ଶଙ୍ଖ, ହୁଳହୁଳି ମଧ୍ୟରେ ଠାକୁରାଣୀଙ୍କୁ ଖୁଦ ଭଜା, ଲିଆ, ଉଖୁଡା, କାକୁଡି, ଖସା ଲଡୁ ଓ ନାନାଦି ଫଳରେ ଆଦି ଭୋଗ ଭାବେ ଅର୍ପଣ କରିଥିଲେ। ତେବେ ଖୁଦଭଜା ଠାକୁରାଣିଙ୍କର ସବୁଠୁ ପ୍ରିୟ ବୋଲି ବିଶ୍ୱାସ ରହିଛି। ମାଁଙ୍କୁ 'ଖୁଦରଙ୍କୁଣି' ବା ଖୁଦ ପାଇଁ ବାଇ ବୋଲି ଶ୍ରଦ୍ଧାରେ କୁହାଯାଇଥାଏ। ଯାହା ପାଇଁ ତାଙ୍କର ନାମ ଖୁଦୁରୁକୁଣୀ ହୋଇଛି ବୋଲି ଆସ୍ଥା ରହିଛି।

### ୧୯୪ ବର୍ଗ ସ୍କୁଲକୁ ମଧ୍ୟାହ୍ନ ଭୋଜନ ଦେବାକୁ ଦାବି

## ଲଖନପୁର ବ୍ଲକ୍ ଓଷ୍ଟା ପକ୍ଷରୁ ସମ୍ବିଧାନ ସମ୍ମିଳନୀ



ଇବଥର୍ମାଲ,୧୦।୮ (ସମିସ): ଲଖନପୁର ବ୍ଲକ୍ ଆଞ୍ଚଳିକ ହାଇସ୍କୁଲ ଖଇରକୁନି ସମ୍ମିଳନୀ କକ୍ଷରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଝାରସୁଗୁଡ଼ା ଶାଖା ଲଖନପୁରରେ ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା କମିଟି ସଭାପତି ସନ୍ୟାସୀ ପଟେଲ, ଉପଦେଷ୍ଟା ଉମାକାନ୍ତ ପଣ୍ଡା, ଉପସଭାପତି ବିପଦ ଭଞ୍ଜନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ହରେକୃଷ୍ଣ ପଟେଲ ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କେଶବ ସା ସଭା ପରିଚାଳନା କରିଥିଲେ। ଲଖନପୁର ବ୍ଲକ୍ ଓଷ୍ଟା ସମ୍ପାଦକ ନନ୍ଦଲାଲ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ବିଶେଷ କରି ୧୯୪ ବର୍ଗର ସ୍କୁଲକୁ ୨୫ରୁ ୩୦ବର୍ଷ କାମ କରିବା ପରେବି ସରକାର ଟଙ୍କାଟିଏ ଅନୁଦାନ ନଦେବା ବିଷୟରେ ଆଲୋଚନା ହୋଇଥିଲା। ଏହି ବର୍ଗର ସ୍କୁଲରେ ପାଠ ପଢୁଥିବା ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଗତବର୍ଷ ପର୍ଯ୍ୟନ୍ତ ଝାରସୁଗୁଡ଼ା ଜିଲ୍ଲାରେ ଡିଏମ୍ଏଫ୍ ଫଣ୍ଡରୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିବା ବେଳେ ଚଳିତ ବର୍ଷ ତାହା ବନ୍ଦ ହୋଇଯାଇଛି। ଫଳରେ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଥିବା ମାତ୍ର ୭ଟି ଏହି ବର୍ଗର ସ୍କୁଲରେ ଡିଏମଏଫ୍ ଫଣ୍ଡ ଜରିଆରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଉଛି, ନୂତନ ଅନୁଦାନପ୍ରାପ୍ତ ସ୍କୁଲ ମାନଙ୍କରେ ଅବସର ନେଉଥିବା ତଥା କାମରୁଥିବା ଶିକ୍ଷକ କର୍ମଚାରୀ ମାନଙ୍କ ସରକାର ପେନସନ ବ୍ୟବସ୍ଥା କରିବା ଦାବି ମଧ ସମ୍ମିଳୀରେ ଉଠିଥିଲା। ଜିଲ୍ଲା ନେତୃତ୍ୱ ତାର ଉତ୍ତର ରଖିବା ସହ ମଧ୍ୟାହ୍ନ ଭୋଜନ ସକାଶେ ଜିଲ୍ଲା ପ୍ରତିନିଧି ମଣ୍ଡଳୀ ଯାଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ନିର୍ବାଚନ ଅଧିକାରୀଙ୍କ ସହମତି ଭିତ୍ତିରେ ବ୍ଲକ୍ ଓଷ୍ଟା ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ନୂତନ ସଭାପତି ଭାବେ ଲୋକେଶ୍ୱର ସେଟ୍, ଉପସଭାପତି ଭାବେ ମନୋହର ପ୍ରଧାନ, ପଙ୍କଜିନୀ ବଡ଼େଇ, ସମ୍ପାଦକ ଭାବେ ନନ୍ଦଲାଲ ସାହୁ, ସହ ସମ୍ପାଦକ ଭାବେ ସନ୍ତୋଷ ବଳିୟାରସିଂହ, ମଞ୍ଜୁଲତା ନାଏକ, ବ୍ଲକ୍ ଇସି ସଦସ୍ୟ ଭାବେ ନବିନ ଚନ୍ଦ୍ର ଭୋଇ, ରୁଦ୍ର ଚରଣ ଭୋଇ, ପ୍ରମୋଦ ସାହୁ, ସୁଶାନ୍ତ ନାଏକ, ରମେଶ ଖମାରୀ, ପଞ୍ଚାନନ ପାଣିଗ୍ରାହୀଙ୍କୁ ମନୋନୀତ କରା ଯାଇଥିଲା। ନୂତନ କର୍ମକର୍ତ୍ତାମାନଙ୍କୁ ଜିଲ୍ଲା ଓଷ୍ଟା ଉପଦେଷ୍ଟା ଉମାକାନ୍ତ ପଣ୍ଡା ଶପଥ ପାଠ କରାଇଥିଲେ।

# ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ

## ନ୍ୟୁ ଷ୍ଟାର କୋଚିଂ ସେଣ୍ଟର

ଝାରବନ୍ଧ ବ୍ଲକ୍‌ରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ପାଇଁ ଅଣ୍ଟା ଭିଡିଛି ଝାରବନ୍ଧ ନ୍ୟୁ ଷ୍ଟାର କୋଚିଂ ସେଣ୍ଟର। ସେଣ୍ଟର ପ୍ରତିଷ୍ଠାତା ଏଲକେ ମହାପାତ୍ରଙ୍କ ଉଦ୍ୟମରେ କୋଚିଂ ସେଣ୍ଟର ଗଢ଼ି ହୋଇଛି। ଛାତ୍ରଛାତ୍ରୀ କିପରି ଆଦର୍ଶ ବିଦ୍ୟାଳୟ, ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ଏବଂ ଦଶମ ଶ୍ରେଣୀରେ ମଧ ସଫଳତା ହାସଲ କରିବେ ତାହା ସେଣ୍ଟରର ଉଦ୍ଦେଶ୍ୟ ରହିଛି। ଚଳିତ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ନେଇ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରୀ ମାନେ ଛାତ୍ର ମାନଙ୍କୁ ଏବଂ ସମସ୍ତ ଶିକ୍ଷକଙ୍କୁ ରାକ୍ଷୀ ବାନ୍ଧିଥିଲେ। କୋଚିଂ ସେଣ୍ଟର ଶିକ୍ଷକ ଏସକେ ମହାପାତ୍ର, ଅଭିଳାଷ କୌଶଳ, ସୁନୀଲ କୌଶଳ, ମନୀଷା ଭୋଇ, ନେହା ମିର୍ଦ୍ଧା ଏବଂ ଅନିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



## ସୈନିକଙ୍କୁ ରାକ୍ଷୀ ବାନ୍ଧିଲେ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ବିଦ୍ୟାର୍ଥୀ





ବରଗଡ଼,୧୦।୮ (ସମିସ): ବରଗଡ଼ରେ ଅବସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ବିଦ୍ୟାର୍ଥୀମାନେ ଭାଇ-ଭଉଣୀଙ୍କ ପବିତ୍ର ସ୍ନେହର ପ୍ରତୀକ ରାକ୍ଷୀ ପୂର୍ଣ୍ଣମାକୁ ସୈନିକମାନଙ୍କୁ ରାକ୍ଷୀ ବାନ୍ଧି ପାଳନ କରିଛନ୍ତି। ଏହି ଅବସରରେ ସଂସ୍କାର ସ୍କୁଲର ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡିଆ, ଶିକ୍ଷକ ବିରଜୁ ପ୍ରସାଦ, ଏଥରିନ କୁଜୁର ମ୍ୟାଡାମ୍ ଓ ସଞ୍ଚିତା ମ୍ୟାଡାମ୍‌ଙ୍କ ସହିତ ଛାତ୍ରୀମାନେ ପଥର୍ଲାଠାରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପକୁ ଯାଇ ସୈନିକମାନଙ୍କୁ ରାକ୍ଷୀ ବାନ୍ଧି ରାଷ୍ଟ୍ରର ସୁରକ୍ଷା ନିମନ୍ତେ ତାଙ୍କର ଅବଦାନକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହାପରେ ସଦର ଥାନାକୁ ଯାଇ ପୁଲିସ କର୍ମଚାରୀମାନଙ୍କୁ ରାକ୍ଷୀ ବାନ୍ଧି ଥିଲେ। ସ୍କୁଲର ସଂଯୋଜିକା ମମତା ସିହ୍ନା ଛାତ୍ରୀମାନଙ୍କ ସହିତ ବରଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ଏବଂ ଟାଉନ୍ ଥାନାକୁ ଯାଇ, ସେଠାରେ ପୁଲିସ କର୍ମଚାରୀମାନଙ୍କୁ ସମ୍ମାନ ସ୍ୱରୂପ ରାକ୍ଷୀ ବାନ୍ଧି ସମାଜ ପାଇଁ ତାଙ୍କର କର୍ତ୍ତବ୍ୟ ପାଳନ ପ୍ରତି ଧନ୍ୟବାଦ ପ୍ରକାଶ କରିଥିଲେ। ସୈନିକ ଏବଂ ପୁଲିସ କର୍ମଚାରୀମାନଙ୍କୁ ସମ୍ମାନ ଏବଂ ଧନ୍ୟବାଦ ଦେବା ପାଇଁ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଏହା ଏକ ଛୋଟ ପ୍ରୟାସ ବୋଲି ସ୍କୁଲର ପ୍ରିନ୍ସିପାଲ୍ କରନ ସାହୁ କହିଥିଲେ।

## ଏବିଭିପି



ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବରଗଡ଼ ନଗର ତରଫରୁ ବରଗଡ଼ ପୁଲିସ ଥାନା ଓ ଅଗ୍ନିଶମ ବିଭାଗର ଭାଇ ମାନଙ୍କୁ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନ ପାଳନ କରାଯାଇଛି। ବିଶେଷ ଭାବେ ସମ୍ବଲପୁର ବିଭାଗର ବିଭାଗ ସଂଯୋଜକ ସଂକେତ ସାହୁ, ବରଗଡ଼ ଜିଲ୍ଲା ସଂଯୋଜକ ପ୍ରାଞ୍ଜଳ କୁଅାଁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପିଣ୍ଟୁ ବରର୍ଡ଼ି, ସମ୍ବଲପୁର ବିଭାଗ ଛାତ୍ରୀ ପ୍ରମୁଖ ଆଞ୍ଚଲ୍ ଚୌଧୁରୀ, ପ୍ରତ୍ୟାସା ବୋହିଦାର, ନଗର ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ରୋଷ୍ନି ପାଇକ୍, ଉଜାଲା ବେହେରା, ନଗର ଖେଲୋ ଭାରତ ପ୍ରମୁଖ ରୋସନ ଗଡିତିଆ ଉପସ୍ଥିତ ଥିଲେ।

## ନୃସିଂହବନରେ ପ୍ରକୃତିପ୍ରେମୀ



ପାଇକମାଳ: ପାଇକମାଳ ନୃସିଂହନାଥ ନିକଟରେ ଥିବା ନୃସିଂହବନରେ ପ୍ରକୃତିପ୍ରେମୀ ମାନେ ନିଆରା ଢଙ୍ଗରେ ରାକ୍ଷା ବନ୍ଧନ ପାଳିଛନ୍ତି। ଏହି ଅବସରରେ ଅଶ୍ୱସ୍ତ ବୃକ୍ଷକୁ ଦେବତା ରୂପେ ପୂଜାର୍ଚ୍ଚନା କରିଛନ୍ତି। ପ୍ରକୃତି ବନ୍ଧୁ ବଡ ଶତପଥୀ ଓ ବିଭୁତି ମୁଣ୍ଡଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବୃକ୍ଷ ଦେବତାଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା। ଫରେଷ୍ଟର ରମେଶ ପଧାନ, ରୋହିତ ମାଝୀ, ଫରେଷ୍ଟ ଗାର୍ଡ ଶାନ୍ତନୁ ପଧାନ ଓ ଅନ୍ୟାନ୍ୟ ବନ ବିଭାଗ କର୍ମଚାରୀ ମାନଙ୍କ ସହ ଜର୍ଜଗଡ ଗାଁର ଏସଏଚଜି ଗ୍ରୁପର ମହିଳା ମାନେ ରାକ୍ଷୀ ବାନ୍ଧିଥିଲେ। ଶେଷରେ ଫରେଷ୍ଟର ଶ୍ରୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ତୁମ ନିଜ ଉପରେ ବିଶ୍ୱାସ ଆସିନାହିଁ ତୁମେ ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବ ନାହିଁ।
-ବିବେକାନନ୍ଦ

## ନିମିଷକେ ନିଶ୍ଚିହ୍ନ

ସମୟର ଆବଶ୍ୟକତା ଦୃଷ୍ଟିରୁ ସରକାର ବାଧ ହୋଇଥା'ନ୍ତି ନିର୍ମାଣକାର୍ଯ୍ୟ ହାତକୁ ନେବା ପାଇଁ। କିନ୍ତୁ ଏହାର ଅର୍ଥ ନୁହେଁ ସମସ୍ତ ଶୃଙ୍ଖଳା ଓ କଟକଣାକୁ ଆଖିବୁଜି ଦେବା। ୨୦୧୩ରେ ଅନୁରୂପ ବିପର୍ଯ୍ୟୟ ଘଟିଥିଲା ଉତ୍ତରକାଶୀରେ। ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ ଓ ବର୍ଦ୍ଧିତ ତୀର୍ଥଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରଚନା କ୍ଷେତ୍ରରେ ବିକାଶ, ବିଶେଷକରି ହୋଟେଲ ଓ ବିପଣନ କେନ୍ଦ୍ର ନିର୍ମାଣ ସକାଶେ ଆଖିବୁଜା ଅନୁମତି ଦେବାର ଯଥାର୍ଥତା ନଥିଲା। ତତ୍କାଳୀନ ପରିସ୍ଥିତିକୁ ବିଚାର କରି ଯେଉଁ କଟକଣା ପ୍ରୟୋଗ କରାଯାଇଥିଲା ପରବର୍ତ୍ତୀ ସମୟରେ ତାହାର ଆଖିବୁଜା ଉଲ୍ଲଂଘନ କରାଗଲା। ପ୍ରକୃତି ଓ ପରିବେଶ ଅସୁରକ୍ଷିତ ହୋଇଗଲେ କେତେବେଳେ କ'ଣ ପ୍ରାକୃତିକ ବିପର୍ଯ୍ୟୟ ଉପୁଜିବ ତାହାର ଆକଳନ କରିହେବ ନାହିଁ। ଏହାର ଅର୍ଥ ନୁହେଁ ଯେ ଆଦୌ ପ୍ରାକୃତିକ ବିପର୍ଯ୍ୟୟ ଘଟିବ ନାହିଁ, କିନ୍ତୁ କ୍ରମାଗତ ଭାବେ ଏହା ଉପୁଜିଲେ କେବଳ ଜନଜୀବନ ହାନି ଘଟିବନି, ବ୍ୟବସ୍ଥିତ ସଂରଚନା ମଧ୍ୟ ଭୁଶୁଡ଼ି ପଡ଼ିବ। ଏଠାରେ ବିଚାର୍ଯ୍ୟ. ଯେ କଟକଣା ନମାନି ଆମର କେତେ ଲାଭ ଓ କ୍ଷତି ହୋଇଛି। ବରଂ ପାରିବେଶିକ ସନ୍ତୁଳନ ବିଗିଡ଼ି ଯାଇଥିବାରୁ ବଡ଼ଧରଣର ବିପର୍ଯ୍ୟୟକୁ ଆମେ ଡାକି ଆଣୁଛୁ।

ଗତ ମଙ୍ଗଳବାର ଉତ୍ତରକାଶୀରେ ଆଖିପିଛୁଳାକେ ଖିରଗଙ୍ଗା ନଦୀର ବନ୍ୟାଜଳ ଓ ସ୍ଖଳିତ ମୃତ୍ତିକା ମାଡ଼ି ଆସିବାରୁ ଧରାଲି ଗ୍ରାମ ସଂପୂର୍ଣ୍ଣ ରୂପେ ପୋଛି ହୋଇଗଲା। ହର୍ସିଲ ଓ ସୁକି ଗ୍ରାମରେ ମଧ୍ୟ ଅନୁରୂପ ବିପର୍ଯ୍ୟୟ ଉପୁଜିଥିଲା। ଏବେ ମଧ୍ୟ ଏହାପଛର କାରଣ ରୂପେ ବାଦଲ ଫଟା ବର୍ଷା ଦର୍ଶାଯାଇଥିବା ବେଳେ ତାହାକୁ ଭାରତୀୟ ପାଣିପାଗ ନିର୍ଦ୍ଦେଶାଳୟ ଅସ୍ୱୀକାର କରୁଛି। ବିଭାଗୀୟ ବିଶେଷଜ୍ଞଙ୍କ କହିବା କଥା ହେଲା, ଘଣ୍ଟାକ ମଧ୍ୟରେ ୧୦୦ ମିଲିମିଟର ବା ତଦୁର୍ଦ୍ଧ୍ୱ ବର୍ଷା ହେଲେ ତାହାକୁ ବାଦଲଫଟା ବର୍ଷା କୁହାଯାଇପାରିବ। କିନ୍ତୁ ରେକର୍ଡ କରାଯାଇଥିବା ତଥ୍ୟ ଅନୁଯାୟୀ ସେଠାରେ ଏତେ ବର୍ଷା ହୋଇନାହିଁ। ଯେଉଁ ବର୍ଷା ହୋଇଛି ସେଥିରେ କୌଣସି ଅସ୍ୱାଭାବିକ ଲକ୍ଷଣ ପରିଲକ୍ଷିତ ହୋଇନାହିଁ। ତେବେ କାରଣକୁ ନେଇ ତର୍ଜମା ଚାଲିଥିବା ବେଳେ ଉପର ମୁଣ୍ଡରେ ଥିବା ତୁଷାର ହ୍ରଦ ଜଳବାୟୁର ପ୍ରଭାବରେ ତରଳି ହଠାତ୍ ଉଛୁଳି ବା ଭୁଶୁଡ଼ି ପଡ଼ିବାର ସମ୍ଭାବନା ସପକ୍ଷରେ ମତ ପ୍ରକାଶ ପାଇଥିଲା। ଖିରଗଙ୍ଗାରେ ପ୍ରଳୟକାରୀ ବନ୍ୟାର ଏହା ଅନ୍ୟତମ କାରଣ ହୋଇପାରେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଠିକ୍ ଓ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ ପାଇଁ ଉପଗ୍ରହ ସୂତ୍ରରୁ ଆଧାରିତ ତଥ୍ୟ ବିଶ୍ଳେଷଣ କରିବାକୁ ଇସ୍ରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଆମକୁ ଏଠାରେ ବିସ୍ମିତ ହେବାକୁ ପଡୁଛି ଯେ ଏହି ଆଲେଖ୍ୟ ଲେଖା ହେବା ସୁଦ୍ଧା ଘଟଣାର ଏତେବଡ଼ ବିପର୍ଯ୍ୟୟର କାରଣ ଜାଣିବା ସମ୍ଭବ ହୋଇପାରିନାହିଁ।

ଭାଗିରଥୀ ନଦୀର ଖିରଗଙ୍ଗା ଅନ୍ୟତମ ଉପନଦୀ। କ୍ରମାଗତ ବିପର୍ଯ୍ୟୟ ସୃଷ୍ଟି କରିବାର ତାହାର ପୁରୁଣା ରେକର୍ଡ ଅଛି। ଶ୍ରୀକାନ୍ତ ଗିରିଶୃଙ୍ଗରୁ ଏହା ବାହାରିଛି। ଊନବିଂଶ ଶତାବ୍ଦୀରେ ତାହାର ପ୍ରଳୟକାରୀ ବନ୍ୟାରେ କଳ୍ପକେଦାରର କିଛିଅଂଶ ସମେତ ୨୪୦ ମନ୍ଦିର ଧ୍ୱଂସ ହୋଇଥିଲା। ଏହା ସୌଭାଗ୍ୟର ବିଷୟ ଯେ ମଙ୍ଗଳବାର ୨୩୦ ପରିବାରକୁ ନେଇ ଗଠିତ ଧରାଲି ଗ୍ରାମର ଅଧିକାଂଶ ଲୋକ 'ହରଦୁଧ ମେଳା' ଦେଖିବାକୁ ଯାଇଥିଲେ। ନହେଲେ କେତେ କିଏ ମରିହଜି ଯାଇଥା'ନ୍ତେ ତାହାର କୌଣସି ଇୟତ୍ତା ନଥା'ନ୍ତା। ସେ ଯାହା ହେଉ ଉଦ୍ଧାର କାର୍ଯ୍ୟକୁ ଦ୍ୱରାନ୍ୱିତ କରାଯାଇଛି। ଉଦ୍ଧାରକାରୀ ଦଳର ତଥ୍ୟ ଅନୁଯାୟୀ ସଂପୂର୍ଣ୍ଣ ଧରାଲି ଗାଁ, ବଜାର, ୨୪ ହୋଟେଲ ଭାସିଯାଇଛି। ଗଙ୍ଗୋତ୍ରୀ ଧାମ ଦର୍ଶନାର୍ଥୀ ଦୀର୍ଘଯାତ୍ରା କ୍ଲାନ୍ତି ଦୂର ସକାଶେ ଏଠାରେ ଅବସ୍ଥାନ କରୁଥିବାରୁ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି କରାଯାଇଥିଲା। ପର୍ଯ୍ୟଟକଙ୍କ ଏହି ନିରାପଦ ଆଶ୍ରୟସ୍ଥଳ ସଂପୂର୍ଣ୍ଣ ରୂପେ ଭାସିଯାଇଥିବାରୁ କ୍ଷୟକ୍ଷତି ପରିମାଣ କେତେ ବିପୁଳ ହେବ ତାହା ସହଜରେ ଅନୁମାନ କରାଯାଇପାରେ।

ଏନ୍‌ଡିଆରଏଫ, ଏସ୍‌ଡିଆଇଏଫ, ଆଇଟିବିପି ଓ ସେନାବାହିନୀର ସମ୍ମିଳିତ ଉଦ୍ଧାର କାର୍ଯ୍ୟରେ ପ୍ରତିକୂଳ ପାଣିପାଗ ବାଧକ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରୁ ୪ଟି ମୃତଦେହ ଉଦ୍ଧାର କରିଛନ୍ତି। ମୃତ୍ୟୁ ସଂଖ୍ୟା ୫ ଦର୍ଶାଯାଇଥିଲେ ମଧ୍ୟ ଶତାଧିକ ନିଖୋଜ ଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧ ଯବାନ ଓ ୨୮ ପର୍ଯ୍ୟଟକ। ୧୫୦ରୁ ଉର୍ଦ୍ଧ୍ୱଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ହଠାତ୍ ଭୂସ୍ଖଳନ ଘଟିବାରୁ ପର୍ଯ୍ୟଟକଙ୍କ ସହ ସେମାନଙ୍କ ସହାୟକଙ୍କ କୌଣସି ପତ୍ତା ମିଳୁନି। ଏହି ବନ୍ୟା ବିପର୍ଯ୍ୟୟରେ କେତେ କିଏ ମରିଥିବେ ଏତେ ଶୀଘ୍ର ଆକଳନ କରିବା ସହଜ ନୁହେଁ। ଭାଗିରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ନଦୀର ଉତ୍ପତ୍ତିସ୍ଥଳ ଉତ୍ତରାଖଣ୍ଡ। ହିମପ୍ରବାହ ସାଙ୍ଗକୁ ବର୍ଷା ଜଳ ମିଶିଗଲେ ଏମାନେ ରାଜ୍ୟରେ ବନ୍ୟାର ଖଣ୍ଡପ୍ରଳୟ ସୃଷ୍ଟି କରିଥା'ନ୍ତି। ପର୍ଯ୍ୟଟନ ଶିଳ୍ପର ବିକାଶ ନାମରେ ବ୍ୟାପକ ଜଙ୍ଗଲ କଟାଯିବା, ରାସ୍ତାନିର୍ମାଣ ଓ ଯୋଗାଯୋଗ ସୁବିଧା ସୁଯୋଗ ସୃଷ୍ଟିରୁ ଭୌଗୋଳିକ ସ୍ଥିତିରେ ଯେ ଅସନ୍ତୁଳନ ପରିଲକ୍ଷିତ ହେଉଛି ତାହା ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ସକାଶେ ଅନେକାଂଶରେ ଦାୟୀ। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଉଦ୍ୟମରେ ଗଢ଼ି ଉଠିଥିବା ବିକାଶର ମାନଚିତ୍ରକୁ ପ୍ରକୃତି ମୁହୂର୍ତ୍ତକରେ ଧୂଳିସାତ କରିଦେଉଛି।

ଉତ୍ତରାଖଣ୍ଡରେ ୨୦୧୩, ୨୦୨୧ ଏବେ ୨୦୨୫ରେ କ୍ରମାଗତ ଭାବେ ପ୍ରଳୟକାରୀ ବନ୍ୟା ଆସି ରାଜ୍ୟ ଅର୍ଥନୀତିରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। କେବଳ ମୃତାହତଙ୍କ ସଂଖ୍ୟା ଆକଳନ ଯଥେଷ୍ଟ ନୁହେଁ। ବିକଶିତ ପର୍ଯ୍ୟଟନ ଭିତ୍ତିଭୂମିକୁ ମଧ୍ୟ ଧୂଳିସାତ କରିଛି। ୨୦୧୩ କେଦାରନାଥ ବନ୍ୟାରେ ୬୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରେ ହିମପ୍ରବାହ. ଓ ବାଦଲଫଟା ବର୍ଷା ପ୍ରଭାବରେ ନନ୍ଦାଦେବୀରେ ବନ୍ୟା ବିପର୍ଯ୍ୟୟ ସୀମା ଲଙ୍ଘିଥିଲା। ସେହି ବନ୍ୟାରେ ମୃତ୍ୟୁସଂଖ୍ୟା ୨୦୦ ଅତିକ୍ରମ କରିଥିଲା। ଏହି ପରିସଂଖ୍ୟାନ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ପ୍ରାକୃତିକ ବିପର୍ଯ୍ୟୟର ବ୍ୟବଧାନ କିଭଳି ସଂକୁଚିତ ହେଉଛି ତାହା ଦର୍ଶାଇବା। ଏହାର ପୃଷ୍ଠଭାଗରେ ଅଛି ସମତୁଲ ବିକାଶର ଗତି ନିୟନ୍ତ୍ରଣ ହରାଇବା ସାଙ୍ଗକୁ ଲୋଭ ଓ ଲାଭ ପ୍ରତି ଆକର୍ଷଣ ବୃଦ୍ଧି।

# ପାଞ୍ଚବର୍ଷରେ ଜାତୀୟ ଶିକ୍ଷାନୀତି

**ହୃଷିକେଶ ପ୍ରଧାନ**

ଜାତୀୟ ଶିକ୍ଷାନୀତି(ଏନ୍‌ଇପି) ୨୦୨୦ ସ୍ୱାଧୀନତା ପରେ ଦେଶର ତୃତୀୟ ଶିକ୍ଷାନୀତି ଭାବେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁରୀ ପାଇବାର ଇତିମଧ୍ୟରେ ପାଞ୍ଚ ବର୍ଷ ବିତିଯାଇଛି। ଏନ୍‌ଇପି ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚଶିକ୍ଷା ଉଭୟର ବ୍ୟାପକ ପୁନଃ ସଂଯୋଗର ପ୍ରତିଶ୍ରୁତି ଦେଇଛି। ଏହି ଦୃଷ୍ଟିକୋଣର କିଛିଅଂଶ ଶ୍ରେଣୀଗୃହରେ ପ୍ରବେଶ କରିଛି। କିନ୍ତୁ ଅନେକକିଛି କେବଳ କାଗଜପତ୍ରରେ ସୀମିତ ରହିଛି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟକାରିତା ଗତିରେ ମନ୍ଥର ଘଟିଛି।

ନୂତନ ଶିକ୍ଷାନୀତିରେ ପୂର୍ବର ୧୦+୨ ଶୈକ୍ଷିକ ଢାଞ୍ଚାକୁ ଏକ ନୂତନ ଶୈକ୍ଷିକ ଓ ପାଠ୍ୟକ୍ରମ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ମୌଳିକ (ଅଙ୍ଗନବାଡ଼ି/ ଶିଶୁବାଟିକାରୁ ଶ୍ରେଣୀ ୨), ପ୍ରସ୍ତୁତି (ଶ୍ରେଣୀ ୩ ରୁ ୫), ମଧ୍ୟମା (ଶ୍ରେଣୀ ୬ ରୁ ୮) ଏବଂ ମାଧ୍ୟମିକ (ଶ୍ରେଣୀ ୯ ରୁ ୧୨)। ୨୦୨୩ରେ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରଣୀତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା(ଏନସିଏଫ୍‌ଏସ୍‌ଇ) ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ଉତ୍ତମ ଶିକ୍ଷଣ ଫଳାଫଳ ଓ ଦକ୍ଷତା ପ୍ରଦାନର ଲକ୍ଷ୍ୟ ରଖିଛି। ଏନସିଇଆରଟି ଏହି ଢାଞ୍ଚାକୁ ଆଧାର କରି ଶ୍ରେଣୀ (୧ ରୁ ୮) ପାଇଁ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ପୂର୍ବର ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଭଳି ପ୍ରତ୍ୟେକ ବିଷୟ ପାଇଁ ଥିବା ପୃଥକ୍ ପାଠ୍ୟପୁସ୍ତକ ପରିବର୍ତ୍ତେ ବର୍ତ୍ତମାନ ସାମାଜିକ ବିଜ୍ଞାନକୁ ଏକକ ପୁସ୍ତକ ଭାବରେ ପଢ଼ାଯାଉଛି। ପରବର୍ତ୍ତୀ ସମୟରେ ଶ୍ରେଣୀ (୯ ରୁ ୧୨) ପାଇଁ ନୂତନ ପୁସ୍ତକ ଆସିବାର ସମ୍ଭାବନା ରହିଛି। ୨୦୩୦ ସୁଦ୍ଧା ଏନ୍‌ଇପି ପ୍ରାକ୍-ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାର ଲକ୍ଷ୍ୟ ରଖିଛି। ଏନସିଇଆରଟିର ଜାଦୁଇ ପିଟାରା ଶୈକ୍ଷିକ ଉପକରଣ ରୂପେ ବ୍ୟବହୃତ ହେଉଛି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏକ ଜାତୀୟ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ପାଠ୍ୟକ୍ରମ ଜାରି ହୋଇଛି।

ଦିଲ୍ଲୀ, କର୍ଣ୍ଣାଟକ ଓ କେରଳ ଖୁବ୍‌ଶୀଘ୍ର ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ଛଅ ବର୍ଷ ବୟସସୀମା ଲାଗୁ କରିବେ। ୨୦୨୩-୨୪ ତଥ୍ୟ ଦର୍ଶାଉଛି ଯେ, ସମ୍ଭବତଃ ଏହି ବୟସ କଟକଣା ଯୋଗୁଁ ପ୍ରଥମ ଶ୍ରେଣୀ ନାମଲେଖା ହାର ପୂର୍ବ ବର୍ଷର ୨.୧୬କୋଟିରୁ ୧.୮୭ କୋଟିକୁ ହ୍ରାସ ପାଇଛି। ପଞ୍ଜୀକୃତ କରାଇଥିବା ଶିଶୁଙ୍କ ମଧ୍ୟରୁ ପ୍ରାୟ ୭୩% ଔପଚାରିକ ଭାବେ କୌଣସି ପ୍ରାକ୍ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଉତ୍ତମ ତାଲିମ ଏବଂ ପ୍ରାରମ୍ଭିକ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ଓ ଶିକ୍ଷାଦାନ ଗୁଣବତ୍ତାରେ ଅଭାବ ହେଉଛି ସବୁଠୁ ବଡ଼ ପ୍ରତିବନ୍ଧକ।

୨୦୨୧ ମସିହାରେ ଆରମ୍ଭ ହୋଇଥିବା ନିପୁଣ ଭାରତ, ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ପ୍ରତ୍ୟେକ ଶିଶୁର ମୌଳିକ ଗଣିତ ଶିକ୍ଷାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି। ଏହାର ହାରାହାରି ମୂଲ୍ୟାଙ୍କ ଭାଷା ଓ ଗଣିତ ପାଇଁ ଯଥାକ୍ରମେ ୬୪% ଓ ୬୦%। ପ୍ରାରମ୍ଭିକ ପରୀକ୍ଷଣର ଫଳାଫଳ ସାର୍ବଜନୀନ ଦକ୍ଷତାଠାରୁ ବହୁତ କମ୍। ଏନ୍‌ଇପି ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ସ (ଏବିସି) ପାଇଁ ପରାମର୍ଶ ଦେଇଛି ଏବଂ ଏଥିପାଇଁ ଏକ ଜାତୀୟ କ୍ରେଡିଟ୍ ଫ୍ରେମୱାର୍କ (ଏନସିଆରଏଫ୍) ବିକଶିତ ହୋଇଛି। ୨୦୨୧ରେ ପ୍ରକାଶିତ ୟୁଜିସି ନିୟମ ଛାତ୍ରଛାତ୍ରୀମାନଙ୍କୁ ସଞ୍ଚାର ମାଧ୍ୟମରେ କ୍ରେଡିଟ୍ ଅର୍ଜନ ଓ ସଂରକ୍ଷଣର ସୁଯୋଗ ଦେଇଛି। ଏପରିକି ବିଭିନ୍ନ ଶିକ୍ଷାନୁଷ୍ଠାନରେ, ପାଠ୍ୟକ୍ରମ ମଧ୍ୟରେ ସ୍ଥାନାନ୍ତର, ପ୍ରସ୍ଥାନ ଓ ପୁନଃ ପ୍ରବେଶ ସମ୍ଭବ ହୋଇପାରିଛି। ଏହି ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ବର୍ଷ ପରେ ସାର୍ଟିଫିକେଟ୍, ଦୁଇ ବର୍ଷ ପରେ ଡିପ୍ଲୋମା ଓ ଚାରି ବର୍ଷର ବହୁବିଧ ଡିଗ୍ରୀ ସମାପନ କରିବାର ସୁଯୋଗ ଦେଇଛି। ଏନସିଆରଏଫରେ ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମଯୋଜିତ ବ୍ୟବସ୍ଥାରେ ଦକ୍ଷତା-ଆଧାରିତ ଶୈକ୍ଷିକ ସମୟ କ୍ରେଡିଟ୍‌ରେ ପରିଣତ ହୋଇପାରୁଛି। ସିବିଏସସିଇ ଗତବର୍ଷ ବିଦ୍ୟାଳୟଗୁଡ଼ିକୁ ଏନସିଆରଏଫ୍ ପ୍ରୋତ୍ସାହନର ଅଂଶୀଦାର ହେବାକୁ ଆମନ୍ତ୍ରଣ କରିଥିଲା। ୨୦୨୨ରେ ପ୍ରଚଳିତ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା (ସିୟୁଇଟି), ବର୍ତ୍ତମାନ ସ୍ନାତକ ଓ ସ୍ନାତକୋତ୍ତର ପ୍ରବେଶ ପାଇଁ ଏକ ପ୍ରମୁଖ ପଥ। ଏନ୍‌ଇପି ଏକାଧିକ କଲେଜ ପ୍ରବେଶ ପରୀକ୍ଷାକୁ ଏକକ ଜାତୀୟ ପରୀକ୍ଷାରେ ପରିବର୍ତ୍ତନ କରିବାର ପରାମର୍ଶ ଦେଇଛି।

ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ୍ ଅହମ୍ମଦାବାଦ ଯଥାକ୍ରମେ ଜାଞ୍ଜିବର, ଆବୁଧାବି ଓ ଦୁବାଇରେ ଅନ୍ତର୍ଜାତୀୟ କ୍ୟାମ୍ପସମାନ ସ୍ଥାପନ କରିଛି। ଗୁଜରାଟର ଗିଫ୍ଟ ସିଟିରେ ଅନ୍ୟ ଦୁଇଟି ବିଦେଶୀ ବିଶ୍ୱବିଦ୍ୟାଳୟ ପରେ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ ସମ୍ପ୍ରତି ଭାରତରେ ଖୋଲିଛି। ଜୁଲାଇ ମାସ ଆରମ୍ଭରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ୟୁଜିସି ନିୟମ ଅନୁଯାୟୀ ଅନ୍ୟ ୧୨ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଗିଫ୍ଟ ସିଟିରେ ଆଉ ଦୁଇଟି ବିଶ୍ୱବିଦ୍ୟାଳୟ ଅନୁମୋଦନ ହେବା ପ୍ରକ୍ରିୟାରେ ଅଛି। ଏନ୍‌ଇପି କମ୍ ଉଚ୍ଚ-ପାଣ୍ଠିରେ ବୋର୍ଡ ପରୀକ୍ଷାର କଳ୍ପନା କରିଛି। ୨୦୨୬ରୁ ସିବିଏସସିଇ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ବ୍ୟବସ୍ଥାର ଯୋଜନା କରିଛି। କର୍ଣ୍ଣାଟକ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଛି। ଅନ୍ୟ ବୋର୍ଡଗୁଡ଼ିକ ଏହାର ସଫଳତା ଦେଖିବାକୁ ଅପେକ୍ଷା କରିଛନ୍ତି। ସିବିଏସସିଇ (୨୦୧୯-୨୦) ଶିକ୍ଷାବର୍ଷରେ ଦୁଇଟି ସ୍ତର(ମାନକ ଓ ଉଚ୍ଚତର)ରେ ସମସ୍ତ ବିଷୟ ପାଇଁ ପ୍ରବର୍ତ୍ତନ କରିଥିବା ଏନ୍‌ଇପି ଧାରଣା କେବଳ ଦଶମ ଶ୍ରେଣୀ ଗଣିତରେ ହିଁ ସୀମିତ ରହିଯାଇଛି। ଏନସିଇଆରଟି ଅଧୀନସ୍ଥ ଏକ ୟୁନିଟ୍ 'ପରଖ' ଦ୍ୱାରା ବିକଶିତ ହୋଇଥିବା ପ୍ରଗତି ପତ୍ର ମୂଲ୍ୟାଙ୍କ ପରିବର୍ତ୍ତେ ସହପାଠୀ ଓ ସ୍ୱମୂଲ୍ୟାୟନକୁ ଅନ୍ତର୍ଭୁକ୍ତ କରିଛି। କିନ୍ତୁ କିଛି ବିଦ୍ୟାଳୟ ବୋର୍ଡ ଏପର୍ଯ୍ୟନ୍ତ ଏହାକୁ ପରିବର୍ତ୍ତନ କରିନାହାନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ବହୁବିଧ ପ୍ରସ୍ଥାନ ବିକଳ୍ପ ସହିତ ଏନ୍‌ଇପିର ଚାରି ବର୍ଷର ସ୍ନାତକ ଡିଗ୍ରୀର ଧାରଣାକୁ କାର୍ଯ୍ୟକାରୀ କରିଛନ୍ତି। କେରଳ ଏହାକୁ ଅନୁସରଣ କରିଛି। କିନ୍ତୁ ଅନେକ ସ୍ଥାନରେ କଲେଜଗୁଡ଼ିକରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଅଧ୍ୟାପକ/ଅଧ୍ୟାପିକା ଓ ଭିତ୍ତିଭୂମିର ଅଭାବ ରହିଛି। ଏନ୍‌ଇପି ଅତି କମରେ ଶ୍ରେଣୀ ୫ ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ ଭାବରେ ମାତୃଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିଛି। ସିବିଏସସିଇ ବିଦ୍ୟାଳୟଗୁଡ଼ିକୁ ପ୍ରାକ୍-ବିଦ୍ୟାଳୟରୁ ଶ୍ରେଣୀ ୨ ପର୍ଯ୍ୟନ୍ତ, ଶ୍ରେଣୀ(୩-୫)ରେ ରହିବା ବା ପରିବର୍ତ୍ତନ କରିବାର ବିକଳ୍ପ ବଜାୟ ରଖିବାର ବ୍ୟବସ୍ଥା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏନସିଇଆରଟି ଏବେ ଏକାଧିକ ଭାରତୀୟ ଭାଷାରେ ପାଠ୍ୟପୁସ୍ତକ ଉପରେ କାମ କରୁଛି।

ଏନ୍‌ଇପି ଅନ୍ତର୍ଗତ ତ୍ରି-ଭାଷା ପ୍ରସ୍ତାବ ଅନୁଯାୟୀ, ଅତିକମରେ ଦୁଇଟି ଭାରତୀୟ ଭାଷାର ଅନ୍ତର୍ଭୁକ୍ତୀକରଣ ଆବଶ୍ୟକ। କିନ୍ତୁ ତାମିଲ-ଇଂରାଜୀ ମଡେଲ ଅନୁସରଣ କରୁଥିବା ତାମିଲନାଡୁ ଏହାକୁ ହିନ୍ଦୀ ଭାଷା ଲାଗୁ କରିବାର ପ୍ରୟାସ ଭାବରେ ଦେଖୁଛି। ୨୦୨୧ରେ ହେବାକୁ ଥିବା ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଚାରିବର୍ଷିଆ ସମନ୍ୱିତ ବି.ଏଡ୍ ପାଠ୍ୟକ୍ରମ ଘୋଷଣା କରାଯାଇଥିଲେ ସୁଦ୍ଧା ପ୍ରାଥମିକ ଶିକ୍ଷା ସ୍ନାତକ (ବିଏଲ୍‌ଏଡ) ପରି ବିଦ୍ୟମାନ କାର୍ଯ୍ୟକ୍ରମ ପ୍ରଦାନ କରୁଥିବା କଲେଜଗୁଡ଼ିକ ଏହାକୁ ପଛକୁ ଠେଲି ଦେଇଛନ୍ତି। ୨୦୧୮ ର ଏକ ଡ୍ରାଫ୍ଟ ବିଲ୍ ୟୁଜିସିକୁ ଭାରତୀୟ ଉଚ୍ଚଶିକ୍ଷା ଆୟୋଗରେ ପରିବର୍ତ୍ତନ କରିବାର ପ୍ରସ୍ତାବ ଦେଇଥିଲା। ଏନ୍‌ଇପି ଏହି ଧାରଣାକୁ ଆନୁଷ୍ଠାନିକ କରିଛି। ଚିକିତ୍ସା ଓ ଆଇନଶିକ୍ଷା ବ୍ୟତୀତ ଭାରତୀୟ ଉଚ୍ଚଶିକ୍ଷା ଆୟୋଗ ଉଚ୍ଚଶିକ୍ଷାରେ ନିୟନ୍ତ୍ରଣ, ପାଣ୍ଠି, ମାନ୍ୟତା ଏବଂ ଶୈକ୍ଷିକ ମାନଦଣ୍ଡକୁ ପରିଚାଳନା କରିବ। କିନ୍ତୁ ଶିକ୍ଷା ମନ୍ତ୍ରଣାଳୟ ଏବେ ବି ବିଲ୍ ପ୍ରସ୍ତୁତ କରିବା ପର୍ଯ୍ୟାୟରେ ଅଛି।

ଏନ୍‌ଇପି ମଧ୍ୟାହ୍ନ ଭୋଜନ ସହିତ ଜଳଖିଆର ବ୍ୟବସ୍ଥା ପାଇଁ ସୁପାରିସ କରିଥିଲା। କିନ୍ତୁ ୨୦୨୧ ମସିହାରେ ଅର୍ଥ ମନ୍ତ୍ରଣାଳୟ ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକ ଶ୍ରେଣୀରେ ଶିକ୍ଷା ମନ୍ତ୍ରଣାଳୟର ଜଳଖିଆ ଅନ୍ତର୍ଭୁକ୍ତୀକରଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। କିଛି ରାଜ୍ୟ ଏନ୍‌ଇପିର ପ୍ରମୁଖ ବ୍ୟବସ୍ଥା ବିରୁଦ୍ଧରେ ପଛଘୁଞ୍ଚା ଦେଇଛନ୍ତି। କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ଏନ୍‌ଇପିକୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ପାଇଁ ଆବଶ୍ୟକ ଉପଖଣ୍ଡ ବିବୃତି ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ମନା କରିଦେଇଛନ୍ତି। ତାମିଲନାଡୁ ତ୍ରି-ଭାଷା ନିୟମ ଓ ଚାରି ବର୍ଷିଆ ୟୁଜି ଢାଞ୍ଚା ଉଭୟକୁ ବିରୋଧ କରୁଛି। ଶିକ୍ଷା ସମବର୍ତ୍ତୀ ସଂଘୀୟ ତାଲିକାରେ ଥିବାରୁ କେନ୍ଦ୍ର ଏକପାଖିଆ ଭାବରେ ଏହି ପରିବର୍ତ୍ତନଗୁଡ଼ିକୁ ବାଧ୍ୟତାମୂଳକ କରିପାରିବ ନାହିଁ ବୋଲି କେରଳ ଓ ତାମିଲନାଡୁ ଭଳି ରାଜ୍ୟ ଯୁକ୍ତି କରିଛନ୍ତି। କେନ୍ଦ୍ର ଏହି ଅର୍ଥକୁ ଏନ୍‌ଇପି ସଂଲଗ୍ନ ସଂସ୍କାର ସହିତ ଜଡ଼ିତ ଦର୍ଶାଇ ଏହି ରାଜ୍ୟଗୁଡ଼ିକର ସମଗ୍ର ଶିକ୍ଷା ପାଣ୍ଠିକୁ ସ୍ଥଗିତ ରଖିଛି। ତାମିଲନାଡୁ ଏହି କଟକଣା ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଚାରିବର୍ଷିଆ ୟୁଜି ପାଠ୍ୟକ୍ରମ ପ୍ରଚଳନ ଏବଂ ପରେ ବାତିଲ କରିଥିବା କର୍ଣ୍ଣାଟକ ୨୦୨୩ରେ କଂଗ୍ରେସ ଦ୍ୱାରା ଦିଆଯାଇଥିବା ଏକ ନିର୍ବାଚନୀ ପ୍ରତିଶ୍ରୁତି, ନିଜସ୍ୱ ରାଜ୍ୟ ଶିକ୍ଷା ନୀତି ଉପରେ କାମ କରୁଛି।

**(ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ)**
**ଭୁବନେଶ୍ୱର, ମୋ:୮୦୧୮୧୭୨୩୦୧ଆବଶ୍ୟକ।**

# ଓଡ଼ିଶାରେ ଗ୍ରନ୍ଥାଗାର ଆନ୍ଦୋଳନ

**ନିରଞ୍ଜନ ମହାପାତ୍ର**

ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଆଇନ-୨୦୦୧ ଏବଂ ଗ୍ରନ୍ଥାଗାର ନିୟମାବଳୀ-୨୦୧୬ରେ ପରାମର୍ଶ ପରିଷଦ, ଅଧିକାରୀ, ତହବିଲ, ଜିଲ୍ଲା ସ୍ତରର କମିଟିର ବ୍ୟବସ୍ଥା ରହିଛି। କିନ୍ତୁ ଦୁଇଦଶକ ପରେ ବି ଏହି ବ୍ୟବସ୍ଥାଗୁଡ଼ିକ କେବଳ କାଗଜରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି। ୨୪ ମାର୍ଚ୍ଚ ୨୦୨୫ରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଛି ଯେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୫୮ ଟି ଅନୁମୋଦିତ ପଦବୀ ମଧ୍ୟରୁ ୪୮ଟି ଖାଲି ଅଛି। ୨୦୨୨ରେ କେବଳ ୬୦ ଜଣ ଗ୍ରନ୍ଥାଗାରିକ/କନିଷ୍ଠ ଗ୍ରନ୍ଥାଗାରିକଙ୍କ ନିଯୁକ୍ତି ହୋଇଛି ଏବଂ ଅବଶିଷ୍ଟ ପଦବୀଗୁଡ଼ିକ ଖାଲି ଅଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୩୧୫ଟି ଗ୍ରନ୍ଥାଗାରିକ ପଦ ଥିଲେ ମଧ୍ୟ କେବଳ ଜଣେ ନିଯୁକ୍ତ ହୋଇଛନ୍ତି। ବାକିଗୁଡ଼ିକୁ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଚାଲୁଛି, ଯାହା ସିବିଏସଇ ନିୟମ ଭଙ୍ଗ କରୁଛି।

ଓଡ଼ିଶା ସରକାରଙ୍କ ଅଧୀନରେ ୧୨୫ଟି ସର୍ବସାଧାରଣ ଗ୍ରନ୍ଥାଗାର ଭିନ୍ନ ଭିନ୍ନ ବିଭାଗ ଅଧୀନରେ ଅଛି। ସେଥିମଧ୍ୟରୁ ୩୦ଟି ସଂସ୍କୃତି ବିଭାଗ, ୮୩ ଟି ସୂଚନା ଓ ଜନସମ୍ପର୍କ ବିଭାଗ ଏବଂ ୧୨ ଟି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଅଛି। ଭିତ୍ତିଭୂମି ଓ ଗ୍ରନ୍ଥାଗାର କର୍ମଚାରୀ ଅଭାବରୁ ତାହା ଉପଯୋଗୀ ହୋଇପାରୁନାହିଁ। ସଂସ୍କୃତି ବିଭାଗର ୧୬ଟି ଜିଲ୍ଲା ଗ୍ରନ୍ଥାଗାରରେ କେବଳ ୩ଜଣ ଗ୍ରନ୍ଥାଗାରିକ କାର୍ଯ୍ୟରତ। ବାକି ୧୩ ଟି କେମିତି ପରିଚାଳିତ ହେଉଛି, ତାହା ଅନୁମାନ କରାଯାଇପାରେ! ଓଡ଼ିଶାରେ ପ୍ରାୟ ୨୦ଟି ପ୍ରତିଷ୍ଠାନ ଗ୍ରନ୍ଥାଗାର ବିଜ୍ଞାନ ଶିକ୍ଷା ଦେଉଛି। ତଥାପି ଅଧିକାଂଶ ଅନୁଷ୍ଠାନ ଶିକ୍ଷକ ଅଭାବରେ ଚାଲିଛି। ରାଜ୍ୟରୁ ପ୍ରତିବର୍ଷ ୭୦୦ରୁ ଅଧିକ ଗ୍ରନ୍ଥାଗାରିକ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଗତ ୧୦ ବର୍ଷ ଧରି ଓଡ଼ିଶାରେ ଗ୍ରନ୍ଥାଗାରିକ ନିଯୁକ୍ତିକୁ ହିସାବ କଲେ ୧୦୦ ରୁ ଅଧିକ କଦାପି ହୋଇ ନ ଥିବ। ବାକି ଥିବା ଗ୍ରନ୍ଥାଗାରିକ ଆଶାୟୀ ସବୁ କରିବେ କ'ଣ? ଇ-ଗ୍ରାମ ସ୍ୱରାଜର ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୧୦୬୮ଟି ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଗ୍ରନ୍ଥାଗାର ଅଛି। କିନ୍ତୁ ସେଗୁଡ଼ିକ ଯୋଜନା ଲକ୍ଷ୍ୟଠାରୁ ବହୁତ ପଛରେ ପଡ଼ିଯାଇଛି।

ଏହି ପରିସ୍ଥିତିରେ ବିଭିନ୍ନ ସାମାଜିକ ସଂଗଠନ, ଗ୍ରନ୍ଥାଗାର ମଞ୍ଚ, ଗ୍ରନ୍ଥାଗାରିକ ସଂଘ ଆଦି ସହଯୋଗର ହାତ ବଢ଼େଇବାକୁ ପଡ଼ିବ। ସୂଚନା ମୁତାବକ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓଏସଏ), ବକୁଳ ଫାଉଣ୍ଡେସନ୍, ଓଡ଼ିଶା ଲାଇବ୍ରେରୀ ଏକାଡେମି, ଲାଇବ୍ରେରୀ ମୁଭମେଣ୍ଟ ଓଡ଼ିଶା, ଓଡ଼ିଶା ଗ୍ରନ୍ଥାଗାର ମହାମଞ୍ଚ, ଯୁବ ଓ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି) ପ୍ରମୁଖ ଓଡ଼ିଶାରେ ପାଠାଗାର ଆନ୍ଦୋଳନ ସହିତ ଜଡ଼ିତ ଅଛନ୍ତି। ଓଏସ୍‌ଏ ଦ୍ୱାରା ପ୍ରତିବର୍ଷ ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଅଧିବେଶନର ଆୟୋଜନ କରିବା ସହିତ ସରକାରଙ୍କୁ ଦାବିପତ୍ର ଦେଇ ଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସାର୍ବଜନୀନ ଗ୍ରନ୍ଥାଗାର ସ୍ଥାପନ ପାଇଁ ଆର୍ଥିକ ସହଯୋଗ ସହିତ ପଞ୍ଚାୟତ ଓ ବ୍ଲକସ୍ତରର ଗ୍ରନ୍ଥାଗାର ପାଇଁ ସରକାରଙ୍କୁ ପ୍ରସ୍ତାବ ଇତ୍ୟାଦି ଚର୍ଚ୍ଚାରେ ଅଛି। ବକୁଳ ଫାଉଣ୍ଡେସନ୍ ତୃଣମୂଳ ସ୍ତରରେ ଗ୍ରନ୍ଥାଗାର ସଂସ୍କୃତିକୁ ଉନ୍ନତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛି। ଓଡ଼ିଶା ଲାଇବ୍ରେରୀ ଏକାଡେମି ପ୍ରତିବର୍ଷ ବିଭିନ୍ନ ସେମିନାର ଓ ସମ୍ମିଳନୀ ଆୟୋଜନ କରି ଆସୁଛି। ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ମଧ୍ୟ ବର୍ଷ ବର୍ଷ ଧରି ମହାବିଦ୍ୟାଳୟରେ ଗ୍ରନ୍ଥାଗାରମାନଙ୍କ କ୍ୟାଡର ରୁଲ ପାଇଁ ସଂଘର୍ଷ କରି ଆସିଛି। ଗତବର୍ଷ ବକୁଳ ଫାଉଣ୍ଡେସନ ଓ ସିୱାଇଏସଡି ଦ୍ୱାରା ଆୟୋଜିତ 'ଓଡ଼ିଶାର ଗ୍ରାମୀଣ ଗ୍ରନ୍ଥାଗାର ଓ ସୂଚନା ସମ୍ବଳ କେନ୍ଦ୍ର ଆନ୍ଦୋଳନ' ଉପରେ ଆଲୋଚନାଚକ୍ର ଉଲ୍ଲେଖଯୋଗ୍ୟ।

ଏତଦ୍‌ବ୍ୟତୀତ ସାମାଜିକ ଗଣମାଧ୍ୟମ ମଧ୍ୟ ପାଠାଗାର ଆନ୍ଦୋଳନରେ ଏକ ଶକ୍ତିଶାଳୀ ଉତ୍‌ପ୍ରେରକ ପାଲଟିଛି। ଫେସବୁକ୍ ଏବଂ ଏକ୍ସ (ପୂର୍ବରୁ ଟ୍ୱିଟର)ରେ 'ଗ୍ରନ୍ଥାଗାର ଆନ୍ଦୋଳନ ଓଡ଼ିଶା' ଗୋଷ୍ଠୀଗୁଡ଼ିକ ଗ୍ରନ୍ଥାଗାର ବୃତ୍ତିଗତ, ଶିକ୍ଷକ, ଛାତ୍ର ଓ ନାଗରିକଙ୍କୁ ଏକତ୍ରିତ କରୁଥିବା ଗତିଶୀଳ ପ୍ଲାଟଫର୍ମ ଭାବରେ ଉଭା ହୋଇଛି। ସେମାନଙ୍କର ତୃଣମୂଳ ସ୍ତରର ଡିଜିଟାଲ୍ ସକ୍ରିୟତା ଓଡ଼ିଶାର ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଜରୁରୀ ଆବଶ୍ୟକତା ପ୍ରତି ଜନସାଧାରଣ ଓ ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଓଡ଼ିଶା ଏକ ସମୃଦ୍ଧ ଐତିହ୍ୟର ରାଜ୍ୟ। ତଥାପି ସାଂଗଠନିକ ଜଡ଼ତା ଅର୍ଥପୂର୍ଣ୍ଣ ସଂସ୍କାରକୁ ବାଧା ଦେଇଛି। ଯଦି ଆଜିର ଦିନରେ ଗ୍ରନ୍ଥାଗାର ଆନ୍ଦୋଳନ କଥା ଉଠିବ ନାହିଁ, ତେବେ ଓଡ଼ିଶାର ବିକାଶ ପଛରେ ପଡ଼ିଯିବ। ସରକାର, ନାଗରିକ ଓ ଗ୍ରନ୍ଥାଗାରିକମାନଙ୍କ ପ୍ରତିଶ୍ରୁତିବଦ୍ଧତା ରାଜ୍ୟର ଗ୍ରନ୍ଥାଗାରଗୁଡ଼ିକୁ ଜ୍ଞାନ, ସମାନତା ଓ ସାମାଜିକ ପ୍ରଗତିରେ ପରିଣତ କରିପାରିବ। ଗ୍ରନ୍ଥାଗାର ଆଇନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଗ୍ରନ୍ଥାଗାରିକ ପଦବୀ ତୁରନ୍ତ ପୂରଣ, ଆଧୁନିକ ଭିତ୍ତିଭୂମି, ଭ୍ରାମ୍ୟମାଣ ଗ୍ରନ୍ଥାଗାର ଏବଂ ପଞ୍ଚାୟତ ଗ୍ରନ୍ଥାଗାର ସ୍ଥାପନ ଭଳି ତୃଣମୂଳ ସ୍ତରରୁ ଏହି ଆନ୍ଦୋଳନକୁ ସମର୍ଥନ ପାଇଁ ଜନସଚେତନତା ଆବଶ୍ୟକ। ଗ୍ରନ୍ଥାଗାରଗୁଡ଼ିକୁ ଜୀବନ୍ତ ଜ୍ଞାନକେନ୍ଦ୍ର ରୂପରେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

(ବିଶ୍ୱ ଦକ୍ଷତା କେନ୍ଦ୍ର)
ଭୁବନେଶ୍ୱର, ମୋ: ୮୮୮୨୩୧୨୩୪ପ୍ରଶ୍ନ।

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ଶତାବରୀ

**ସୌଭାଗ୍ୟସୁନ୍ଦର**

ଶତାବରୀ ମୂଳତଃ ଏକ ଔଷଧୀୟ ଉଦ୍ଭିଦ, ଯାହା ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକାରେ ଦେଖିବାକୁ ମିଳେ। ଭାରତରେ ଏହା ମୁଖ୍ୟତଃ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦେଖାଯାଏ। ଏହାର ଅନନ୍ୟ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରକୃତିର ଉପହାର ଭାବରେ ବର୍ଣ୍ଣନା କରାଯାଇଛି।

ଶତାବରୀ ଏକ ବହୁବର୍ଷୀୟ ତୃଣଜାତୀୟ ଉଦ୍ଭିଦ। ଏହା ପ୍ରଥମେ ସିଧା ବଢ଼େ। ଦୁର୍ବଳ କାଣ୍ଡ ହେତୁ ପରେ ନିକଟବର୍ତ୍ତୀ ଉଦ୍ଭିଦର ଆଶ୍ରୟ ନିଏ। ୧-୨ ମିଟର ଲମ୍ବ ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ଏହାର ପତ୍ର ପତଳା ଏବଂ ପାଇନ ପତ୍ର ପରି ଛୁଞ୍ଚି ଭଳି ଦେଖାଯାଏ। ଏହାର ମୂଳ ଏକାଧିକ ସଂଖ୍ୟାରେ ଗୁଚ୍ଛ ହୋଇ ରହିଥିବା କନ୍ଦମୟ, ଧଳା ଓ ମୂଳା ଆକୃତିର। ପୁଷ୍ପଦଗମ ଅନେକ ଛୋଟ ଛୋଟ ଧଳା ସୁଗନ୍ଧିତ ଫୁଲ ଧାରଣ କରିଥାଏ। ଫଳଗୁଡ଼ିକ ଛୋଟ ବେରି ଆକାରରେ ଥାଏ, ଯାହାର ରଙ୍ଗ ଦେଖିବାକୁ ବାଇଗଣୀରୁ କଳା।

ଆୟୁର୍ବେଦ ଶାସ୍ତ୍ରରେ ଶତାବରୀକୁ ଔଷଧି ଉଦ୍ଭିଦ ଜଗତର ରାଣୀ ଭାବରେ ବର୍ଣ୍ଣନା କରାଯାଇଛି। ଏହା ଏକ ମିଠା ଓ ତିକ୍ତଯୁକ୍ତ ପ୍ରାକୃତିକ ଔଷଧି, ଯାହା ପୁଷ୍ଟିକର ଟନିକ୍, ଆଣ୍ଟାସିଡ୍ ବା ଅମ୍ଳରୋଧକ, ମୂତ୍ରବର୍ଦ୍ଧକ, ନବଯୌବନ ପ୍ରାପ୍ତି, କାମୋଦ୍ଦୀପକ, ରେଚକ, ମାଂସପେଶୀ ସଙ୍କୋଚ ନିରୋଧକ, ଆଣ୍ଟିଟ୍ୟୁମର, ଜ୍ୱଳନ ନିରୋଧୀ, ଆଣ୍ଟି-ଡିପ୍ରେସାଣ୍ଟ ବା ଅବସାଦ ନିରୋଧକ, ଆଣ୍ଟି-ମାଇକ୍ରୋବାୟଲ୍, ଆଣ୍ଟି-ଅକ୍ସିଡାଣ୍ଟ, ଆଡାପ୍ଟୋଜେନିକ୍ ଏବଂ ଇମ୍ୟୁନୋମୋଡ୍ୟୁଲେଟର ଭାବରେ ଅନେକ ଔଷଧୀୟ ଗୁଣ ସହିତ ଆଶୀର୍ବାଦପ୍ରାପ୍ତ। ଶତାବରୀ ପିତ୍ତଦୋଷକୁ ସନ୍ତୁଳିତ କରିବା, ଧଳା ରକ୍ତକୋଷର ସ୍ତର ବୃଦ୍ଧି, ପ୍ରତିରୋଧ ଶକ୍ତିକୁ ଉତ୍ତେଜିତ କରିବା, କ୍ୟାଣ୍ଡିଡା ଭଳି ଫୁରଫୁରି ବା ଫଙ୍ଗସର ମୁକାବିଲାରେ ଫଳପ୍ରଦ ପ୍ରୟୋଗ। ଏହା ମଧ୍ୟ ଜ୍ୱର, ପ୍ରଦାହ, ପେଟ ଅଲସର, ହଇଜା, ଟାଇଫଏଡ୍ ପତାଳା ଝାଡ଼ା, ଚର୍ମରୋଗର ଚିକିତ୍ସା ପାଇଁ ଏହା ଏକ ମହୌଷଧୀ।

ଶତାବରୀ ମୂଳରେ ସାର୍ସାପୋଜେନିନ୍, ସ୍ପାଇରୋଷ୍ଟାନୋଲିକ୍ ଏବଂ ଫୁରୋଷ୍ଟାନୋଲିକ୍ ସ୍ୟାପୋନିନ୍, ସିଟୋଷ୍ଟେରୋଲ୍, ଆସ୍ପାରାଗାମିନ୍ ଏ ପ୍ରଚୁର ପରିମାଣରେ ଥାଏ। ଫଳଗୁଡ଼ିକରେ ବି-ସିଟୋଷ୍ଟେରୋଲ୍, ସାର୍ସାପୋଜେନିନ୍, ଡାୟୋସେନିନ୍, ଆସ୍ପାରାମିନ୍ ଏ ଏବଂ ବି ଥାଏ। ପତ୍ରଗୁଡ଼ିକ ଫ୍ଲାଭୋନଏଡ୍ସ, ରୁଟିନ୍‌ର ଏକ ପ୍ରଚୁର ଉତ୍ସ, ଯାହା ଇ.କୋଲି ଏବଂ ଷ୍ଟାଫିଲୋକୋକସ୍ ଭଳି ବ୍ୟାକ୍ଟେରିଆ ସହିତ ମୁକାବିଲା ଶକ୍ତି ରହିଛି। 'ଶତବରୀ'ନାମଟି 'ଯାହାର ୧୦୦ ସ୍ୱାମୀ ଅଛନ୍ତି' ବୋଲି ବ୍ୟାଖ୍ୟା କରେ, ଯାହା ମହିଳା ପ୍ରଜନନ କ୍ଷମତା ଏବଂ ଋତୁସ୍ରାବକୁ ନିୟମିତ କରିବା ଏବଂ ମାତୃକ୍ଷୀର ବୃଦ୍ଧି ପାଇଁ ଉପାଦେୟ। ଏହା ଆମେନୋରିଆ, ଡିସମେନୋରିଆ, ଲ୍ୟୁକୋରିଆ ଏବଂ ଅନ୍ୟାନ୍ୟ ପେଲଭିକ୍ ପ୍ରଦାହ ରୋଗରେ ଅତ୍ୟନ୍ତ ଲାଭଦାୟକ ଔଷଧି। କୋଭିଡ୍ ସମୟରେ ଲୋକମାନେ ଶତାବରୀର ଲାଭ ପାଇଛନ୍ତି ଏବଂ ତା'ପରେ ଏହି ଔଷଧିର ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବରେ ବ୍ୟବହାର ବୃଦ୍ଧି ପାଇଛି। ଏହା ପୁରୁଷମାନଙ୍କ ମଧ୍ୟରେ ଷ୍ଟାମିନା ବୃଦ୍ଧି, ଇରେକ୍ଟାଇଲ୍ ଡିସଫଙ୍କସନ୍ ଏବଂ ଅକାଳ ବୀର୍ଯ୍ୟପାତ ପରିଚାଳନା ପାଇଁ ଉପଯୋଗୀ। ଶତାବରୀ ମୂଳ ଏବଂ ପତ୍ର ମୁଖ୍ୟତଃ ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ଶତାବରୀ କିଛି ଲୋକଙ୍କଠାରେ ଫୁସଫୁସ କିମ୍ବା ଚର୍ମର ଆଲର୍ଜିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ବୃକକ୍ ବିକାର କିମ୍ବା ହୃଦୟର ଅସମ୍ପୂର୍ଣ୍ଣ କାର୍ଯ୍ୟକାରିତା ଯୋଗୁଁ ଆଜ୍‌ମା ଥିବା ଲୋକଙ୍କଠାରେ ଏହାର ବ୍ୟବହାର ଏଡ଼ାଇବା ଉଚିତ।

ଶତାବରୀର ମୂଳ ବା ଚେର ହେଉଛି ଅଧିକ ମୂଲ୍ୟଯୁକ୍ତ। ତେବେ ଏହାର କାଣ୍ଡ ଓ ପତ୍ରର ନିଜସ୍ୱ ମୂଲ୍ୟ ଓ ଚାହିଦା ରହିଛି। ଅଧିକ ଉପାଦେୟ ଅମଳ ପାଇଁ ଆର୍ଦ୍ରତା ସ୍ତର ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ କାଟି ଭଲ ଭାବରେ ଶୁଖାଯାଇପାରିବ। ଚେର ଗୁଡ଼ିକୁ ମାଟି ଏବଂ କାଦୁଅ କଣିକା ଗୁଡ଼ିକୁ ଅପସାରଣ କରିବା ପାଇଁ ଧୋଇ ଦିଆଯାଏ। ଧୋଇବା ପରେ ଲମ୍ବା ମୂଳଗୁଡ଼ିକୁ ଫୁଟା ଯାଏ ଏବଂ ଛଡ଼ା ଯାଏ (ଆଳୁର ଚୋପା ପରି ମୂଳର ଛେଦା ବାହାର କରି)। ପୂର୍ବରୁ ଏହି ଔଷଧି ତୃଣ ଜଙ୍ଗଲରୁ ସଂଗ୍ରହ କରାଯାଉଥିଲା ଏବଂ ଏହାର ବିପୁଳ ଚାହିଦା ଏବଂ ଔଷଧୀୟ ମୂଲ୍ୟ ହେତୁ ସ୍ଥାୟୀତ୍ୱ ବଜାୟ ନ ରଖି ଏହାକୁ ଶୋଷଣ କରାଯାଉଥିଲା। ଏବେ ଏହାକୁ ବିଭିନ୍ନ ଆୟୁର୍ବେଦ ଔଷଧ କମ୍ପାନୀମାନେ ବ୍ୟବସାୟ ପାଇଁ ଚାଷ କରୁଛନ୍ତି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାହୁଲଙ୍କୁ କର୍ଣ୍ଣାଟକ ସିଇଓଙ୍କ ନୋଟିସ

## ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ




ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଭୋଟର ଜାଲିଆତିକୁ ନେଇ ରାହୁଲ ଲଗାଇଥିବା ଅଭିଯୋଗର ପ୍ରମାଣ ମାଗିଛନ୍ତି। ଗତ ୭ ତାରିଖରେ ରାହୁଲ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ବେଙ୍ଗାଲୁରୁ ସେଣ୍ଟ୍ରାଲର ମହାଦେବପୁରା ବିଧାନସଭା କ୍ଷେତ୍ରରେ ବିପୁଳ ଭୋଟ ଜାଲିଆତି ହୋଇଥିବା ଅଭିଯୋଗ କରିଥିଲେ। ସକୁନା ରାଣୀ ନାମକ ଭୋଟର ଦୁଇ ଥର ଭୋଟ ଦେଇଥିବା ଅଭିଯୋଗ କରିଥିଲେ। ନିର୍ବାଚନ କମିଶନଙ୍କ ତଥ୍ୟରେ ଏହି ସୂଚନା ଦିଆଯାଇଥିବା କହିଥିଲେ। ଏବେ ଏହାକୁ ନେଇ କର୍ଣ୍ଣାଟକ ସିଇଓ ରାହୁଲଙ୍କୁ ନୋଟିସ ଜାରି କରିଛନ୍ତି। କେଉଁ ଆଧାରରେ ଏହି ଅଭିଯୋଗ ଲଗାଇଲେ ତାହାର ପ୍ରମାଣ ଦେବାକୁ ଏଥିରେ କୁହାଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯୋଗର ଯାଞ୍ଚ କରାଯାଇଥିଲା। ରାହୁଲ ସାମ୍ବାଦିକ ସମ୍ମିଳନୀରେ ଦେଖାଇଥିବା ଠିକ୍ ଚିହ୍ନ ଇସିଙ୍କ ଅଫିସିଆଲ ଡକୁମେଣ୍ଟରେ ନାହିଁ। ଏ ନେଇ ଶକୁନୀ ରାଣୀ ମଧ୍ୟ ଟିପ୍ପଣୀ ଦେଇଛନ୍ତି। ସେ କେବଳ ଥରେ ଭୋଟ ଦେଇଥିବା କହିଛନ୍ତି। ତେଣୁ ବିସ୍ତୃତ ବିବରଣୀ ଦେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ଏବଂ ହରିୟାଣା ରାଜ୍ୟ ସିଇଓ ରାହୁଲଙ୍କୁ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି।

# ୨ଟି ଭୋଟର କାର୍ଡ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ: ତେଜସ୍ୱୀ

ପାଟନା, ୧୦।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହୋଇ ଉଠିଛି। ଦୁଇଟି ଭୋଟର କାର୍ଡକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଏବେ ତେଜସ୍ୱୀ ନିଜେ ବଡ଼ ଦାବି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ବିଜୟକୁମାର ସିହ୍ନାଙ୍କ ପାଖରେ ୨ଟି ଭୋଟର କାର୍ଡ ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରେ ଲକ୍ଷିସରାୟ ଏବଂ ପାଟନାର ବାଙ୍କିପୁର ବିଧାନସଭା କ୍ଷେତ୍ରରେ ଶ୍ରୀ ସିହ୍ନାଙ୍କ ନାମରେ ଏପିକ ନମ୍ବର ରହିଛି ବୋଲି ବିରୋଧୀ ଦଳନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି। ଉଭୟରେ ବୟସ ଏବଂ ଠିକଣା ଅଲଗା ଅଲଗା ରହିଛି। ତେବେ ମାତାପିତାଙ୍କ ନାମ ସମାନ ରହିଛି। କିନ୍ତୁ ଗୋଟିଏ ଭୋଟର ଆଇକାର୍ଡରେ ପିତାଙ୍କ ନାମରେ ସ୍ୱର୍ଗତ ଶାରଦା ରମଣ ସିଂହ ଲେଖା ହୋଇଛି। ୨୦୨୦ରେ ଉପ-ମୁଖ୍ୟମନ୍ତ୍ରୀ ଦାଖଲ କରିଥିବା ସତ୍ୟପାଠରେ ବୟସ ୫୪ ଏବଂ ଠିକଣାରେ ପାଟନାର ଏକ୍ଜିବେସନ ରୋଡ ସ୍ଥିତ ଘର ଉଲ୍ଲେଖ କରାଯାଇଥିଲା। ଏହି ଠିକଣା ଉଭୟ ଭୋଟର କାର୍ଡରେ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ତେଜସ୍ୱୀ ଯାଦବ ରବିବାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି।

ତେଜସ୍ୱୀ କହିଛନ୍ତି ଯେ ସିହ୍ନାଙ୍କ ଦୁଇଟି ଭୋଟର କାର୍ଡରେ ବୟସ ଅଲଗା ଅଲଗା ରହିଛି। ସେ ଉପ-ମୁଖ୍ୟମନ୍ତ୍ରୀଙ୍କ ଏପିକ ନମ୍ବରକୁ ଅନ୍‌ଲାଇନରେ ଯାଞ୍ଚ କରି ଦେଖାଇ ଥିଲେ। ମାତ୍ର ଏହି ସମୟରେ ହଠାତ୍ ବିଦ୍ୟୁତ କଟି ଯାଇଥିଲା। ଏହା ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ସେ ଏହି ଅଭିଯୋଗ ଲଗାଇ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ( ଏ ସ ଆ ଇ ଆ ର ) ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜୟ ସିହ୍ନା ଉଭୟ ସ୍ଥାନକୁ ଯାଇ ସ୍ୱାକ୍ଷର କରିଛନ୍ତି କିମ୍ବା ନିର୍ବାଚନ କମିଶନ ଜାଲିଆତି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ଜାଲ୍ କି ବୋଲି ସେ ପଚାରିଛନ୍ତି। ଇସିଙ୍କୁ ନିରପେକ୍ଷ ଏବଂ ସ୍ୱଚ୍ଛତା କଥା କୁହାଯାଉଛି।




ନିଜ ଉପରେ ମିଡିଆ ଟ୍ରାଏଲ ହେଉଥିବା ତେଜସ୍ୱୀ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ବସି କିଛି ଲୋକ ଜେଲ୍ ପଠାଇବାକୁ ଚାହୁଁଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ ଇସି ତାଙ୍କୁ ନୋଟିସ ଜାରି କରିଥିଲେ। ପରଦିନ ସକାଳେ ସ୍ୱିଡ୍ ପୋଷ୍ଟରେ ଏହାର ଜବାବ ଦିଆଯାଇଥିଲା। ଏପରି ଭାବେ ଜିଲ୍ଲା ପ୍ରଶାସନ ଉପମୁଖ୍ୟମନ୍ତ୍ରୀଙ୍କୁ ନୋଟିସ୍ ପଠାଇବ କି? ବିଜେପିର ଦୁଇ ଉପ-ମୁଖ୍ୟମନ୍ତ୍ରୀ ଅଜବ ଲୋକ। ସମ୍ରାଟ ଚୌଧୁରୀ ପ୍ରଥମେ ବୟସ ଜାଲିଆତି କରିଥିଲେ। ଏବେ ବିଜୟ ସିହ୍ନା ମଧ୍ୟ ଏପରି କରିଛନ୍ତି। ସେ ଜାଲିଆତି କରିଥିବା ଜଣାପଡ଼ିଲେ ଇସ୍ତଫା ଦେବା ଉଚିତ। ଯଦି ଇସି ଭୁଲ୍ ତେବେ ଏସଆଇଆର ପ୍ରତ୍ୟାହାର କରାଯିବା ଉଚିତ।


ମୁଖ୍ୟ ନିର୍ବାଚନ କମିଶନଙ୍କୁ ତେଜସ୍ୱୀ ଆହ୍ୱାନ ଦେଇଛନ୍ତି। ବିଧାନସଭା କ୍ଷେତ୍ରକୁ ଆସି ବନ୍ୟା ସ୍ଥିତି ଦେଖିବାକୁ କହିଛନ୍ତି। ଦିଲ୍ଲୀରେ ବସି ବିଜେପି କଥାରେ ସବୁ କିଛି ହେବନାହିଁ। ପୋଷ୍ଟ ଅଫିସ ହୋଇ ରହିଲେ ଚଳିବ ନାହିଁ। ଏସଆଇଆରରେ ୬୫ ଲକ୍ଷ ଲୋକଙ୍କ ନାମ କଟାଯାଇଛି। ଏହାର ବିସ୍ତୃତ ତଥ୍ୟ ଲୋକଙ୍କ ସାମ୍ନାରେ ରଖନ୍ତୁ। ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସମସ୍ତଙ୍କ ମୃତ୍ୟୁ ପ୍ରମାଣପତ୍ର ନିଆଯାଇଛି କି? ଏହି ପ୍ରମାଣପତ୍ର ବି ଦେଖାଇବାକୁ ହେବ।

## ଭାରତକୁ ମୁନିରଙ୍କ ପରମାଣୁ ଧମକ

ୱାସିଂଟନ, ୧୦।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନିର ଦ୍ୱିତୀୟ ଥର ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ସେ ସେଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏହା ପୂର୍ବରୁ ସେ ଆମେରିକାରୁ ଭାରତକୁ ପରମାଣୁ ଯୁଦ୍ଧର ଧମକ ଦେଇଛନ୍ତି। ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରି ଭାରତ ଏହା ଉପରେ ବନ୍ଧ ନିର୍ମାଣ କଲେ ୧୦ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ ଧ୍ୱଂସ କରିଦେବୁ। ପାକିସ୍ତାନ ପାଖରେ କ୍ଷେପଣାସ୍ତ୍ରର ମଧ୍ୟ କୌଣସି ଅଭାବ ନାହିଁ। ଭାରତ ଉପରେ ଆକ୍ରମଣ କରିବୁ ବୋଲି ସେ କହିଛନ୍ତି। ମୁନିରଙ୍କ ଅନୁଯାୟୀ ସିନ୍ଧୁ ନଦୀ ଭାରତର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ସିନ୍ଧୁ ଚୁକ୍ତି ରଦ୍ଦ ନିଷ୍ପତ୍ତି ଦ୍ୱାରା ୨୫ କୋଟି ଲୋକ ଅନାହାର ମୃତ୍ୟୁମୁଖରେ ପଡ଼ିପାରନ୍ତି। ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ଦେଶ ବୁଡିଯିବ ବୋଲି ଲାଗିବ ତେବେ ଅଧା ବିଶ୍ୱକୁ ଆମେ ସାଙ୍ଗରେ ନେଇଯିବୁ। ଟାମ୍ପାର ଗ୍ରାଣ୍ଡ ହାୟେତ ହୋଟେଲରେ ପାକିସ୍ତାନ ବଂଶୋଦ୍ଭବ ବ୍ୟବସାୟୀ ଅଦନାନ ଅସଦଙ୍କ ପକ୍ଷରୁ ଆୟୋଜିତ ନୈଶ୍ୟ ଭୋଜିରେ ସାମିଲ ହୋଇ ମୁନିର ଏହି ଧମକ ଦେଇଛନ୍ତି। ଏଠାରେ ପାକିସ୍ତାନ ଦୂତାବାସର ୧୨୦ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କଠାରୁ ସୂଚନା ସଂଗ୍ରହ କରି ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଏଠାରେ ମୁନିର ଭାରତକୁ ଚମକୁଥିବା ମର୍ସିଡିଜ ଏବଂ ପାକିସ୍ତାନକୁ ବାଲି ଭର୍ତ୍ତି ଡମ୍ପର ଟ୍ରକ ସହ ତୁଳନା କରିଥିଲେ। ଟ୍ରକ ସହ କାର ଧକ୍କା ହେଲେ କାହାର କ୍ଷତି ହେବ ବୋଲି ପଚାରି ଥିଲେ। ପୂର୍ବ ଭାରତରୁ ଆକ୍ରମଣ କରିବୁ ବୋଲି ମୁନିର କହିଥିଲେ। କାରଣ ଏଠାରେ ବହୁ ମୂଲ୍ୟବାନ ସମ୍ବଳ ରହିଛି। ଏଠାରୁ ପରେ ପଶ୍ଚିମ ଭାରତ ଅଭିମୁଖେ ଅଗ୍ରସର ହେବୁ। ସୂଚନା ଅନୁଯାୟୀ ମୁନିର ଆମେରିକା ମଧ୍ୟ କମାଣ୍ଡରର ଜେନେରାଲ ମାଇକେଲ କୁରିଲ୍ଲାଙ୍କ ଅବସର କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ରାଏଲ ସେନାର ପ୍ରତିନିଧି ମଧ୍ୟ ସାମିଲ ଥିଲେ। ଦୁଇ ମାସରେ ଦ୍ୱିତୀୟଥର ପାଇଁ ସେ ଆମେରିକା ଗସ୍ତରେ ଅଛନ୍ତି। ଏହା ପୂର୍ବରୁ ଏପ୍ରିଲ ୧୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପାଇଁ ନୈଶ୍ୟଭୋଜି ଆୟୋଜନ କରିଥିଲେ।

## ଆଇପିଏସ୍ ବାପାଙ୍କୁ କୋର୍ଟକୁ ଟାଣି ଜିତିଲେ ଓକିଲ ଝିଅ

ଲକ୍ଷ୍ନୌ, ୧୦।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌର ଏକ କୋର୍ଟରୁମ୍‌ରୁ ଭିନ୍ନ ଦୃଶ୍ୟ ସାମ୍ନାକୁ ଆସିଛି। ଏହା କୌଣସି ଚଳଚ୍ଚିତ୍ର ଦୃଶ୍ୟଠାରୁ କମ୍ ନୁହେଁ। ଅବସରପ୍ରାପ୍ତ ଆଇପିଏସ ବାପା ଦେଇଥିବା ନିଲମ୍ବନ ନିର୍ଦ୍ଦେଶ ବିରୋଧରେ ଓକିଲ ଝିଅ ମାମଲା ଲଢ଼ିଛି। ଆଉ କୋର୍ଟରେ ବାପାଙ୍କ ସହ ମୁହାଁମୁହିଁ ହୋଇଛି। ବିଜୟୀ ହୋଇ କନଷ୍ଟେବଲଙ୍କ ନିଲମ୍ବନ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବାରେ ସଫଳ ହୋଇଛନ୍ତି। ଏହି ମାମଲା ବରେଲି ରେଞ୍ଜର ପୂର୍ବତନ ଆଇଜ ରାକେଶ ସିଂହ ଏବଂ ତାଙ୍କ ଓକିଲ ଝିଅ ଅନୁରା ସିଂହଙ୍କ ସହ ଜଡ଼ିତ। ୨୦୨୩ ଜାନୁଆରୀରେ ତ୍ରିବେଣୀ ଏକ୍ସପ୍ରେସରେ ଯାଉଥିବା ଜଣେ ବାଳିକା କନଷ୍ଟେବଳ ତୌଫିକ ଅହମ୍ମଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଲଗାଇ ଥିଲେ। ଏ ନେଇ ବାଳିକାଙ୍କ ପିତା ପୋକ୍ସ ଅଧିନରେ ଏତଲା ରୁଜୁ କରିଥିଲେ। ମାତ୍ର ନିମ୍ନ କୋର୍ଟ ଅହମ୍ମଦଙ୍କୁ ଦୋଷମୁକ୍ତ କରିବା ପରେ ପୁଲିସ ବିଭାଗ ତାଙ୍କୁ ଚାକିରିରୁ ବରଖାସ୍ତ କରିଦେଇଥିଲା। ଏହା ବିରୋଧରେ ଅହମ୍ମଦ କରିଥିବା ଆବେଦନକୁ ଆଇଜି ରାକେଶ ସିଂହ ଖାରଜ କରିଦେଇଥିଲେ। ତେଣୁ ଅହମ୍ମଦଙ୍କ ପକ୍ଷରୁ ଅନୁରା ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟ ଯାଇଥିଲେ। କୋର୍ଟରେ ଅନୁରା ଯୁକ୍ତି କରିଥିଲେ ଯେ ବିଭାଗୀୟ ତଦନ୍ତ ଏବଂ ବରଖାସ୍ତ ନିର୍ଦ୍ଦେଶ ତ୍ରୁଟିପୂର୍ଣ୍ଣ ଥିଲା। ଏହା ନିୟମ ଅନୁଯାୟୀ ହୋଇ ନ ଥିଲା। ଏହି ମାମଲାରେ କୋର୍ଟ ତାଙ୍କ ବାପାଙ୍କୁ ସମନ ଜାରି କରିଥିଲେ। ରାକେଶ ସିଂହ ଉପସ୍ଥିତ ହୋଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଉଚିତ ଦର୍ଶାଇ ଥିଲେ। ତେବେ ଅନୁରା ପୁଲିସ ବିଭାଗର ଭୁଲ୍ ଦର୍ଶାଇ ତାଙ୍କ ମହକିଲଙ୍କ ସହ ଅନ୍ୟାୟ ହୋଇଥିବା କହିଥିଲେ। ପରେ ହାଇକୋର୍ଟ ଅହମ୍ମଦଙ୍କ ସପକ୍ଷରେ ରାୟ ଦେଇ ତାଙ୍କୁ ପୁର୍ନଅବସ୍ଥାପିତ କରିଥିଲେ। ଗତ ଜୁଲାଇରେ କୋର୍ଟ ଏହି ରାୟ ଦେଇଥିଲେ। ଝିଅର ଏହି ବିଜୟକୁ ନେଇ ବାପା ଗର୍ବିତ ବୋଲି କହିଥିଲେ।




# ଟ୍ରମ୍ପଙ୍କୁ ମୋଦୀ ଓ ରାଜନାଥଙ୍କ ନିଶାଣ

## ମୃତ ନୁହେଁ; ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି ଭାରତ: ପ୍ରଧାନମନ୍ତ୍ରୀ

ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟାର୍ଗେଟ କରିଛନ୍ତି। ଉଭୟେ ବିଭିନ୍ନ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ବେଙ୍ଗାଲୁରୁରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟର ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଟ୍ରମ୍ପଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତ ଦଶ ନମ୍ବରରୁ ୫ ନମ୍ବରକୁ ଆସିଯାଇଛି। ମୃତ ନୁହେଁ; ଖୁବଶୀଘ୍ର ଦେଶ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି ହେବାକୁ ଯାଉଛି। ଏହା ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରଣ ଯୋଗୁଁ ସମ୍ଭବ ହୋଇଛି। ଦେଶ ସଫଳତାର ପତାକା ଉଡ଼ାଉଛି। ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖରେ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଭାରତ ଏବଂ ରୁଷକୁ ମୃତ ଅର୍ଥନୀତି କହିଥିଲେ। ଆଜି ବେଙ୍ଗାଲୁରୁରେ ମେଟ୍ରୋ ରେଳର ୟେଲୋ ଲାଇନ ଏବଂ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି।







### ଭାରତର ବିକାଶକୁ ସହି ପାରୁନାହାନ୍ତି 'ବସ୍': ପ୍ରତିରକ୍ଷା ମନ୍ତ୍ରୀ

ମୋଦୀ 'ଅପରେସନ ସିନ୍ଦୂର'କୁ ନେଇ କହିଛନ୍ତି ଯେ ଆତଙ୍କବାଦୀ ଏବଂ ପାକିସ୍ତାନକୁ ଦୃଢ଼ ଜବାବ ଦେଇଥିବା ଭାରତୀୟ ସେନାର କ୍ଷମତା ସାରା ବିଶ୍ୱ ଦେଖିଛି। ଏହି ସଫଳତା ପଛରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ଏବଂ 'ମେକ୍ ଇନ୍ ଇଣ୍ଡିଆ'ର ଶକ୍ତି ରହିଛି। ଏଥିରେ ବେଙ୍ଗାଲୁରୁର ବହୁତ ଯୋଗଦାନ ରହିଛି।

ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବର୍ଷିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ଟ୍ରମ୍ପଙ୍କ ନାମ ନ ନେଇ କହିଛନ୍ତି, ଭାରତର ଦ୍ରୁତ ବିକାଶକୁ 'ସମସ୍ତଙ୍କ ବସ୍' ସହିପାରୁ ନାହାନ୍ତି। ତେଣୁ ଭାରତରେ ନିର୍ମିତ ଉତ୍ପାଦର ମୂଲ୍ୟ ବଢ଼ାଇବାକୁ ଚାହୁଁଛନ୍ତି। କିନ୍ତୁ ଭାରତକୁ ସୁପରପାୱାର ହେବାକୁ କେହି ରୋକିପାରିବେ ନାହିଁ ବୋଲି ରାଜନାଥ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ମଧ୍ୟପ୍ରଦେଶ ରାୟସେନରେ ରେଳ ବଗି କାରଖାନାର ଶିଳାନ୍ୟାସ କରି ରାଜନାଥ ଏହି ଟିପ୍ପଣୀ ଦେଇଛନ୍ତି।

ରାଜନାଥ କହିଛନ୍ତି ଯେ କିଛି ଲୋକ ନିଜକୁ ଦୁନିଆର ବସ ଭାବୁଛନ୍ତି, କିନ୍ତୁ ତାଙ୍କୁ ଜଣା ନାହିଁ ଆମେ ସମସ୍ତଙ୍କ ବସ୍। କିଛି ଲୋକଙ୍କ ପାଇଁ ଭାରତର ଦ୍ରୁତ ଅଭିବୃଦ୍ଧି ଅସହ୍ୟ ହୋଇଛି। ତେଣୁ ଭାରତରେ ନିର୍ମିତ ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ପ୍ରୟାସ ହେଉଛି। ମାତ୍ର ଭାରତର ଆଭିମୁଖ୍ୟ ଭିନ୍ନ ରହିଛି। ଭାରତ କେବଳ ନିଜର ନୁହେଁ, ସାରା ବିଶ୍ୱର ମଙ୍ଗଳ ଚାହୁଁଛି। କିନ୍ତୁ ଯିଏ ଆକ୍ରମଣ କରୁଛି ତାହାକୁ ଛଡ଼ାଯିବ ନାହିଁ। ଧର୍ମ ଦେଖି ନୁହେଁ, କର୍ମ ଦେଖି ମାରିବୁ।

# ବାୟୁସୀମା ବନ୍ଦ କରି ୧୨୪୦ କୋଟି ହରାଇଲାଣି ପାକିସ୍ତାନ

ଇସଲାମାବାଦ, ୧୦।୮ (ଏଜେନ୍ସି): ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଆଉ ଏକ ବଡ଼ ଝଟ୍କା ଲାଗିଛି। ଭାରତୀୟ ବିମାନ ପାଇଁ ବାୟୁସୀମା ବନ୍ଦ କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଏହି ନିଷ୍ପତ୍ତି ଇସଲାମାବାଦର ଆର୍ଥିକ କ୍ଷତି କରୁଛି। ଭାରତରେ ପଞ୍ଜିକୃତ, ପରିଚାଳିତ, ନିଜସ୍ୱ କିମ୍ବା ଭଡ଼ାରେ ନିଆଯାଇଥିବା ବିମାନ ପାଇଁ ବାୟୁସୀମା ବନ୍ଦ କରିବା ଯୋଗୁଁ ପାକିସ୍ତାନ ଗତ ୨ ମାସରେ ୧୨୪୦ କୋଟି ଟଙ୍କା ହରାଇଛି। ଏଥିଲାଗି ବିପୁଳ ରାଜସ୍ୱହାନି ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ କହିଛନ୍ତି। ଗତ ଏପ୍ରିଲ ୩୦ରୁ ଜୁନ ୩୦ ମଧ୍ୟରେ ଦିନକୁ ପ୍ରାୟ ୧୦୦ରୁ ୧୫୦ ବିମାନ ଅନ୍ୟ ଆକାଶପଥ ମାର୍ଗରେ ଯାଉଛନ୍ତି। ଫଳରେ ପାକିସ୍ତାନ ଏୟାର ଟ୍ରାଫିକ ୨୦ ପ୍ରତିଶତ ହ୍ରାସ ପାଇଛି। ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଚୁକ୍ତିକୁ ରଦ୍ଦ କରିଦେଇଥିଲା। ଭାରତର ଏହି ପଦକ୍ଷେପ ପରେ ଏପ୍ରିଲ ୨୪ରୁ ପାକିସ୍ତାନ ହଡ଼ବଡ଼େଇ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। କିନ୍ତୁ ପାକିସ୍ତାନର ଏହି ନିଷ୍ପତ୍ତି ଦ୍ୱାରା ଭାରତର କୌଣସି କ୍ଷତି ହୋଇନାହିଁ। ଅନ୍ୟ ଆନ୍ତର୍ଜାତିକ ମାର୍ଗରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ସେବା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଭାରତ ମଧ୍ୟ ଏପରି କାର୍ଯ୍ୟାନୁଷ୍ଠାନ ନେଇଛି। ପାକିସ୍ତାନୀ ବିମାନ କମ୍ପାନୀଗୁଡ଼ିକ ଉପରେ ଭାରତୀୟ ଆକାଶ ସୀମାରେ ପ୍ରବେଶକୁ ନିଷିଦ୍ଧ କରି ଦିଆଯାଇଛି। ସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ।

## ପୁଣି ହୋଇପାରେ ଯୁଦ୍ଧ: ସେନାମୁଖ୍ୟ

ଚେନ୍ନାଇ, ୧୦।୯: ଖୁବଶୀଘ୍ର ପାକିସ୍ତାନ ସହ ପୁଣି ଯୁଦ୍ଧ ହୋଇପାରେ ବୋଲି ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଶଙ୍କା କରିଛନ୍ତି। ସେହି ଅନୁସାରେ ଦେଶକୁ ପ୍ରସ୍ତୁତି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଚଳିତ ଥର ସମସ୍ତଙ୍କୁ ମିଶି ଲଢେଇ ଲଢ଼ିବାକୁ ପଡ଼ିବ ବୋଲି ସେ ଉଲ୍ଲେଖ କରିଛନ୍ତି। ବାୟୁସେନା ମୁଖ୍ୟଙ୍କ ପରେ 'ଅପରେସନ ସିନ୍ଦୂର'କୁ ନେଇ ସେ ମଧ୍ୟ ମୁହଁ ଖୋଲିଛନ୍ତି। ସେ ସମୟରେ ସରକାର ଆମକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ବୋଲି ସ୍ଥଳ ସେନାଧ୍ୟକ୍ଷ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ ଆକ୍ରମଣ ସାରା ଦେଶକୁ ବଡ଼ ଆଘାତ ଦେଇଥିଲା। ଏପ୍ରିଲ ୨୩ରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଏବେ ବହୁତ ହୋଇଗଲା। କିଛି ଗୋଟେ କରିବାକୁ ପଡ଼ିବ ବୋଲି ତିନି ସେନାମୁଖ୍ୟ ଜାଣିଥିଲେ। କ'ଣ କରିବାକୁ ପଡ଼ିବ ସେଥିପାଇଁ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ଏଭଳି ଆତ୍ମବିଶ୍ୱାସ, ରାଜନୈତିକ ସ୍ପଷ୍ଟତା ଆମେ ପ୍ରଥମ ଥର ପାଇଁ ଦେଖିଥିଲୁ। ଏପରି ସ୍ପଷ୍ଟ ରାଜନୈତିକ ସମର୍ଥନ ସୈନିକଙ୍କ ମନୋବଳକୁ ବୃଦ୍ଧି କରେ। ଜେନେରାଲ ଦ୍ୱିବେଦୀଙ୍କ ଅନୁଯାୟୀ ଏପ୍ରିଲ ୨୫ରେ ଆମେ ଉତ୍ତର କମାଣ୍ଡରେ ପହଞ୍ଚି ଥିଲୁ। ଏଠାରେ ସବୁ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରା ଯାଇଥିଲା। ୯ରୁ ୭ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ଏଥିରେ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। ଏପ୍ରିଲ ୨୯ରେ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ହୋଇଥିଲା। 'ଅପରେସନ୍ ସିନ୍ଦୂର' ଏକ ଛୋଟ ନାମ ହୋଇଥିଲେ ବି ସାରାଦେଶକୁ ଏକତ୍ର କରିଥିଲା। 'ସିନ୍ଧୁରୁ ସିନ୍ଦୂର' ଆମେ ସବୁକିଛିର ଯତ୍ନ ନେଇଛୁ। ଏବେ କାହିଁକି ଅପରେସନ ବନ୍ଦ କରାଗଲା ବୋଲି ସାରା ଦେଶ ପଚାରୁଛି। ଏହାର ଉତ୍ତର ମଧ୍ୟ ଦିଆଯାଇ ସାରିଛି। ଏହି ଅଭିଯାନରେ ଆମେ ଚେସ ଖେଳୁ ଥିଲୁ। ଶତ୍ରୁର ଆଗାମୀ ଚାଲ କଣ ହେବ ଏବଂ କି ପଦକ୍ଷେପ ନେବ ତାହା ଆମକୁ ଜଣା ନ ଥିଲା। ଆମେ ଗୋଟି ଚାଳନା କରି ଚାଲିଥିଲୁ। ଶତ୍ରୁ ମଧ୍ୟ ଚେସ ଖେଳୁ ଥିଲା। ଭାରତ ଶତ୍ରୁକୁ ମାତ୍ ଦେଉଥିଲା। ଆଉ କେତେବେଳେ ଜୀବନ ହରାଇବା ଭୟରେ ହାର ମାନି ଯାଉଥିଲୁ। ଏହା ହିଁ ତ୍ ଜୀବନ। ଏହାକୁ ଗ୍ରେ ଜୋନ କୁହାଯାଏ। ଅର୍ଥାତ୍ ଏହା ପାରମ୍ପରିକ ଅଭିଯାନ ନ ଥିଲା। ଗତ ୪ ତାରିଖରେ ଆଇଆଇଟି ମାଡ୍ରାସରେ ‹ଅଗ୍ନିଶୋଧ- ଭାରତୀୟ ସେନା ରିସର୍ଚ୍ଚ ସେଲର ଉଦ୍‌ଘାଟନ କରି ସେନା ମୁଖ୍ୟ ଏହି ଟିପ୍ପଣୀ ଦେଇଥିଲେ। ସେ ଅପରେସନ ସିନ୍ଦୂରକୁ ସୁନିୟୋଜିତ, ଗୁଇନ୍ଦା ଆଧାରିତ ଅଭିଯାନ କହିଥିଲେ।

## କେନ୍ଦ୍ରମନ୍ତ୍ରୀ ଗୋପୀ ନିଖୋଜ

ତିରୁଅନନ୍ତପୁରମ, ୧୦।୮ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ତଥା ତ୍ରିଶୁର ସାଂସଦ ସୁରେଶ ଗୋପୀ ନିଜ ସଂସଦୀୟ କ୍ଷେତ୍ରରୁ ଗାଏବ ହୋଇ ଯାଇଛନ୍ତି। ଗତ ଦୁଇ ମାସ ହେଲା ତାଙ୍କୁ କୌଣସି ସାର୍ବଜନୀନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିନାହିଁ। ସେ କେଉଁଆଡେ ଯାଇଛନ୍ତି ଏବଂ କେବେ ଫେରିବେ ତାହା ମଧ୍ୟ ଜଣାନାହିଁ। ତାଙ୍କ କାର୍ଯ୍ୟାଳୟ ମଧ୍ୟ ସ୍ପଷ୍ଟ ସୂଚନା ଦେଇପାରୁ ନାହିଁ। ତ୍ରିଶୁରର ମେୟର ଏବଂ ରାଜ୍ୟର ରାଜସ୍ୱ ମନ୍ତ୍ରୀ କେ.ରାଜନ ମଧ୍ୟ ତାଙ୍କ ସହ ଯୋଗାଯୋଗ କରିପାରି ନାହାନ୍ତି। ତେଣୁ କେନ୍ଦ୍ରମନ୍ତ୍ରୀ ଗାଏବ ହେବାକୁ ନେଇ କେରଳ ଛାତ୍ର ସଂଘ (କେଏସୟୁ) ରବିବାର ତ୍ରିଶୁର ଇଷ୍ଟ ପୁଲିସରେ ତାଙ୍କ ବିରୋଧରେ ଏତଲା ରୁଜୁ କରାଇଛି। ଛତିଶଗଡ଼ରେ ଦୁଇ କେରଳ ନନ୍ ଗିରଫ ହେବା ପରଠାରୁ ସୁରେଶ ଗୋପୀଙ୍କୁ ଦେଖା ଯାଇ ନାହିଁ ବୋଲି କେଏସୟୁ ଜିଲ୍ଲାଧ୍ୟକ୍ଷ ଗୋକୁଲ ଗୁରବାୟୁର କହିଛନ୍ତି। ସେ ମନ୍ତ୍ରୀଙ୍କ ବିରୋଧରେ ଅଭିଯାନ ଚଳାଇବାକୁ ଚେତାବନୀ ଦେଇଛନ୍ତି। ତାଙ୍କ ଅନୁପସ୍ଥିତିର ଯାଞ୍ଚ ଦାବି କରିଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟ: ଗେହଲଟ୍‌ଙ୍କ ପିଏସ୍‌ଓ ଗିରଫ

ଜୟପୁର, ୧୦।୮ (ଏଜେନ୍ସି): ରାଜସ୍ଥାନର ସବ-ଇନସ୍ପେକ୍ଟର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମସ୍ୟା ବଢ଼ିପାରେ। ଏହି ମାମଲାରେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ତଥା ହେଡ୍ କନଷ୍ଟେବଳ ରାଜକୁମାର ଯାଦବ ଏବଂ ତାଙ୍କ ପୁଅ ଭରତ ଯାଦବଙ୍କୁ ଗିରଫ କରିଛି। ଉଭୟଙ୍କୁ ଶନିବାର ଗିରଫ କରାଯାଇ ୧୨ ତାରିଖ ପର୍ଯ୍ୟନ୍ତ ହେପାଜତକୁ ନିଆଯାଇଛି। ରାଜକୁମାରଙ୍କ ଗିରଫ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ସେ ଗେହଲଟଙ୍କ ସାଙ୍ଗରେ ଥିବାବେଳେ ମଧ୍ୟ ସେ ଗେହଲଟ ସରକାରରେ ସବୁବେଳେ ଛାଇ ପରି ରହୁଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କର ପିଏସଓ ଥିଲେ। ମନ୍ତ୍ରୀ ଥିବା ଜଣେ କଂଗ୍ରେସ ନେତାଙ୍କଠାରୁ ସେ ପ୍ରଶ୍ନପତ୍ର ନେଇଥିଲେ ବୋଲି କୁହାଯାଉଛି। ଏଡିଜି ଭିକେ ସିଂହ କହିଛନ୍ତି ଯେ ୨୦୨୧ର ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପ୍ରବୋସନାରୀ ଏସ୍‌ଆଇ ସତ୍ୟେନ୍ଦ୍ର ସିଂହ ଯାଦବଙ୍କୁ ଗିରଫ କରାଯାଇଥିଲା। ତାଙ୍କଠୁ ହିଁ ରାଜକୁମାର ପ୍ରଶ୍ନପତ୍ର ନେଇ ନିଜ ପୁଅ ଏବଂ ସମ୍ପର୍କୀୟ ରବୀନ୍ଦ୍ର ସାଇନିଙ୍କୁ ଦେଇଥିଲେ। ଏହା ଫଳରେ ସତ୍ୟେନ୍ଦ୍ର ଏବଂ ରବୀନ୍ଦ୍ର ଏସଆଇଏସ ନିଯୁକ୍ତ ହୋଇଥିଲେ। ତେବେ ଭରତ କେବଳ ଲିଖିତ ପରୀକ୍ଷା ପାସ୍ କରିପାରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ୫୪ ଟ୍ରେନି ଏସ୍‌ଆଇ ସାମିଲ ହୋଇଛନ୍ତି।



## ୫ ଲକ୍ଷ କହି ଧରାଇଦେଲେ ୫ ହଜାର

ଡେରାଡୁନ, ୧୦।୮ (ଏଜେନ୍ସି): ବାଦଲଫଟା ବର୍ଷା ଯୋଗୁଁ ଉତ୍ତରକାଶୀରେ ଅଚାନକ ବନ୍ୟା ମାଡ଼ି ଆସିଥିଲା। ଏଥିଯୋଗୁଁ ଧରାଲି ଗ୍ରାମ ଧ୍ୱଂସସ୍ତୁପରେ ପରିଣତ ହୋଇ ଯାଇଛି। ଅନେକ ଲୋକ ଏବେ ବି ଅବଶେଷ ତଳେ ଫସି ରହିଛନ୍ତି। ଲୋକେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଟିକେ ପାଉନାହାନ୍ତି। ପରିବାର ସଦସ୍ୟଙ୍କୁ ଧରି ଆଶ୍ରୟସ୍ଥଳରେ ଶରଣ ନେଇଥିବାବେଳେ ପୀଡ଼ିତଙ୍କୁ ଉତ୍ତରାଖଣ୍ଡ ସରକାର ବଡ଼ ଧୋକା ଦେଇଛନ୍ତି। ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହି ପ୍ରତି ପରିବାରକୁ ୫ ହଜାର ଟଙ୍କାର ଚେକ୍ ଧରାଇ ଦେଇଛନ୍ତି। ଭୟଙ୍କର ବିପଦର ସମ୍ମୁଖୀନ ହୋଇଥିବା ଏହି ପରିବାରଗୁଡ଼ିକ ପାଇଁ ସରକାର ଦେଇଥିବା ଏହି କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ସରକାରଙ୍କ ପକ୍ଷରୁ ଏହାକୁ ତତ୍କାଳ ରିଲିଫ କୁହାଯାଇଛି। କିନ୍ତୁ ଏହାକୁ ବିରୋଧ କରି ଧରାଲି ଓ ହର୍ଷିଲର ପୀଡ଼ିତ ପରିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ତାଙ୍କ ସମସ୍ୟାକୁ କମ୍ କରି ଆକଳନ କରିଛନ୍ତି' ବୋଲି ପୀଡ଼ିତମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉତ୍ତରକାଶୀ ବିପର୍ଯ୍ୟୟକୁ ନେଇ ବିଶେଷଜ୍ଞମାନେ ଭିନ୍ନ ମତ ଦେଇଛନ୍ତି। ଦେବଦାରୁ ଗଛ ଏହି ଘଟଣାକୁ ରୋକିପାରିଥାନ୍ତା ବୋଲି କହିଛନ୍ତି। ହିମାଳୟ ଉପରେ ଅନେକ ଗବେଷଣା ପୁସ୍ତକ ଲେଖିଥିବା ପ୍ରଫେସର ଶେଖର ପାଠକ କହିଛନ୍ତି ଯେ ସମୁଦ୍ର ପତ୍ତନଠାରୁ ୨ ହଜାର ମିଟର ଉଚ୍ଚରେ ଥିବା ଧରାଲି ପୂର୍ବରୁ ଦେବଦାରୁ ପରିପୂର୍ଣ୍ଣ ଥିଲା। ଏକ ବର୍ଗ କିମିରେ ହାରାହାରି ୪୦୦-୫୦୦ଟି ଏହି ଗଛ ଥିଲା। ବାଦଲ ଫଟା ବର୍ଷା ହେଉ ଅବା ଭୂସ୍ଖଳନ, ଦେବଦାରୁ ଗଛଗୁଡ଼ିକ ଭଗ୍ନାବଶେଷ ଏବଂ ପାଣିକୁ ତଳକୁ ଆସିବାକୁ ଦେଉ ନ ଥିଲା। ଏବେ ଏହି ଗଛ କାଟି କୋଠା ନିର୍ମାଣ କରାଯାଇଛି। ଅନେକ ପ୍ରକଳ୍ପ ଆରମ୍ଭ ହୋଇଛି। ଏହାର ପରିଣାମ ସ୍ୱରୂପ ଏହି ଅଞ୍ଚଳର ଏକ ବର୍ଗ କିଲୋମିଟରରେ ହାରାହାରି ୨୦୦-୩୦୦ ଗଛ ଅଛି। ଧରାଲିର ଧ୍ୱଂସ ଏହାର ପରିଣାମ। ଯେଉଁ ଗାଁକୁ ବିପର୍ଯ୍ୟୟ ଆସିଥିଲା ସେହି ରାସ୍ତାରେ ଏକ ଘନ ଦେବଦାରୁ ଜଙ୍ଗଲ ଥିଲା। କିନ୍ତୁ ସେହି ଜଙ୍ଗଲ ନଷ୍ଟ ହୋଇଯାଇଛି।

## ଟ୍ରାଫିକ୍ ଜାମ୍; ଆମ୍ବୁଲାନ୍ସରେ ଗଲା ମହିଳାଙ୍କ ଜୀବନ

ମୁମ୍ବାଇ, ୧୦।୮ (ଏଜେନ୍ସି): ମୁମ୍ବାଇରୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଏନ୍‌ଏଚ୍-୪୮ରେ ଟ୍ରାଫିକ ଜାମ୍ ଯୋଗୁଁ ଗୁରୁତର ଆହତ ହୋଇଥିବା ଜଣେ ମହିଳାଙ୍କୁ ଡାକ୍ତରଖାନାରେ ପହଞ୍ଚିବା ଲାଗି ୪ ଘଣ୍ଟା ସମୟ ଲାଗିଛି। ମାତ୍ର ୭୦ କିମି ଯିବାକୁ ଏତେ ସମୟ ଲାଗିବାରୁ ମହାରାଷ୍ଟ୍ର ପାଲଘର ଜିଲ୍ଲାର ଛାୟା ପରବଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପାଲଘର ଜିଲ୍ଲାର ଟ୍ରାଫିକ ଯନ୍ତ୍ରଣା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଳ ଚିତ୍ରକୁ ଦର୍ଶାଉଛି। ଗତ ୩୧ ତାରିଖରେ ପାଲଘରର ମଧୁକର ନଗରରେ ଥିବା ତାଙ୍କ ଘର ପାଖରେ ଏକ ଗଛ ଡାଳ ପଡ଼ିଯିବାରୁ ପରବ ଗୁରୁତର ଆହତ ହୋଇଥିଲେ। ପାଖରେ କୌଣସି ଟ୍ରମା ସେଣ୍ଟର ନ ଥିବାରୁ ତାଙ୍କୁ ମୁମ୍ବାଇ ହିନ୍ଦୁଜା ହସ୍ପିଟାଲକୁ ନିଆଯାଉଥିଲା। ବାଟ ଯାକ ଖାଲଖମାରେ ପୂର୍ଣ୍ଣ ଥିଲା। ତେଣୁ ଆହତଠାରୁ ରାସ୍ତା ଯନ୍ତ୍ରଣା ବଳି ଯାଇଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ଶୀଘ୍ର ହସ୍ପିଟାଲରେ ପହଞ୍ଚାଇବାକୁ ନିବେଦନ କରିଥିଲେ। କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗୁଡୁ ଥିବା ଦେଖି ଡ୍ରାଇଭର ଅନ୍ୟ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ମାତ୍ର ହସ୍ପିଟାଲକୁ ଆଣିବାରେ ବହୁତ ଡେରି ହୋଇଗଲା ବୋଲି ଡାକ୍ତର କହିଥିଲେ।



ଚାଷୀଙ୍କୁ ମିଳୁନି କେନାଲ ପାଣି | ଜଳକର ଦେଇ ହତାଶ

# ଶୁଣିଲାନି ବିଭାଗ; କେନାଲ ସଫା କଲେ ଚାଷୀ

ଜମନକିରା,୧୦।୮ (ସମିସ)



ଜମନକିରା ତହସିଲ ଅଧୀନ ଖଇରଡିହି ମୌଜା ଉପର ମୁଣ୍ଡରେ ଭାଦେଲବସା ନାଳ ପ୍ରବାହିତ ହେଉଛି। କିଛି ବର୍ଷ ତଳେ ଭାଦେଲବସା ନାଳରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇ ଖଇରଡିହି ଗାଁ ସମେତ ଜମନକିରା ମୌଜାର ପ୍ରାୟ ଶହ ଶହ ଏକର ଜମିକୁ ଜଳସେଚନ ହେଉଥିଲା। ଖଇରଡିହିରୁ ଜମନକିରା ପର୍ଯ୍ୟନ୍ତ ଚେକ ଡ୍ୟାମ୍‌ରୁ ତଳମୁଣ୍ଡ ଚାଷ ଜମିକୁ ମୁଖ୍ୟ କେନାଲ ଓ ଶାଖା କେନାଲ ମାଧ୍ୟମରେ ଜଳସେଚିତ ହେଉଥିଲା। କିନ୍ତୁ କ୍ଷୁଦ୍ରଜଳ ସେଚନ ବିଭାଗ (ଏମ୍ ଆଇ) ପକ୍ଷରୁ ପ୍ରତିବର୍ଷ ମୁଖ୍ୟ କେନାଲ ସାଙ୍ଗକୁ ଶାଖା କେନାଲ ସବୁ ମରାମତି ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ତାର ମୂଳ ଅସ୍ତିତ୍ୱ ହରାଇବାକୁ ବସିଲାଣି। ମୁଖ୍ୟ କେନାଲ ଏବଂ ଶାଖା କେନାଲ୍ ବିଭିନ୍ନ କାରଣରୁ ଭାଙ୍ଗିରୁଜି ଯିବାରୁ ଜମିକୁ ଆଦୌ ପାଣି ମାଡ଼ି ପାରୁନାହିଁ। ବର୍ତ୍ତମାନ ପରିସ୍ଥିତିରେ ଚାଷ କାର୍ଯ୍ୟ କରିଥିବା ଅଧିକାଂଶ ଜମି ମାଟି ଫାଟି ଆଁ କଲାଣି। ଖଇରଡିହି-ଜମନକିରା ମୁଖ୍ୟ କେନାଲ ଭାଙ୍ଗି ଯାଇଥିବାରୁ ପ୍ରାୟ ୫ ଶହ ଏକର ଚାଷ ଜମି ଶୁଖିଲା ପଡ଼ିଛି। ପ୍ରାୟ ୩ ବର୍ଷ ହେଲା ଏହି ଚାଷଜମି ଜଳସେଚିତ ହୋଇପାରୁ ନାହିଁ ବୋଲି ଯୁବ ଚାଷୀ ଅର୍ଜୁନ ମୋହନ ପଧାନ କହିଛନ୍ତି।। ଆଜକୁ ୩ ବର୍ଷ ହେବ କେନାଲ ମରାମତି ପାଇଁ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଚାଷୀ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏସମ୍ପର୍କରେ କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇ ଆସୁଥିଲେ ସୁଦ୍ଧା କେହି ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ। ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ବିଭାଗ ନିଶ୍ଚିତ ପଦକ୍ଷେପ ନେବ ଏହି ଆଶା ମଉଳିଗଲା। ଏହାର ବିକଳ୍ପ ବ୍ୟବସ୍ଥା ନିଜେ ନ କଲେ ଚାଷକାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କାରେ ସଭିଏଁ ଚାଷୀ କଥାବାର୍ତ୍ତା ହୋଇ କେନାଲ ମରାମତି ପାଇଁ ନିଷ୍ପତ୍ତି ନେଲେ। ଶନିବାର ଯୁବ ଚାଷୀ ଅର୍ଜୁନ ମୋହନ ପଧାନ ନେତୃତ୍ୱରେ ନିରାକାର ମହାକୁଲ, ମହାଦେବ ରଣା, ଭାସ୍କର ରଣା, ଶ୍ୟାମସୁନ୍ଦର ସାହୁ, ଗୋବିନ୍ଦ ପଧାନ, ସରୋଜ ସାହୁ, ରଞ୍ଜିତ ଦେହୁରୀ, ଅଜିତ୍ ପଧାନ, ଗଣେଶ ରଣା, ସନ୍ତୋଷ ମହାକୁଲ୍ , ମନୋଜ ପଧାନ ଓ ଗୁଣନିଧି ସାହୁ ପ୍ରମୁଖ ଶାଖା କେନାଲ କଂକ୍ରିଟ କାମ କରି ମରାମତି କରିଥିଲେ। ପ୍ରତି ବର୍ଷ ଜଳକର ନ ଦେଲେ ବିଭିନ୍ନ ରାଜସ୍ୱ ମାମଲାକୁ ଅଧିକାରୀ ଖାରଜ କରୁଥିବା ବେଳେ ଏପଟେ ଜଳକର ବାବଦକୁ ଟଙ୍କା ଗଣି ଚାଷୀ ଠିକ୍ ସମୟରେ ଜଳସେଚନ ପାଇଁ ପାଣି ବୁନ୍ଦାଏ ପାଇ ପାରୁନାହୁଁ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।

## ପଣ୍ଡରା ସମାଜ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଜଜମନକିରା,୧୦।୮ (ସମିସ): ତରଣୀ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ପ୍ରାଦେଶିକ ପଣ୍ଡରା ସମାଜ ତରଫରୁ ମୁଣ୍ଡେନପାଲି ନୂତନ ଫୁଟବଲ ପଡ଼ିଆ ଚାରିପାଖରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ଗୌଡ଼ପାଲି ଫରେଷ୍ଟର କୃପାସିନ୍ଧୁ ପଧାନ, ମୁଖ୍ୟବକ୍ତା ଜଏଣ୍ଟ କମିଶନରଜି, ଏସଫଟି' ସମ୍ବଲପୁର ଶ୍ଲିଙ୍ଗରାଜ ପଧାନ (ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ) ତଥା ପ୍ରାଦେଶିକ ପଣ୍ଡରା ସମାଜ ସମ୍ବଲପୁର ସଭାପତି ମୋହନ ଦ୍ୱାରି, ଉପସଭାପତି ତରଣୀ ଦଣ୍ଡସେନା ତଥା ରଜନୀ କିସାନ, କୃଷ୍ଣଚନ୍ଦ୍ର ମିର୍ଦ୍ଧା, ଆନନ୍ଦ ଦଣ୍ଡସେନା, ପାର୍ଥସାରଥୀ ଦଣ୍ଡସେନ, କାଳିଆ ଦଣ୍ଡସେନା, ଅରୁଣ ବିଶି, ପଦ୍ମନ ବିଶି, ସନ୍ତୋଷ ଦଣ୍ଡସେନା, ପ୍ରଫୁଲ୍ଲ ମଲ୍ଲିକ, ପ୍ରଦୀପ ଦଣ୍ଡସେନା, ଅଶୋକ ଦଣ୍ଡସେନା, ଠାକୁର ମଲ୍ଲିକ, ଲକ୍ଷଣ କୁମାର ସାହା, କୁମାର ନାୟକ, ରବିନ୍ଦ୍ର କୁମାର ବିଶି, ଜନ୍ମ ।ଜୟଦିଶ୍ରୀ, ଲକ୍ଷଣ ମହଲା, ମୁକୁନ୍ଦ ଦଣ୍ଡସେନାଙ୍କ ସମେତ ଗ୍ରାମର ବହୁ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

## ୭୨୦ ରାକ୍ଷୀ ତିଆରି କରି ଉଦାହରଣ ସୃଷ୍ଟି କଲେ ଛାତ୍ରଛାତ୍ରୀ

ସମ୍ବଲପୁର,୧୦।୮ (ସମିସ): ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର (ଆର୍‌ଜିଭିଏମ୍) ଛାତ୍ରଛାତ୍ରୀମାନେ ଚଳିତ ରକ୍ଷାବନ୍ଧନ ଉପଲକ୍ଷେ ୭୨୦ଟି ରାକ୍ଷୀ ତିଆରି କରି ସାମାଜିକ ସଦ୍‌ଭାବନାର ବାର୍ତ୍ତା ଦେଇଛନ୍ତି। ନର୍ସରୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହି ହାତତିଆରି ରାକ୍ଷୀ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସମାଜର ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କୁ ରାକ୍ଷୀ ବାନ୍ଧିଥିଲେ। ତନ୍ମଧ୍ୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଟ୍ରାଫିକ ପୁଲିସ, ପୁଲିସ ବଳ, ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ସମସ୍ତଙ୍କୁ ରାକ୍ଷୀ ବାନ୍ଧି ଆଶୀର୍ବାଦ ନେଇଥିଲେ। ବିଦ୍ୟାଳୟ ପରିସରରେ ଏକ ରାକ୍ଷୀ ମେଳା ଆୟୋଜନ କରାଯାଇଥିଲା। ଏହି ସମସ୍ତ ଆୟୋଜନର ଦାୟିତ୍ୱ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ନେଇଥିଲେ। ବିଦ୍ୟାଳୟଅଧ୍ୟକ୍ଷ ଅଶୋକ କେଡିଆ, ପ୍ରଧାନଚାର୍ଯ୍ୟ ଶାଲୁ ରାଜପୁତ ଛାତ୍ରଛାତ୍ରୀଙ୍କ ଏହି ରଚନାତ୍ମକତା, ପ୍ରବନ୍ଧନ କୌଶଳ ଓ ସାମାଜିକ ବ୍ୟବହାରକୁ ପ୍ରଶଂସା କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାକ୍ଷୀବନ୍ଧନ

ସମ୍ବଲପୁର,୧୦।୮ (ସମିସ): ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଆଇନଜୀବୀ ଜୟକୃଷ୍ଣ ବେହେରା ଯୋଗ ଦେଇଥିଲେ। ରାକ୍ଷୀ ବାନ୍ଧିବା ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି ଶିବଶଙ୍କର ନନ୍ଦ ଶିଶୁମାନଙ୍କୁ ମାର୍ଗଦର୍ଶକ କରିଥିଲେ। ରାଜ୍ୟ ଶିକ୍ଷକ ସଂଘର ସମ୍ପାଦକ ବବ୍ରୁବାହନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ହେମନ୍ତ ପଣ୍ଡା, ହାସ୍ୟମୟୀ ବେହେରା, ଶୁଭଶ୍ରୀ ବଡ଼ପଣ୍ଡା, ସଂଯୁକ୍ତା ପାଢ଼ୀ, ସଞ୍ଜୟ ସାହୁ, ଗୀତା ମିର୍ଦ୍ଧା, ସଂଯୁକ୍ତା ମିଶ୍ର, ସଞ୍ଜୟ ସାହୁ, ବନିତା ସାହୁ ଓ ଅଭିଭାବକ ମାନେ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଦକ୍ଷତାବୃଦ୍ଧି ତାଲିମ ଶିବିର

ରେଢ଼ାଖୋଲ,୧୦।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଏସଜି ଫାଉଣ୍ଡେସନ ପକ୍ଷରୁ ସ୍ମାର୍ଟ ସ୍କିଲ୍ ପ୍ରକଳ୍ପ ସମ୍ପର୍କରେ କ୍ଲଷ୍ଟର୍‌ସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରେଢାଖୋଲ ଏବଂ କୁଚିଣ୍ଡା ବ୍ଲକ୍‌ରେ ସ୍ମାର୍ଟ୍ ସ୍କିଲ ୨.୦ ପ୍ରକଳ୍ପ ମାଧ୍ୟମରେ ସମସ୍ତ ଡବ୍ଲ୍ୟୁଡିଟି, ଡିଏଲ୍‌ସ୍‌ଏମାନଙ୍କର ସାଙ୍ଗଠନିକ ଅଭିବୃଦ୍ଧି, ପ୍ରାକୃତିକ ସମ୍ପଦର ପରିଚାଳନା, ଜଳ ବାୟୁ ପରିବର୍ତ୍ତନର ପରିଚାଳନା ଏବଂ ଆର୍ଥିକ ସୁପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା। ଜଳ ବିଭାଜିକା ଅଞ୍ଚଳ ଗୁଡ଼ିକରେ କୃଷକ, ମହିଳା ଓ ଭୂମିହୀନ ଲୋକଙ୍କ କୃଷି ଓ ଜୀବନ ଜୀବିକା ମାନରେ କିପରି ଅଭିବୃଦ୍ଧି ହୋଇପାରିବ ଏବଂ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ଓ ଠିକ ଉପାୟରେ ବଜାର ଉପକରଣ କରାଯାଇ ପାରିବ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ସମ୍ବଲପୁର ମୃତ୍ତିକା ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ଉପନିର୍ଦ୍ଦେଶକ ସୌରଭ କୁମାର ସାହୁ, ଅନୁଷ୍ଠାନ ଓ ଦକ୍ଷତା ବିକାଶ ବିଶେଷଜ୍ଞ ମନୋଜ ରଞ୍ଜନ କୁମାର ଏବଂ ରିୱାର୍ଡ ପ୍ରକଳ୍ପର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ସୁବାସ ପାଣି ତାଲିମ ପ୍ରଦାନ କରିଥିଲେ। ଶିବିରକୁ ରଶ୍ମୀ ରଞ୍ଜନ ବିଶ୍ୱାଳ, ଅଶୋକ ମାହର ଓ ଜ୍ୟୋତି ରଞ୍ଜନ ସାହୁ ପରିଚାଳନା ଓ ସହଯୋଗ କରିଥିଲେ। ଶେଷରେ ରଶ୍ମୀ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



## ସମଲେଇ ମନ୍ଦିରରେ ପ୍ରତି ମାସର ଦୁଇ ରବିବାରେ ଭଜନ ସନ୍ଧ୍ୟା

ସମ୍ବଲପୁର,୧୦।୮ (ସମିସ): ଏଣିକି ପ୍ରତି ମାସର ଦୁଇଟି ରବିବାରରେ ସମ୍ବଲପୁରର ଆଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ସୂଚନା ଅନୁସାରେ ରବିବାର ମା' ସମଲେଶ୍ୱରୀ ମନ୍ଦିର ପରିସରସ୍ଥିତ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଭଜନ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହୋଇଥିଲା। ଟ୍ରଷ୍ଟବୋର୍ଡର ସଭ୍ୟ ଏବଂ ସମ୍ବଲପୁରର ଅନେକ ସୁନାମଧନ୍ୟ ସଂଗୀତ ନିର୍ଦ୍ଦେଶକ, ଗାୟକ ତଥା କଳାକାରମାନେ ସାମିଲ ହୋଇଥିଲେ। ଅନେକ ଦିନରୁ ସଙ୍କଳ୍ପିତ ମା'ସମଲେଶ୍ୱରୀଙ୍କ ପୀଠରେ ଭଜନ ପରିବେଶଣ ପାଇଁ ମଞ୍ଜୁରୀ ମିଳିଥିଲା। ଭଜନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହଭାଗିତା ରହିବ। ଆସନ୍ତା ୧୭ ତାରିଖ ରବିବାର ଭଜନ ସନ୍ଧ୍ୟା ଆରମ୍ଭ ହେବ। ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଅଜମେରୀଆ, ସନ୍ତୋଷ ପୃଷେଠ, ବୀରେନ୍ଦ୍ର ରାଏ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ଆଚାର୍ଯ୍ୟ, ରଞ୍ଜନ ସାହୁ, ତ୍ରିଲୋଚନ ତ୍ରିପାଠୀ, ଦୁର୍ଗା ଦାଶ, ରତନ ପୂଜାରୀ, ଡ.ମୋହିତ ସ୍ୱାଇଁ, କୃଷ୍ଣ ବାଘ, ଦେବାଶିଷ ପାଢ଼ୀ, ଶଶାଙ୍କ ଶେଖର ଦୁବେ ପ୍ରମୁଖ ଉପସ୍ଥିତ ଥିଲେ।

# ଭାବପ୍ରବଣ କଳା ଗଙ୍ଗାଧର ସଂଗୀତ








ବରପାଲି,୧୦।୮ (ସମିସ)

**ବରପାଲି:** ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ଗଙ୍ଗାଧରଙ୍କ ଜୟନ୍ତୀ ଅବସରରେ ବରପାଲି ଉତ୍ସବମୁଖର ହୋଇପଡିଛି। ଚାରିଆଡେ ମେହେର ସଂଗୀତ ଶୁଣିବାକୁ ମିଳିଥିଲା। ଗଙ୍ଗାଧର ମେହେର କ୍ଲବ୍ ପକ୍ଷରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ପୂର୍ବକ କବିଙ୍କ ଜନ୍ମ ପୀଠ କବି ଭବନରେ ପହଞ୍ଚି ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ କ୍ଲବ୍‌ର ସଭ୍ୟ ମାନଙ୍କ ସହ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟର ଶତାଧିକ ଏନ୍‌ସିସି ଛାତ୍ର ଯୋଗ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବ୍‌ର ମିଳିତ ଆନୁକୂଲ୍ୟରେ କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। କ୍ଲବ୍‌ର ସଭାପତି ନରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀ କାନ୍ତ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ଡ.ଆଶୁତୋଷ ପ୍ରସାଦ ମିଶ୍ର, ସମ୍ମାନିତ ବକ୍ତା ଡ.ଲକ୍ଷ୍ମଣ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ଚିତ୍ରକୁଟ ମେହେରଙ୍କ କିଚକ ବଧର ଗଦ୍ୟାନୁବାଦ ପୁସ୍ତକ ଓ ସରୋଜ ଦାଶଙ୍କ ପଦ୍ମରାଗ ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ସଭାରେ ଜୟନ୍ତୀ କମିଟିର ଆବାହକ ଚିତ୍ତରଞ୍ଜନ ସାହୁ ଅତିଥିଙ୍କୁ ଆମନ୍ତ୍ରଣ କରିବା ସହ ସମ୍ପାଦକ ବାଲ କିଶୋର ଖାଡଙ୍ଗା ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗଙ୍ଗାଧର ଜ୍ୟୋତି ଯାତ୍ରାରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ପ୍ରସାଦ ଗୋୟଲ୍ ଉପସ୍ଥିତ ରହି ଜାତୀୟ ରାଜପଥରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଜ୍ୟୋତି ଯାତ୍ରାର ଶୁଭାରମ୍ଭ କରିଥିଲେ।

**ବରପାଲି:** ବରପାଲି ବ୍ଲକ୍ ବନ୍ଧପାଲି ଗାଁରେ ମେହେର ସମାଜ୍ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଗଙ୍ଗାଧରଙ୍କ ସଂଗୀତ ଗାନ ମାଧ୍ୟମରେ ଗାଁର ଲୋକଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯାଇଥିଲା। ବନ୍ଧପାଲି ଝାଏଁରେ କଲାପଟା ସଂସ୍କାର ସମ୍ପାଦକ ବ୍ୟଙ୍ଗ କବି ଭରତ ନାଏକ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଭରତ ମେହେର ଓ ସାଥିଙ୍କ ଦ୍ୱାରା ଗଙ୍ଗାଧର ସଂଗୀତ ଗାନ କରାଯାଇଥିଲା। ସଭାପତି ନବୀନ କିଶୋର ଗହିରଙ୍କ ସଭାପତିତ୍ୱରେ ପରିଚାଳିତ ସାରସ୍ୱତ ସଭାରେ ମୁଖ୍ୟ ବକ୍ତା ଭାବେ ଭାଷାବିତ ଉତ୍ପନ୍ନ ଭୋଇ, ସମ୍ମାନିତ ବକ୍ତା ଉପନ୍ୟାସିକ କବି ତେଜରୁ ବାରିକ୍, ସମ୍ମାନିତ ଅତିଥି ହାସ୍ୟ କବି ଦେବେନ୍ଦ୍ର ସାହୁ, ହାସ୍ୟ ତଡକା ଶିଶିର ପୁରୋହିତ, ଗୌଡ଼ିଆ ଜିତେନ୍ଦ୍ରିୟ ସାହୁ, ଭଦ୍ର ବ୍ୟକ୍ତି ସନ୍ତୋଷ ଦାଶ କବି ଗଙ୍ଗାଧର ମେହେରଙ୍କ ଜୀବନି ତଥା କାବ୍ୟ କବିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିନାୟକ ମେହେର, ହରିହର ମେହେର, ଧନେଶ୍ୱର ମେହେର, ହିରାଧର ମେହେର, କମଲ ପ୍ରସାଦ ମେହେର, ଲକ୍ଷ୍ମୀ କାନ୍ତ ମେହେର, ଗୁନିଆଁ ମେହେର, ନବିନ ମେହେର, ଝସକେତନ ମେହେର, ମୋତିରାମ ମେହେର, ହେମସାଗର ମେହେର, ଟିକେଶ୍ୱର ମେହେର, ହେମନ୍ତ ମେହେର, ଭାଗ୍ୟବାନ ମେହେର, ଦିଗାମ୍ବର ମେହେର, ଯୁଧିଷ୍ଠିର ମେହେର, ଯୋଗେଶ୍ୱର ମେହେର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଦୂତିଆ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।





**ବରଗଡ଼:** ଭଟଲି ଛକ ନିକଟସ୍ଥ ଆର୍‌ଏସଏସ ଭବନ ପରିସରରେ ଟୁଗେଦର ଫର୍ ପ୍ଲେଜର ଗ୍ରୁପ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ଶିକ୍ଷା ନିରୀକ୍ଷକ ତଥା ସଦସ୍ୟ ଅକ୍ଷୟ ଭୋଇଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାଶରଥି ସାହୁ ପ୍ରମୁଖ ଯୋଗ ଦେଇ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଦସ୍ୟ ଦେବାର୍ଚ୍ଚନ ସା 'ପ୍ରଣୟ ବଲ୍ଲରୀ' ଏବଂ ଭୁବନାନନ୍ଦ ପ୍ରଧାନ 'ତପସ୍ୱିନୀ' କାବ୍ୟରେ ସୀତାଙ୍କ ଚରିତ୍ର ଚିତ୍ରଣ, କେଶବ ପ୍ରଧାନ ଗଙ୍ଗାଧରଙ୍କ କ୍ଷୁଦ୍ର କବିତା ସମୂହ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଦସ୍ୟ ମୋହିନୀ ମୋହନ ବେହେରା, ରାଜେନ୍ଦ୍ର ନାରାୟଣ ମେହେର, ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭୁବନାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ରକ୍ଷା ବନ୍ଧନର ମହତ୍ତ୍ୱ ସମ୍ବନ୍ଧରେ ବିନୋଦ ପଣ୍ଡା ଆଲୋଚନା କରିଥିଲେ। ରାଜ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ରାଣା ପ୍ରତାପ ସ୍କୁଲରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସଂସ୍କୃତି ସଂସ୍କୃତ ସୁରକ୍ଷା ମଞ୍ଚର ଆବାହକ କପିଳ ବାଗ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଓ ଦୀପିକା କୁଲୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିବାବେଳେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଅତାବିରା:** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧୀନ ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଜୟନ୍ତୀ ବିପୁଳ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିଶିର ଭୋଇଙ୍କ ସଭାପତିତ୍ୱ ଓ ସହକାରୀ ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲରମ୍ଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପୁଷ୍ପ ମେହେର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ପଧାନ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ମକରଧ୍ୱଜ ଭୋଇ ଓ ସମିତି ସଭ୍ୟା ମଞ୍ଜୁଲତା ବଢ଼େଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନିମନ୍ତ୍ରିତ ଅତିଥି ଭାବେ ବିଜୟ ଜେସ୍ୱାଲ, ରାଜେନ୍ଦ୍ର ମହାକୁର, ଜୟଦେବ ମେହେର, ଅରବିନ୍ଦ ଦାଶ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଶିବାଜୀ ବିଶି, ମଧୁସୂଦନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସେଠଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କଦ୍ୱାରା ଗଙ୍ଗାଧର ମେହେରଙ୍କର ବିଭିନ୍ନ ସଂଗୀତ ପରିବେଷଣ କରାଯାଇଥିଲା। ଗଙ୍ଗାଧର ମେହେରଙ୍କ ସାହିତ୍ୟ ଉପରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନିକି ମହାପାତ୍ର ଗତ ଦଶମ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦିକନ୍ଦ ମହାପାତ୍ର, ବାଳଗୋବିନ୍ଦ ବାବୁ, ଡ.ସଞ୍ଜୟ ମହାପାତ୍ର, ହରିଲାଲ ମେହେର, ଜୟଦେବ ମେହେର, ଅରବିନ୍ଦ ଦାଶ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଦୟାନିଧି ନାୟକ, ହରେକୃଷ୍ଣ ପ୍ରଧାନ ପ୍ରଭୃତି ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ପୁରସ୍କାର ରାଶିମାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନିରଞ୍ଜନ ପ୍ରଧାନ, ସୁଶ୍ରୀ ମୈତ୍ରୀ ସେଠ୍, ବାବୁଲାଲ ପ୍ରଧାନ, ରୋହିତ ଭୋଇ, ପ୍ରତାପରଣା, ବୀରେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

**ଦହିତା:** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନିଜସ୍ୱ ଗାଁ ତେଣ୍ଡାପଦରରେ ଗଙ୍ଗାଧରଙ୍କ ୧୬୩ତମ ଜନ୍ମ ଜୟନ୍ତୀ ଉତ୍ସବ ରାଜବୋଦାସମ୍ବର ମେହେର (ଭୁଲିଆଁ) ସମାଜ ତରଫରୁ ପାଳିତ ହୋଇଯାଇଛି। ମେହେର ସମାଜର ପୂଜାରୀ ରଘୁ ମେହେର ଦ୍ୱୀପ ପ୍ରଜ୍ୱଳନ କରିଥିବା ବେଳେ ସଭାପତି କେତନ ମେହେର ସଭାପତିତ୍ୱ କରିଥିଲେ। ସମ୍ପାଦକ ଶ୍ରୁଶନ୍ନ ମେହେର ଗଙ୍ଗାଧର ଜୟନ୍ତିର ଉଦ୍ଦେଶ୍ୟ ଓ କାବ୍ୟ, ପ୍ରବନ୍ଧ ଉପରେ ବକ୍ତବ୍ୟ ରଖିଥିଲେ। କବିଙ୍କ ଜୀବନୀକୁ ଗୀତ ମାଧ୍ୟମରେ ଗୌରିଶଙ୍କର ମେହେର ପାଠ କରିଥିଲେ। ଶେଷରେ ଛାଲୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରକ୍ଷୀତ, ଭାଗ, ଦଶରଥ, କେଶବ, ମୁରଲୀ, ଶେଷ, ସଚ୍ଚିଦାନନ୍ଦ, ଜଗଦୀଶ, ଗଙ୍ଗାଧର, ଲୋଚନ, ସୁକ୍ରୁ, କାଲୁ ମେହେର ସହଯୋଗ କରିଥିଲେ।

**ଭେଡେନ:** ଭେଡେନ ବ୍ଲକ୍ ଲୁପୁରସିଂହା ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଉପେନ୍ଦ୍ର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ମୁକୁନ୍ଦ ଷଡଙ୍ଗୀ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ରଚନା ପ୍ରତିଯୋଗିତାରେ ସିନିୟର ବିଭାଗରେ ପ୍ରଜ୍ଞା ପଧାନ, ଡୋଲୀଶ୍ରୀ କର୍ମୀ, ସ୍ୱନ୍ଦନ ଚାନ୍ଦ ଓ ଜୁନିୟର ବିଭାଗରେ ଦେବାଂଶୀ ବାବୁ, ଅନବେଶା ପ୍ରିୟଦର୍ଶିନୀ ପଣ୍ଡା, ସମ୍ବିତ ମହାପାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶେଷରେ ଦେବାଶିଷ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡର ଲଖମରା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ଷାବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ଉଚ୍ଚବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ଜଗଦଳପୁର ଥାନାର ନିମନ୍ତ୍ରିତ ପୁଲିସ କର୍ମଚାରୀ ତଥା ଛାତ୍ରମାନଙ୍କୁ ଛାତ୍ରୀ ମାନେ ରାକ୍ଷୀ ବାନ୍ଧି ତାଙ୍କ ଠାରୁ ଭାଇର ସୁଭାଶିଷ ଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଞ୍ଚଳ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ସରୋଜ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ କେଶବ ଚନ୍ଦ୍ର ବାରିକ, ଇତିହାସ ଅଧ୍ୟପକ ମହେଶ୍ୱର ବଢ଼େଇ ପ୍ରମୁଖ ଯୋଗ ଦେଇ ଗଙ୍ଗାଧର ସାହିତ୍ୟ ଓ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଅଧ୍ୟାପିକା କୁମୁଦିନୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇଟି ଅଧ୍ୟାପିକା ତିଲୋତ୍ତମା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ବରଗଡ଼:** ବରଗଡ଼ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଅନୁଷ୍ଠିତ ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ.ହଳଧର ନାଗ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ଏବଂ କବିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡି ମୁରଲୀ କ୍ରୀଷ୍ଣା ଗଙ୍ଗାଧରଙ୍କ ନୀତି ଏବଂ ଆଦର୍ଶକୁ ଅନୁସରଣ କରି ଛାତ୍ରଛାତ୍ରୀ କିପରି ଜୀବନକୁ ଶୃଙ୍ଖଳିତ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ସଭାରେ ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ଆସିଷ୍ଟାଣ୍ଟ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିଥିଲେ। ନିର୍ଦ୍ଦେଶକ ଡ.ସମରେନ୍ଦ୍ରନାଥ ପଣ୍ଡା, ଏକ୍ସେକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ମୁରଲୀ କ୍ରୀଷ୍ଣା ଫାଉଣ୍ଡେସନ ଅଧୀନ ସୋସିଆଲ ୱେଲଫେୟାର ସ୍କୁଲର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ମନୋଜ ତ୍ରିପାଠୀ, ବରିଷ୍ଠ ଅଧ୍ୟାପକ ପିଏମ ସାହୁ, ଏଚଆର ହେଡ କିରଣ ଆଚାର୍ଯ୍ୟ ସମେତ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍ କାନ୍ତାରାଓ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ କୃତୀର ଆଲୋଚନା କରିଥିଲେ। ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ସ୍କୁଲର ସାହିତ୍ୟ ସଂସଦ ତରଫରୁ ଗଙ୍ଗାଧର ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସତୀ ସୀତାଙ୍କ ତପସ୍ୱିନୀ ଭାବେ ଅବଶିଷ୍ଟ ଜୀବନର କରୁଣ ଚିତ୍ରକୁ ନାଟ୍ୟ ଏବଂ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଶେଷରେ ସିନିୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚର୍ଚ୍ଚାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିନବ ଚିକିତ୍ସା

ବରଗଡ଼, ୧୦।୮ (ସମିସ)

ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୂର୍ବ ସରକାର ଅମଳରେ କୋଟି କୋଟି ଟଙ୍କା ବ୍ୟୟରେ ଗଢ଼ି ଉଠିଥିଲା। ସାତ ମହଲା ବିଶିଷ୍ଟ ଚିକିତ୍ସାଳୟ ମଧ୍ୟରେ ରହିଛି ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି। ହେଲେ ସେସବୁ ଏବେ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଭିତ୍ତିଭୂମିର ଅଭାବ ନାହିଁ ହେଲେ ବିଭାଗୀୟ କର୍ମଚାରୀଙ୍କ ଖାମଖିଆଲ ମୋନଭାବ ଯୋଗୁଁ ସବୁବେଳେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବା ଖୋଦ ବରଗଡ଼ ସିଡିଏମଓ ସ୍ୱୀକାର କରିଛନ୍ତି। କେତେବେଳେ ଅନ୍ଧାରି ଚିକିତ୍ସା ହେଉ ଅବା ପରିମଳ ବ୍ୟବସ୍ଥା, ସବୁବେଳେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭୁଲ କାମ ପାଇଁ ଚର୍ଚ୍ଚାରେ ରହିଆସିଛି। ଡାକ୍ତରଙ୍କ କଥା କହିବାକୁ ଗଲେ ଏଠାରେ ଆବଶ୍ୟକ ପରିମାଣରୁ ଅଧା ମଧ ଡାକ୍ତର ନାହାନ୍ତି। ରୋଗୀଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ମଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଫେଲ



## ଉତ୍ତର ନ ଦେଇ ପଳାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ମାରିଛି। ରୋଗୀଙ୍କୁ ଏଠାରେ ଜୀବଜନ୍ତୁ ଭଳି ବ୍ୟବହାର କରାଯାଉଛି।

ଚିକିତ୍ସାଳୟରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ହାତଗୋଡ ଭାଙ୍ଗିଥିବା ବେଳେ ସେଠାରେ ପ୍ଲାଷ୍ଟର ଅଫ ପ୍ୟାରିସ ବା ଜିପସମ ବ୍ୟବହାର କରିବା ପରିବର୍ତ୍ତେ ବର୍ଜ୍ୟବସ୍ତୁ ବା ସାମଗ୍ରୀ ଭରିବାରେ ବ୍ୟବହୃତ ହେଉଥିବା କାର୍ଟନର ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସିଡିଏମଓ ଡ.କୁବେର ମହନ୍ତଙ୍କୁ ପ୍ରଶ୍ନ କରା ଯାଇଥିଲା। ଏଭଳି କାର୍ଯ୍ୟକୁ ସେ ନିନ୍ଦା କରିବା ସହ ଘଟଣାର ଅନୁସନ୍ଧାନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି। ଏହାସହ ଆଗାମୀ



ଦିନରେ ଏଭଳି ଅଭାବନୀୟ ଘଟଣାର ପୁନରାବୃତ୍ତି ନହେବାକୁ ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅର୍ଥପେଡ଼ିକ ଡାକ୍ତର ନାହାନ୍ତି ବୋଲି ବାରମ୍ବାର ସବୁ ମାସରେ ଉପର ଅଧିକାରୀଙ୍କୁ ଜଣାଉଛୁ, ସ୍ଥାନୀୟ ବିଧାୟକ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣାଇଛୁ ହେଲେ ଆଜି ପର୍ଯ୍ୟନ୍ତ ସରକାର ଡାକ୍ତର ଯୋଗାଇ ଦେଇନଥିବା ବିଷୟରେ ସେ କହିଥିଲେ। ତେବେ ସମାନ ପ୍ରଶ୍ନ ବରଗଡ଼ ଗସ୍ତରେ ଆସିଥିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମାହାଲିଙ୍ଗଙ୍କୁ ସାମ୍ବାଦିକ ମାନେ ପ୍ରଶ୍ନ କରିଥିଲେ। ମାତ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଆଜି ସୁଭଦ୍ରାର ଦିନ କହି ସାମ୍ବାଦିକଙ୍କ ପ୍ରଶ୍ନକୁ ଏଡାଇ ଦେଇ ପଳାଇ ଯାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

## କାଗଜ ପେଟି ଧରି ହସ୍ପିଟାଲ ପହଞ୍ଚିଲା ଛାତ୍ର କଂଗ୍ରେସ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଡ ହାତ ଭାଙ୍ଗିଥିବା ରୋଗୀଙ୍କୁ ଦିଆଯାଇଥିବା ବୁଢ଼ାପଟ୍ଟା (କାଗଜ ପେଟି) ଚିକିତ୍ସା ସେବାକୁ ନେଇ ଓଡ଼ିଶାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ଲାଷ୍ଟର ଅଫ ପ୍ୟାରିସକୁ ଭଙ୍ଗା ଗୋଡ ହାତକୁ ଯୋଡା ଯିବାରେ ବ୍ୟବହାର ହେଉଥିବା ବେଳେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୁଢ଼ାପଟ୍ଟାରେ ଚିକିତ୍ସା କରାଯାଉଛି। ତେବେ ଏତେ ବଡ ହସ୍ପିଟାଲରେ



ଏଭଳି ଚିକିତ୍ସା ସେବା ଯୋଗାଉଥିବା ପ୍ରଶାସନ ଓ ସରକାରଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ବୁଢ଼ାପଟ୍ଟା ପ୍ରଦାନ କରାଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ସଦସ୍ୟ ମାନେ ଚିକିତ୍ସାଳୟକୁ ଆସି ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇଛନ୍ତି। ଡାକ୍ତରଙ୍କୁ ସମସ୍ୟା ଜଣାଇବା ସହ ଡ୍ରେସିଂରୁମ୍‌ରେ ରଖିଥିଲେ।

## ମାଣ୍ଡୋସିଲରେ ସତ୍ୟସାଇ ବାବାଙ୍କ ବରଲକ୍ଷ୍ମୀ ବ୍ରତ

ପାଇକମାଳ, ୧୦।୮ (ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ମାଉସୀ ମନ୍ଦିରରେ ମାଣ୍ଡୋସିଲ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ବରଲକ୍ଷ୍ମୀ ବ୍ରତ ପୂଜା ହୋଇଯାଇଛି। ପୂଜକ ଭାବେ ସନ୍ତୋଷ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ୨୪ ଜଣ ମହିଳା ପୂଜାର୍ଚ୍ଚନା ଓ ବରଲକ୍ଷ୍ମୀ ପୂଜା କରିଥିଲେ। ଆବାହକ ଶରତ ଚନ୍ଦ୍ର ହଂସ ଆହୁତି ପ୍ରଦାନ କରିଥିଲେ। ସତ୍ୟସାଇ ବାବାଙ୍କ ଭଜନ ପରେ ଆଳତି ପ୍ରଦାନ, ପ୍ରସାଦ ସେବନ ହୋଇଥିଲା। ଏଥିରେ ଭଜନ ମଣ୍ଡଳୀର ସତ୍ୟସାଇ ଅପାମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପାଇକମାଳ ସତ୍ୟ ସାଇ ମନ୍ଦିରରେ ମଧ ବରଲକ୍ଷ୍ମୀ ବ୍ରତ ପାଳନ କରାଯାଇଛି।

## ଲାୟନ୍ସ କ୍ଲବ୍ ପକ୍ଷରୁ ଅନ୍ନଭୋଗ

ବରଗଡ଼, ୧୦।୮ (ସମିସ): ବରଗଡ଼ ଉପକଣ୍ଠ ନିଲେଶର ନିକଟସ୍ଥ ଝାଡେଶ୍ୱର ଶିବ ମନ୍ଦିରରେ ଶ୍ରାବଣ ମାସ ଉପଲକ୍ଷେ ଲାୟନ୍ସ କ୍ଲବ୍ ପକ୍ଷରୁ ପ୍ରସାଦ ଭୋଗ ଅର୍ପଣ କରାଯାଇଛି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ ଆୟୋଜକ ଏନପି ସିଙ୍ଗଲ ଓ ରଞ୍ଜୁ ସିଙ୍ଗଲ ସୂଚାରୁ ରୂପେ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାମରତନ ଲଖମନିଆଁ, ପ୍ରାଞ୍ଜଳ ଧାନୁକା, ପ୍ରଦୀପ ଟାୟଲ, ଶୁଶାନ୍ତ ତ୍ରିପାଠୀ, ବିକାଶ ଅଗ୍ରୱାଲ, ଅମରଦୀପ ସିଂ, କିଶୋର ଅଗ୍ରୱାଲ, ପ୍ରତାପ ନାୟକ, ମନୋଜ ମହାପାତ୍ର ପ୍ରମୁଖ ଯୋଗଥିଲେ। ଶେଷରେ ସମ୍ପାଦକ ଅଭୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କେଶାଇପାଲିରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଭଟଲି, ୧୦।୮ (ସମିସ): ଭଟଲି ବ୍ଲକ କେଶାଇପାଲି ଗାଁର ଅଙ୍ଗନବାଡି କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ହୋଇଯାଇଛି। ଅଙ୍ଗନବାଡି କର୍ମୀ ମୀନା ରଥଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅଙ୍ଗନବାଡି କର୍ମୀ ବାସନ୍ତୀ ମହାନନ୍ଦ ଏହାର ଉଦ୍ଦେଶ୍ୟ ଜ୍ଞାପନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଟଲି ଆଇସିଡିଆସର ସୁପରଭାଇଜର ତପସ୍ୱିନୀ ବରିହା ଯୋଗଦାନ କରି ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ ଉପରେ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଙ୍ଗନ ବାଡି କର୍ମୀ କଲ୍ୟାଣିସା, ସୁନନ୍ଦା ଭୁଏ, ଆଶା କର୍ମୀ ଜନନୀ ଥନାପତି, ସିଆରପି ନନ୍ଦିନୀ ପଧାନ, ମମତା ସୁନା ଯୋଗ ଦେଇଥିଲେ। ଏଥିରେ ଗର୍ଭବତୀ ମହିଳା, ପ୍ରସୂତୀ ମା, କିଶୋରୀ ବାଳିକା ଉପସ୍ଥିତ ଥିଲେ।

## ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ମାଗଣା ଖାଦ୍ୟ ବଣ୍ଟନ

ବରଗଡ଼, ୧୦।୮ (ସମିସ): ଦ୍ୱିତୀୟ ବର୍ଷର ୧୧ ତମ ସପ୍ତାହ ରବିବାର ଦିନ ଜିଲ୍ଲା ସମାଜ ସେବୀ ସଂଘ, ବରଗଡ଼ର ଉଦ୍ୟମରେ ବରଗଡ଼ ପୁରୁଣା ଡାକ୍ତରଖାନା କୁ ଆସୁ ଥିବାରୋଗି ମାନଙ୍କ ସହଯୋଗୀ ମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଛି।ଏହି କାର୍ଯ୍ୟକ୍ରମ ଜିଲ୍ଲା ସମାଜ ସେବୀ ସଂଘର ସଭାପତି ବଳିଷ୍ଠ ଦୁର୍ଗା ଙ୍କ ନେତୃତ୍ୱରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବୀର କଲେଜ ଅଫ ନର୍ସିଂ ର ଚେୟାରମେନ ଶିଶିର ପ୍ରଧାନ ଉପସ୍ଥିତ ଥିଲେ।ଜିଲ୍ଲା ସମାଜସେବୀର ସକ୍ରିୟ ସଦଶ୍ୟ ନାରାୟଣ ସିଂ, ଶିବ ଲୁହା, ଅନିଲ ପାଇକ, ଫଣିନ୍ଦ୍ର ତାଣ୍ଡି, ନିକୁଞ୍ଜ ମହାରଣା, ମିଠାରାମ ସାହୁ, ବିକ୍ରମ ଦାଶ, ଜୟନ୍ତ ଭୋଇ, ମୋହନ ଅଗ୍ରୱାଲ ଓ ପୃଷ୍ଟି ଆଞ୍ଚାଙ୍କ ଉପସ୍ଥିତରେ ଏହି କାର୍ଯ୍ୟକ୍ରମ ହୋଇ ଥିଲା। ଏହି କାର୍ଯ୍ୟକ୍ରମ ସମସ୍ତେ ଆସି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିବାରୁ ଜିଲ୍ଲା ସମାଜ ସେବୀ ସଂଘ, ବରଗଡ଼ ତରଫରୁ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଷ୍ଠରୋଗୀଙ୍କୁ ଶୁଖିଲା ପୁଷ୍ଟିକର ଖାଦ୍ୟ ବଣ୍ଟନ

ପଦ୍ମପୁର, ୧୦।୮ (ସମିସ): ପଦ୍ମପୁର ସହରର ତଥା ଆଖପାଖରେ ଥିବା କୁଷ୍ଠ କଲୋନୀ ଠାରେ ଦ ଲେପ୍ରୋସି ମିଶନ ଆନୁକୂଲ୍ୟରେ ଭରୋସା ଲେପ୍ରୋସି ତରଫରୁ କୁଷ୍ଠରୋଗୀ ମାନଙ୍କୁ ଶୁଖିଲା ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି। ସକାଳର ଚା ଜଳଖିଆ ଠାରୁ ଆରମ୍ଭ କରି ଦ୍ୱିପ୍ରହର ଓ ରାତିର ଖାଇବା ପାଇଁ ଚାଉଳ, ଚିନି, ଡାଲି, ତେଲ, ଲୁଣ, ଚୁଡା, ମୁଢ଼ି, ମସଲା, ଅଣ୍ଡା ଅନୁଷ୍ଠାନ ତରଫରୁ ଯୋଗଇ ଦିଆଯାଇଛି। ଏହି ସମୟରେ ଫିଲ୍ଡସୁପର ଭାଇଜର ଉପେନ୍ଦ୍ର ଗଡ଼ତିଆ, ବ୍ଲକ ନୋଡାଲ ଲେପ୍ରୋସି କର୍ମୀ ସଞ୍ଜୟ ବଡ଼େଇ, ଜିଲ୍ଲା ଫିଜିଓଥେରାପିଷ୍ଟ ପ୍ରିୟକାନ୍ତ ସାମଲ, ଭରୋସା ଲେପ୍ରୋସିର ସାମାଜିକ ଅର୍ଥନୈତିକ ଅଧିକାରୀ ବିନୋଦ ପାତ୍ର ଓ ଜିଲ୍ଲା ସଂଯୋଜିକା କବିତା ସାମଲ ଉପସ୍ଥିତ ଥିଲେ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିପ୍ରସ୍ତର



ସୋହେଲା, ୧୦।୮ (ସମିସ): ସୋହେଲା ନିକଟସ୍ଥ ସଂଗ୍ରାମୀ ପୀଠ ପାଣିମୋରାରେ ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏକ କୋଟିରୁ ଅଧିକ ଟଙ୍କା ଏହି ନୂତନ କୋଠା ପାଇଁ ବିନିଯୋଗ ହେବ। ଏହି ଅବସରରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଭାଜପା ଜିଲ୍ଲା ସଭାପତି ଡ.ଅରୁପାନନ୍ଦ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କୁବେରଚନ୍ଦ୍ର ମହନ୍ତ, ସୋହେଲା ବିଡିଓ କରିସ୍ମା ବେଶ୍ରା, ତହସିଲଦାର ଶୁଭରଞ୍ଜନ ନାୟକ, ଗୋଷ୍ଠୀ ମୁଖ୍ୟ ଚିକିତ୍ସାଧିକାରୀ ବ୍ରହ୍ମାନନ୍ଦ ଷଡଙ୍ଗୀ ଉପସ୍ଥିତ ଥିଲେ। ଗାଁରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ମନ୍ତ୍ରୀ ଏବଂ ବିଧାୟକ ସାମିଲ ହୋଇଥିଲେ।

## ସ୍କୁଲରେ ଜୈବ ବିବିଧତା ସଂରକ୍ଷଣ କର୍ମଶାଳା



ଅମ୍ବାଭୋନା, ୧୦।୮ (ସମିସ): ଜୈବ ବିବିଧତା ସୁରକ୍ଷା ନିମନ୍ତେ ଛାତ୍ରାବସ୍ଥାରୁ ଶିକ୍ଷାର୍ଥୀମାନଙ୍କ ମନରେ ସଚେତନତାର ଭାବ ଜାଗ୍ରତ କରିବା ପାଇଁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଜୈବ ବିବିଧତା ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଜୈବ ବିବିଧତାର ସଂରକ୍ଷଣର ଆବଶ୍ୟକତା ସଂମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିସରରେ ଉପଲବ୍ଧ ହେଉଥିବା ବିଭିନ୍ନ ବୃକ୍ଷଲତାକୁ ଚିହ୍ନଟ କରି ସେଗୁଡିକର ବୈଜ୍ଞାନିକ ନାମ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ଦିଆଯାଇଥିଲା। ଜୈବ ବିବିଧତା ନଷ୍ଟ ହେବାର କାରଣ, ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରଭାବ, ଜୈବ ବିବିଧତା ନଷ୍ଟ ଯୋଗୁଁ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ପରିବେଶ ଉପରେ ଏହାର କୁପ୍ରଭାବ ତଥା ପ୍ରାକୃତିକ ସନ୍ତୁଳନରକ୍ଷା କରିବାରେ ଜୈବ ବିବିଧତା ସଂରକ୍ଷଣର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶ୍ରୀପତି ସାହୁ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପ୍ରଶାନ୍ତ ମହାପାତ୍ର, ଅଙ୍କିତ ମହନ୍ତ, ଶିକ୍ଷୟିତ୍ରୀ ଅନୀତା ପଧାନ ସକ୍ରିୟ ସହଯୋଗ କରିଥିଲେ। ଜିଜ୍ଞାସା କ୍ଲବ୍, ବିଜ୍ଞାନ କ୍ଲବ୍, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଓ ୟୁଥ୍ ଆଣ୍ଡ ଇକୋ କ୍ଲବ୍‌ର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଲେବିଡି ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର

ବରଗଡ଼, ୧୦।୮ (ସମିସ): ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅଧଇନ ଲେବିଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଲେବିଡି ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ କଟାପାଲି କଲେଜର ପ୍ରିନ୍ସିପାଲ ବୁଦ୍ଧଦେବ ଭୋଇ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୬୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପସଭାପତି ସଚି ପଣ୍ଡା ଉପଦେଷ୍ଟା ରକ୍ଷ ପାଲ ସାହୁ, ଖଗେଶ୍ୱର ସାହୁ, ଲବ ସାହୁ, ଆଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିଷ୍ଠା ପରିବାର ସଦସ୍ୟ ଟଙ୍କଧର ପ୍ରଧାନ, ଅମିତ ଭୋଇ, ଶୁଭ୍ରାଂଶୁ ସରାଫ ଓ ଅନ୍ୟ ମାନେ ଶିବିରର ପରିଚାଳନା କରିଥିଲେ।

## ପୁଖାମୁଣ୍ଡା ଶିବ ମନ୍ଦିର ପରିଚାଳନା କମିଟି ବୈଠକ

ବିଜେପୁର, ୧୦।୮ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପଡ଼ା ନିକଟସ୍ଥ ପ୍ରସିଦ୍ଧ ପୁଖାମୁଣ୍ଡା ଶୈବ ପୀଠରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୀଠର ବିକାଶ ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ଏହାସହିତ ବିଗତ ଦିନର ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ଏହାପରେ ସର୍ବସମ୍ମତି କ୍ରମେ ମନ୍ଦିର ପରିଚାଳନା କମିଟି ପୁନର୍ଗଠନ କରାଯାଇଥିଲା। କମଳାକାନ୍ତ ମେହେର ସଭାପତି, ଆନନ୍ଦ ବାରିକ ଉପସଭାପତି, ହାରଧନ ପଟେଲ ସମ୍ପାଦକ, ଇନ୍ଦ୍ରଜିତ ଦୀପ ସହ ସମ୍ପାଦକ, ଶାନ୍ତନୁ ମିଶ୍ର କୋଷାଧ୍ୟକ୍ଷ, ଜୟଦେବ ମାଝୀଙ୍କ ସହ କୋଷାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁବାସ ସାହୁ, ମିଶ୍ର ମେହେର, ବିନୋଦ ବିଶ୍ୱାଳ, ଗୋପାଳ ମେହେର, ବିଶିକେଶନ ମେହେର, ନବୀନ ମହାନନ୍ଦ, ସୁଦାମ ସାହୁ, ଗୋପାଳ ମେହେର, ସାଗର ବେହେରା, ରାଜୁ ମେହେର ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ନରେଶ ଅଗ୍ରୱାଲ, ସନ୍ତୋଷ ଦାଶ, ପ୍ରଦୀପ ଗୁରୁ, କୁନୁ ମେହେର, କିଶୋର ତ୍ରିପାଠି ପ୍ରମୁଖ ଉପଦେଷ୍ଟା କମିଟିରେ ରହିଛନ୍ତି। ଏହାବ୍ୟତୀତ ମନଟୁ ମେହେର, ନିରଞ୍ଜନ ପଟେଲ, ହାରିଲାଲ ସାହୁ, ବସନ୍ତ ମହାନନ୍ଦ, ସ୍ୱାଧୀନ ଦେବତା, ବୃଷଭାନୁ ଲୁହା, ବୀରକିଶୋର ମେହେର, ହରେକୃଷ୍ଣ ମାଝୀ, ବୁଧୁ ମେହେର, ସମ୍ବିତ କୁମ୍ଭାର ପ୍ରମୁଖ ବିଭିନ୍ନ ସବ କମିଟିରେ ରହିଛନ୍ତି। ବହୁ ସଂଖ୍ୟାରେ ସାମାଜିକ କର୍ମୀ, ଶ୍ରଦ୍ଧାଳୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଭକ୍ତ ପରମାନନ୍ଦ ବେଶରେ ଦର୍ଶନ ଦେଲେ ଶ୍ରୀ ଦଧିବାମନ



ଭଟଲି, ୧୦।୮ (ସମିସ): ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ପୂଣ୍ୟ ପବିତ୍ର ଭଟଲି ଦଧିବାମନ ଧାମରେ ଶନିବାର ଶ୍ରାବଣ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀ ଦଧିବାମନ ଭକ୍ତ ପରମାନନ୍ଦ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିପାଇଁ ମନ୍ଦିରରେ ରାକ୍ଷୀ ବନ୍ଧା ପରମ୍ପରା ଅନୁଷ୍ଠିତ ହେବା ସହ ଏହି ବେଶ ଦର୍ଶନ କରିବା ପାଇଁ ଶହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତର ମାନ ରଖିବାକୁ ଯାଇ ମହାପ୍ରଭୁ ଶ୍ରୀ ଦଧିବାମନ ଭକ୍ତ ପରମାନନ୍ଦ ବେଶରେ ଦର୍ଶନ ଦେଇଥିଲେ। ମହାପ୍ରଭୁ ଶ୍ରୀ ଦଧିବାମନଙ୍କୁ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ଅବସରରେ ଭକ୍ତ ପରମାନନ୍ଦ ବେଶରେ ସଜ୍ଜିତ କରାଯାଏ। ଏହି ବେଶ ଦର୍ଶନ କରିବା ପାଇଁ ଶହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

## ମନାପଡ଼ାରେ ମାଁ ସନ୍ତୋଷୀ ବାର୍ଷିକ ପୂଜା

ବରଗଡ଼, ୧୦।୮ (ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଧୀନ ମନାପଡ଼ା ଗାଁରେ ମହା ଆଡମ୍ବରରେ ମାଁ ସନ୍ତୋଷୀଙ୍କ ପୂଜାର୍ଚ୍ଚନା କରାଯାଇଛି। ମନାପଡ଼ା ଗାଁରେ ଦୀର୍ଘ ୩୩ ବର୍ଷ ହେଲା ମାଁ ସନ୍ତୋଷୀ ମନ୍ଦିର ଅଛି। ପ୍ରତି ଶୁକ୍ରବାର ଦିନ ମାଁଙ୍କର ପୂଜାର୍ଚ୍ଚନା କରାଯାଏ ଓ ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଦିନ ମହାସମାରୋହରେ ପାଳନ କରାଯାଏ। ଭଉଣୀ ମାନେ ନିଜ ଭାଇମାନଙ୍କ ପାଇଁ ନିର୍ଜଳ ଉପବାସ ରହି ମାଁଙ୍କ ଠାରେ ପୂଜାର୍ଚ୍ଚନା କରିଥାନ୍ତି। ଆଜି ମଧ ଭାଇଙ୍କ ଦୀର୍ଘାୟୁ କାମନା କରି ଭଉଣୀ ମାନେ ରାକ୍ଷୀ ବାନ୍ଧିଥିଲେ। ପୂଜକ କିଶୋର ଷଡଙ୍ଗୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।



## ପିପଲପଡ଼ା ନଳକୂଅ ମରାମତି ଦାବି



ପଦ୍ମପୁର, ୧୦।୮ (ସମିସ): ରାଜବୋଡାସମ୍ବର ବ୍ଲକ ବରିକେଲ ପଞ୍ଚାୟତ ଚାରପାଲି ଗାଁ ପିପଲପଡ଼ାର ନଳକୂଅ ଅଚଳ ହୋଇପଡ଼ିଛି। ଷ୍ଟାଣ୍ଡରେ କଳଙ୍କି ଲାଗି ନଷ୍ଟ ହୋଇଯାଇଛି। ବର୍ଷା ଦିନରେ ଦୂଷିତ ଜଳ ନଳକୂପ ଭିତରକୁ ପଶିଯାଉଛି। ପଡ଼ାବାସୀ ପିଇବା ପାଣି ନ ପାଇ ହଇରାଣ ହେଉଛନ୍ତି। ନଳକୂପ ମରାମତି ପାଇଁ ଅନେକ ଥର ଜଣାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିଭାଗୀୟ ଅଧିକାରୀ ତୁରନ୍ତ ଅଚଳ ନଳକୂପର ମରାମତି କରିବାକୁ ପିପଲପଡ଼ା ବାସୀ ଦାବି କରିଛନ୍ତି।

## ବୁଢ଼ାମାଲରେ ରକ୍ଷା ବନ୍ଧନ ଉତ୍ସବ

ଦହିତା, ୧୦।୮ (ସମିସ): ପଦ୍ମପୁରର ଗାୟତ୍ରୀ ଚେତନା ଟ୍ରଷ୍ଟ, ବୁଡାମାଲ ଗାୟତ୍ରୀ ପରିବାର ତରଫରୁ ବ୍ରହ୍ମ ଉତ୍ସବ ତଥା ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ପଦ୍ମପୁର, ଗାଇସିଲେଟ, ବରଗଡ଼, ବଲାଙ୍ଗିର, ପାଟଣାଗଡ଼ ଓ ଛତିଶଗଡ଼ ରାଜ୍ୟର ଶତାଧିକ ଭାଇ, ଭଉଣୀ ମାନେ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିର ଜିଲ୍ଲାର ବିନୋଦ ଅଗ୍ରୱାଲ ସପତ୍ନୀକ ମୁଖ୍ୟକର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଉତ୍ସବ ସାଧକ ମୀନକେତନ ପାତ୍ର ଓ ତାଙ୍କ ଶିଷ୍ୟ ତଥା ସହଯୋଗୀ ମାନଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା। ଅତିଥି ଭାବେ ସମ୍ବଲପୁର ସବଜୋନ୍ ସଂଯୋଜକ ରଘୁମଣି ଦାଶ ଯୋଗ ଦେଇ ଉତ୍ସବର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ଏହି ଅବସରରେ ୬ ଜଣଙ୍କ ଦୀକ୍ଷା ସଂସ୍କାର, ୨ ମୁଣ୍ଡନ ସଂସ୍କାର ଓ ଗୋଟିଏ ପୁଂସବନ ସଂସ୍କାର, ବିନା ଖର୍ଚ୍ଚରେ ଚେତନା ଟ୍ରଷ୍ଟ ତରଫରୁ କରାଯାଇଥିଲା।

## ମା’ ଭୂମିକା ନିର୍ବାହ କରି ଛାତ୍ରଙ୍କୁ ଶୌଚ କଲେ ପ୍ରଧାନଶିକ୍ଷକ

ବରଗଡ଼, ୧୦।୮ (ସମିସ)

ଝାରବନ୍ଧ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଟେସିରାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜଣେ କୁନି ଛାତ୍ର ବିଦ୍ୟାଳୟର ଶୌଚାଳୟକୁ ଝାଡ଼ା ଯାଇଥିଲା। ପିଲାଟି ଛୋଟ ଥିବାରୁ ଶୌଚ ହୋଇ ପାରିନଥିଲା। ଖବର ଜାଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମଳ ଭୋଇ ନିଜେ ଛାତ୍ରଟିକୁ ଶୌଚ କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମା’ ବାପା ନିଜ ଶିଶୁକୁ ବିଦ୍ୟାଳୟକୁ ପଠାଇବା ପରେ ବିଦ୍ୟାଳୟରେ ସମସ୍ତ ପ୍ରକାରର ଦାୟିତ୍ୱ



ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଉପରେ ରହିଥାଏ। ଏହି ପରିପ୍ରେକ୍ଷୀରେ ଜଣେ ମା’ର ଭୂମିକା ନିର୍ବାହ କରି ପ୍ରଧାନଶିକ୍ଷକଙ୍କ ଏଭଳି ମହତ ଉଦ୍ଦେଶ୍ୟକୁ ଶିକ୍ଷାପ୍ରେମୀ ମହଲରୁ ପ୍ରଶଂସା କରାଯାଇଛି। ଆଜିର ସମୟରେ ଶିକ୍ଷାର ବିପୁଳ ବ୍ୟବସାୟୀକରଣ ହେଉଥିବା ବେଳେ ଅନ୍ୟ ଶିକ୍ଷକଙ୍କ ପାଇଁ ଏହି ଘଟଣା ପ୍ରେରଣା ଯୋଗାଇଛି। ବର୍ତ୍ତମାନ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକାକୁ ଯୋଗ କରିଥିବାରୁ ବିଦ୍ୟାଳୟର ଶିଶୁ ସେବିକା ପଦବୀ ଯଥାଶୀଘ୍ର ପୂରଣ କରିବାକୁ ଜନସାଧାରଣରେ ଦାବି ହେଉଛି।

## ପ୍ରଶାସନ କଲାନି, ଗ୍ରାମବାସୀ କରି ଦେଖାଇଲେ

ଘେଁସ, ୧୦।୮ (ସମିସ): ଜିତପାଲି ଗାଁରେ ୯ର ପଞ୍ଚାୟତକୁ ସଂଯୋଗ ହୋଇଥିବା ରାସ୍ତାରେ ବର୍ଷା ପାଣି ଜମି ରହୁଥିବା ଯୋଗୁଁ ବହୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ରାସ୍ତାର ଅବସ୍ଥା ଏମିତି ଯେ ଗାଡି ମଟର ଯିବା ଦୂର କଥା ଖାଲି ପାଦରେ ବି ଚାଲି କି ଯିବା ମୁସ୍କିଲ ହୋଇ ପଡ଼ିଥିଲା। ପ୍ରଶାସନକୁ ଅନେକ ଥର ଜଣାଇଲେ ବି କୌଣସି ସୁଫଳ ମିଳି ନଥିଲା। ଶେଷରେ ଗ୍ରାମବାସୀ ଏବଂ ବନ ସୁରକ୍ଷା କମିଟି ସଦସ୍ୟଙ୍କ ଉଦ୍ୟମରେ ଡ୍ରେନ ଓ ରାସ୍ତାକୁ ଗ୍ରାମବାସୀ ସଫା କରିଥିଲେ। ରବିବାର ଗାଁର ଭଦ୍ରବ୍ୟକ୍ତି ମାନେ ଏଥିରେ ନିଜେ ନିଜେ ଶ୍ରମଦାନ କରିବା ସହ ବହୁତ ଅନେକ ସହଯୋଗ କରିଛନ୍ତି। ଗାଁର ଫଟୁ ପ୍ରଧାନ, ଦର୍ଜନ, ସୁନିଲ ମହାକୁର, ପାଣ୍ଡବ, ବାସୁଦେବ, ନିମାଇଁ, ଆନନ୍ଦ, ସଞ୍ଜୟ, ରାମୁ, ସ୍ୱତନ୍ତ୍ର ଏବଂ ସମସ୍ତ ମହିଳା ମାନେ ସହଯୋଗ କରିଥିଲେ।



## ଟାଇକନ ଭୁବନେଶ୍ୱର-୨୦୨୫ ଉଦଯାପନୀ ଉତ୍ସବ

# ଓଡ଼ିଶାରେ ନିବେଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୦।୮ (ସମିସ): ଦେଶର ଅଭିବୃଦ୍ଧି ଯାତ୍ରାରେ ଓଡ଼ିଶାକୁ ଆଉ ଅଣଦେଖା କରାଯାଇପାରିବ ନାହିଁ। ଓଡ଼ିଶା ବର୍ତ୍ତମାନ ଦେଶର ଅଭିବୃଦ୍ଧିର କେନ୍ଦ୍ର ସ୍ଥଳରେ ଥିବାବେଳେ ଏକ ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି। ଓଡ଼ିଶାର ଅଭିବୃଦ୍ଧି ଏହାର ସୁଦୃଢ଼ ନୀତି, ଭିତ୍ତିଭୂମି ତଥା ନବସୃଜନ ପରି ପାରିପାର୍ଶ୍ୱିକ ସ୍ଥିତି ଦ୍ୱାରା ପରିଚାଳିତ ହେଉଛି। ଓଡ଼ିଶାକୁ ବୈଶ୍ୱିକ କ୍ଷମତା କେନ୍ଦ୍ରର ଭାବେ ଏକ ପସନ୍ଦର ସ୍ଥାନ ଭାବେ ଗଢ଼ିତୋଳିବାକୁ ଆମେ ସକ୍ରିୟତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଟାଇକନ ଭୁବନେଶ୍ୱର-୨୦୨୫ର ଉଦଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାରେ ଉପସ୍ଥିତ ପ୍ରତ୍ୟେକ ନିବେଶକ, ପରାମର୍ଶଦାତା ଏବଂ ଉଦ୍ୟୋଗୀଙ୍କୁ ଆମେ ଓଡ଼ିଶାରେ ନିବେଶ




**ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି ଓଡ଼ିଶା**

ପାଇଁ ଆମନ୍ତ୍ରଣ ଜଣାଉଛୁ। କୃତ୍ରିମ ବୁଦ୍ଧିମତା ଗବେଷଣା ହେଉ ଅଥବା ସେମିକଣ୍ଡକ୍ଟର ଚିପ୍ ଡିଜାଇନ, ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ର; ଓଡ଼ିଶା ବର୍ତ୍ତମାନ ନେତୃତ୍ୱ ନେବାକୁ ପ୍ରସ୍ତୁତ। ଏକ ସ୍ୱତନ୍ତ୍ର ଏବଂ ସମର୍ପିତ ଏଆଇ ନୀତି ଆରମ୍ଭ କରିବା କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ଦେଶର ଅନ୍ୟତମ ପ୍ରଥମ ରାଜ୍ୟ । ଆମେ ଆମର ସେମିକଣ୍ଡକ୍ଟର ନୀତିରେ ମଧ୍ୟ ପରିବର୍ତ୍ତନ ଆଣିଛୁ। ଖୁବଶୀଘ୍ର ଆଇଟି, ବୈଶ୍ୱିକ କ୍ଷମତା କେନ୍ଦ୍ର ଏବଂ ଫିନଟେକରେ ନିବେଶ ପାଇଁ ନୂଆ ରଣନୀତିର ଉନ୍ମୋଚନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ଯୁବପିଢ଼ିଙ୍କୁ ଏଆଇ, ସାଇବର ସୁରକ୍ଷା ଏବଂ ନୂଆ ନୂଆ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭବିଷ୍ୟତର ସମସ୍ତ ଆହ୍ୱାନକୁ ସଫଳତାର ସହ ମୁକାବିଲା ପାଇଁ ପ୍ରସ୍ତୁତ ଏବଂ ଦକ୍ଷ କରାଯାଉଥିବା ନେଇ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାକୁ କେବଳ ଭୁବନେଶ୍ୱର ମଧ୍ୟରେ ସୀମିତ ରଖାଯାଇ ନାହିଁ। କଟକ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ସହରଗୁଡ଼ିକୁ ଡିଜିଟାଲ ହବ୍ ଭାବେ ବିକଶିତ କରାଯାଉଛି। ଜିଡିପି ଅଭିବୃଦ୍ଧି କେବଳ ଆମର ଲକ୍ଷ୍ୟ ନୁହେଁ; ନିଯୁକ୍ତି ସୁଯୋଗ ସୃଷ୍ଟି, ଯୁବପୀଢ଼ିଙ୍କୁ ସଶକ୍ତ ଏବଂ ସାମାଜିକ ନ୍ୟାୟକୁ ଆଗେଇ ନେବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମଟି ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ଉଦ୍ୟୋଗିତା, ଏଆଇ ସମ୍ବନ୍ଧରେ ଏକାଧିକ ପ୍ୟାନେଲ ଆଲୋଚନାମାନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ପ୍ରମୁଖ ଯୋଗ ଦେଇଥିଲେ।

# ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ

ତେଲକୋଇ, ୧୦।୮ (ସମିସ): ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ ଦୁର୍ବୃତ୍ତ। ମୃତକ ହେଲେ, କୃଷ୍ଣପୁର ବୈଦନାଳି ସାହିର ବିଶ୍ୱନାଥ ଜୁଆଙ୍ଗ। ତେଲକୋଇ ଥାନା ଅଧୀନ ପଡାଙ୍ଗ ଗାଁ ନିକଟ ଜଙ୍ଗଲରୁ ଆଜି ପୁଲିସ ତାଙ୍କ ଶବ ଜବତ କରିଛି। କିଛି ଦୁର୍ବୃତ୍ତ ଗତକାଲି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଜଣାଯାଇଛି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରୁ ବିଶ୍ୱନାଥ ନିଖୋଜ ଥିଲେ। ପଡାଙ୍ଗ ଗାଁରୁ ରାକ୍ଷୀ ପୂର୍ଣ୍ଣିମାରେ ପିଲାଛୁଆଙ୍କ ପାଇଁ ଡ୍ରେସ କିଣି ଘରକୁ ଫେରୁଥିବା ବେଳେ ପଡ଼ାଙ୍ଗ-କୃଷ୍ଣପୁର ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ତେଲକୋଇ ଥାନାରେ ଅଭିଯୋଗ ପରେ ଖୋଜାଖୋଜି ଆରମ୍ଭ କରିଥିଲେ। ଆଜି ସନ୍ଧ୍ୟାରେ ପଡ଼ାଙ୍ଗ ଗାଁ ନିକଟ ଶୁଆକଟା ଜଙ୍ଗଲରୁ ବିଶ୍ୱନାଥଙ୍କ ଶବକୁ ଠାବ କରିବା ସହ ପୁଲିସକୁ ଖବର ଦେଇଥିଲେ ପରିବାରଲୋକେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ।

# ବଜାରରୁ ଯୁବତୀଙ୍କୁ ଅପହରଣ

କପ୍ତିପଦା, ୧୦।୮ (ସମିସ): ରାକ୍ଷୀ ପୂର୍ଣ୍ଣିମା ପୂର୍ବ ଦିନ ବାପା ମାଆଙ୍କ ସହିତ ବଜାର ଆସିଥିଲେ ଜଣେ ଯୁବତୀ। ଦୋକାନ ବାହାରେ ଆସି ଛିଡ଼ା ହୋଇଥିବା ବେଳେ ଅଚାନକ ୪ଜଣ ଯୁବକ ମାସ୍କ ପିନ୍ଧି ବାଇକ୍‌ରେ ଆସି ଯୁବତୀଙ୍କୁ ଉଠାଇନେଲେ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରରେ ଘଟିଛି। ଗତ ଶୁକ୍ରବାର ସୁଡ଼ସୁଡ଼ିଆ ଗ୍ରାମର ରାଜେନ୍ଦ୍ର ବେହେରା (୪୮)ଙ୍କ ଝିଅ ଅଞ୍ଜଳି ବେହେରା (୨୨) ବାପା-ମାଆଙ୍କ ସହ ସନ୍ଧ୍ୟା ସମୟରେ କପ୍ତିପଦା ବଜାର ଯାଇଥିଲେ। ହେଲେ ଝିଅ ଅଞ୍ଜଳି ଯେତେବେଳେ ଦୋକାନ ବାହାରକୁ ଆସିଥିଲେ, ସେହି ସମୟରେ ଅଚାନକ ୪ ଜଣ ଯୁବକ ବାଇକ୍‌ରେ ମାସ୍କ ପିନ୍ଧି ଆସି ଜୋର୍‌ଜବରଦସ୍ତ ଯୁବତୀଙ୍କୁ ଉଠାଇ ନେଇଗଲେ। ବାପା ମାଆ ବିରୋଧ କରିବାରୁ ଜୀବନରୁ ମାରିଦେବାର ଧମକ ଦେଇ ଅପହରଣ କରିନେଇ ଚାଲି ଯାଇଥିଲେ ୪ ଯୁବକ।

■ ଅଭିଯୋଗର ୩ ଦିନ ପରେ ବି ପୁଲିସ ହାତ ଖାଲି
■ ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଛି ପୁଲିସ

ଯାହାକୁ ନେଇ ଯୁବତୀଙ୍କ ପରିବାର ଲୋକେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ୩ଦିନ ପରେ ମଧ୍ୟ ଯୁବତୀଙ୍କୁ ଉଦ୍ଧାର କରି ପାରିନାହିଁ କିମ୍ବା ପତ୍ତା ପାଇପାରିନାହିଁ। ଅପରପକ୍ଷରେ ଅପହରଣ ପରିବର୍ତ୍ତେ ନିଖୋଜ ବୋଲି ରିପୋର୍ଟ ବଦଳ କରି ପୁଲିସ ମାମଲା ରୁଜୁ କରିଛି ବୋଲି ଅପହୃତାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

## ଟେକ ରଖିଲେ ନୀଳଗିରି ମାଟିର ପୁଅ ରବୀନ୍ଦ୍ର

# କେନ୍ଦ୍ରୟ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି



ନୀଳଗିରି, ୧୦।୮ (ସମିସ): ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷଟିକସ ବିଲ୍-୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ପୁରସ୍କୃତ ହୋଇଥିବା ବାଲେଶ୍ୱର ନୀଳଗିରି ଉପଖଣ୍ଡସ୍ଥ କାହ୍ନୁପୁର-ସନ୍ତରାଗଡିଆ ମାଟିର ପୁଅ ରବୀନ୍ଦ୍ର କୁମାର ପଟ୍ଟନାୟକ ଟେକ ରଖିଛନ୍ତି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟ ଦକ୍ଷତା ପୁଣି ଥରେ ସେ ପ୍ରମାଣିତ କରିଛନ୍ତି। ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ରବୀନ୍ଦ୍ର ଅନେକ ପ୍ରଶଂସନୀୟ ଆଇନଗତ ଖସଡ଼ା କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ପୁରସ୍କାର ବି ପାଇଛନ୍ତି। ଏହା ବ୍ୟତୀତ ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ କରିବାରେ ଅବଦାନ ଦେଇ ଆସୁଛନ୍ତି। ଯେଉଁଥିରେ ତିନୋଟି ନୂତନ ଫୌଜଦାରୀ ଆଇନ ଏବଂ ଅନେକ ଆଇନ ଅନ୍ତର୍ଭୁକ୍ତ। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବରେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ବିଚାର ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। 'ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ ବି କରିବି। ତେବେ ନିଜ ଜନ୍ମମାଟି ପାଇଁ କିଛି ଭଲ କାମ କରିବାକୁ ମୁଁ ଚାହୁଁଛି ବୋଲି ରବୀନ୍ଦ୍ର କହିଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ୩ ଗିରଫ

**ଗୋଇଠା ମାରି ଖସି ଆସିଲା ନାବାଳିକା**

ଉଦଳା, ୧୦।୮ (ସମିସ): ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଉଦଳା ଥାନା ପୁଲିସ୍ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଗୁରୁପ୍ରସାଦ ଦ୍ୱିବେଦୀ(୩୨), ଜିତରାୟ ସରେନ(୪୫) ଓ ରହିତ ନାୟକ(୨୦)। ନାବାଳିକାଜଣଙ୍କ ନିଜର ଦୁଇ ବନ୍ଧୁଙ୍କ ସହ ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ବାଟ ମଝିରୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିଲ। ତେବେ ବେଳେ ନାବାଳିକାଜଣଙ୍କ ସେମାନଙ୍କୁ ଗୋଇଠା ମାରି ଖସିଯିବାରେ ସମର୍ଥ ହୋଇଥିଲା। ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଉଦଳା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ନମ୍ବର ୩୨୪/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବନମାଳୀ ବାରିକ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ରେଳ କର୍ମଚାରୀ ମୃତ, ୨ ଗୁରୁତର

ସୋନପୁର,୧୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲି ସ୍କୁଲ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ରେଳ ଷ୍ଟେସନ କର୍ମଚାରୀ ସାଲେଭଟା ନିବାସୀ କାଳୀଚରଣ ନାଗ। ଅନ୍ୟପକ୍ଷେ ଖୁସାମାଲ ଗ୍ରାମର ଦୁଇ ଭାଇ ସୁଜିତ ଘିବେଲା ଓ ଅଜିତ ଘିବେଲା ଗୁରୁତର ହୋଇଛନ୍ତି। କାଳୀଚରଣ ଅଫିସ କାର୍ଯ୍ୟ ସାରି ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏତିକିବେଳେ ଚେରୁପାଲି ସ୍କୁଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ୩ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରେଳ କର୍ମଚାରୀ କାଳୀଚରଣଙ୍କୁ ମୃତ ଘୋଷାଣ କରିଥିଲେ। ଅନ୍ୟ ୨ ଜଣ ଗୁରୁତରଙ୍କୁ ଡୁଙ୍ଗୁରିପାଲି ହସ୍ପିଟାଲ ଓ ପରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଜମି ଜବରଦଖଲକୁ କେନ୍ଦ୍ର କରି ତୁମୁଳକାଣ୍ଡ

# ବୋମାମାଡ଼ରେ ଥରିଲା ଶ୍ୟାମପୁର

ଭୁବନେଶ୍ୱର, ୧୦।୮ (ସମିସ): କିଛି ଦିନର ନିରବତା ପରେ ପୁଣି ଅଶାନ୍ତ ହୋଇଛି ରାଜଧାନୀ। ସ୍ପଷ୍ଟ ଦିବାଲୋକରେ ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଅସାମାଜିକ ଯୁବକ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦକୁ ନେଇ ଶ୍ୟାମପୁର ଆଜି ଥରହର ହୋଇଛି। ଗୋଟିଏ ଗୋଷ୍ଠୀ ଘନଘନ ବୋମାମାଡ଼ କରିଥିବା ବେଳେ ଅପରଗୋଷ୍ଠୀର ଯୁବକମାନେ ୩ଟି ବାଇକ୍ ଜାଳି ଦେଇଛନ୍ତି।

■ ଅଳ୍ପକେ ବର୍ତ୍ତିଲେ ୬ ଯୁବକ
■ ଅପରଗୋଷ୍ଠୀ ଜାଳିଦେଲେ ୩ ବାଇକ୍

ଅଭିଯୋଗ ଅନୁଯାୟୀ, ବଜରଙ୍ଗୀ କ୍ଲବର ସଦସ୍ୟମାନେ ଶ୍ୟାମପୁର ମୌଜାରେ ଲିଜ୍ ରଦ୍ଦ ହୋଇଥିବା ଜମିକୁ ଶାଗ ମାଛ ଦରରେ ବିଭିନ୍ନ ଲୋକଙ୍କୁ ବିକ୍ରି କରି ଦେଇଛନ୍ତି। ହେଲେ ପୂର୍ବରୁ ଲିଜ୍ ପାଇଥିବା ବ୍ୟକ୍ତିମାନେ ଅନ୍ଧାରୁଆର କିଛି ଯୁବକଙ୍କୁ ନିୟୋଜିତ କରି ନିଜ ଜମିରେ ପାଚେରି ନିର୍ମାଣ କରୁଛନ୍ତି। ଏହାକୁ ନେଇ ଅନ୍ଧାରୁଆର ଯୁବକ ଓ ବଜରଙ୍ଗୀ କ୍ଲବର ସଦସ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ଅନ୍ଧାରୁଆ ପିଲାମାନେ ଶ୍ରମିକଙ୍କ ଦ୍ୱାରା ପାଚେରି ନିର୍ମାଣ କରୁଥିବା ବେଳେ ବଜରଙ୍ଗୀ କ୍ଲବର ସୁନୀଲ, ଅନିଲ, ଅଜୁ, ଆଶିଷ ସମେତ ପ୍ରାୟ ୨୦ ଜଣ ଯୁବକ କାର୍ ଓ ବାଇକ୍ ଯୋଗେ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିଆଗରୁ ହଠାତ୍ ବୋମାମାଡ଼ କରିଥିଲେ। ଗୋଟିଏ ପରେ ଗୋଟିଏ, ପ୍ରାୟ ୨୦ରୁ ଅଧିକ ବୋମାମାଡ଼ କରିଥିଲେ। ଏହା ଦେଖି ନିର୍ମାଣସ୍ଥଳରେ



ଥିବା ୬ ଯୁବକ ଓ ଶ୍ରମିକମାନେ ଭୟରେ ଗାଡ଼ି ଛାଡ଼ି ଜଙ୍ଗଲ ଭିତରକୁ ପଳାଇଥିଲେ। ପରେ ଅସାମାଜିକମାନେ ଆହୁରି ଆତଙ୍କ ଖେଳାଇଥିଲେ। ପାଚେରି ଭଙ୍ଗାରୁଜା କରିବା ସହ ଗାଡ଼ିଗୁଡ଼ିକୁ ଖଣ୍ଡାରେ ଭାଙ୍ଗିଥିଲେ। ବଜରଙ୍ଗୀ କ୍ଲବ ପିଲାମାନେ ଘଣ୍ଟାଏ କାଳ ସେଠାରେ ଆତଙ୍କ ଖେଳାଇ ଫେରାର୍ ହେଉଥିବା ବେଳେ ବିପରୀତ ଗୋଷ୍ଠୀର ପ୍ରାୟ ୨୦ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ବଜରଙ୍ଗୀ କ୍ଲବ ପିଲାମାନେ ଗାଡ଼ି ଛାଡ଼ି ପଳାଇଥିଲେ। ସେମାନେ ଛାଡ଼ିଯାଇଥିବା ଗାଡ଼ିଗୁଡ଼ିକୁ ଦୁର୍ବୃତ୍ତମାନେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ୩ଟି ଗାଡ଼ି ଜଳି ଯାଇଥିଲା। ଖବର ପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସୁତୁଲି, ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ସେହିପରି ବୋମା ନିଷ୍କ୍ରିୟକାରୀ ଟିମ୍ ମଧ୍ୟ ପହଞ୍ଚି କିଛି ଅଫୁଟା ବୋମା ନିଷ୍କ୍ରିୟ କରିଥିଲା। ପାଚେରି କାମ କରୁଥିବା ଅନ୍ଧାରୁଆର ଯୁବକମାନେ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ସେପଟେ ବୋମାମାଡ଼ କରିଥିବା ବଜରଙ୍ଗୀ କ୍ଲବର ସଦସ୍ୟମାନେ ଫେରାର୍ ହୋଇଯାଇଛନ୍ତି।

ତେବେ ଏହା ପ୍ରଥମ ଘଟଣା ନୁହେଁ, ଜମି ଜବରଦଖଲକୁ ନେଇ ଗତ ମାର୍ଚ୍ଚ ମାସରେ ମଧ୍ୟ ସମାନ ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା। ଜମି ଦଖଲକୁ ନେଇ ସ୍ପଷ୍ଟ ଦିବାଲୋକରେ ବାରମ୍ବାର ଗୁଳିକାଣ୍ଡ ଓ ବୋମାମାଡ଼ ହେବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରତିଶୋଧ ନେବ...

ମଧ୍ୟ ପ୍ରଭାବିତ ହୋଇଛି। ଭାରତ ଏହା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଯୁକ୍ତି ରଖିଥିଲେ ମଧ୍ୟ ଆମେରିକା ଏ ସମ୍ପର୍କରେ ଆଲୋଚନା ପାଇଁ ମନା କରି ଦେଇଛି। ଫଳରେ ଭାରତ ନିଜର ସ୍ୱାର୍ଥ ପାଇଁ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଯୋଜନା କରୁଛି।

ପ୍ରଥମ ପର୍ଯ୍ୟାୟରେ ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରୁଛି। ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଆମେରିକା ପ୍ରତିଶୋଧାତ୍ମକ ପଦକ୍ଷେପ ନେଇ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି।

### ଭାରତ ଉପରେ ସର୍ବାଧିକ...

ପହଞ୍ଚିବା ପାଇଁ ୯୦ ଦିନ ସମୟ ଦିଆଯାଇଛି। ଆମେରିକା ଚାହୁଁଛି ଯେ ଚୀନ୍ ବୌଦ୍ଧିକ ସମ୍ପତ୍ତି, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ କୃଷି ଆମଦାନିରେ ରିଆତି ଦେଉ। ଏହାର ଅର୍ଥ ହେଉଛି ଟ୍ରମ୍ପ ପ୍ରଶାସନ ଚୀନ୍ ସହିତ ଏକ ଚୁକ୍ତିର ସମ୍ଭାବନାକୁ ଖୋଲା ରଖିବାକୁ ଚାହୁଁଛି, ଯାହା ଦ୍ୱାରା ମୁକାବିଲା ବଦଳରେ, ରାଜନୈତିକ ଲାଭ ନିଆଯାଇପାରିବ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ଚୀନ୍ ପରି ବଡ଼ ନୁହେଁ, କିନ୍ତୁ ଟ୍ରମ୍ପ ପ୍ରଶାସନ ଏହାକୁ କମ୍ ରାଜନୈତିକ ବିପଦ ସହିତ ଏକ ପଦକ୍ଷେପ ବୋଲି ବିବେଚନା କରୁଛି।

### ସୁପ୍ରିମ କୋର୍ଟ-ନିର୍ବାଚନ...

ଦର୍ଶାଇଛନ୍ତି ନିର୍ବାଚନ କମିସନ। କମିସନ କହିଛନ୍ତି ଯେ କେବଳ ଚିଠା ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶନ ସହିତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କ ସଂପର୍କରେ ନାମ ସହିତ ବାଦ୍ ପଡ଼ିବାର କାରଣ ପ୍ରକାଶ କରିବାକୁ କମିସନ ବାଧ୍ୟ ନୁହନ୍ତି। ୬୫ ଲକ୍ଷ ଲୋକଙ୍କ ସଂପର୍କରେ ଏଭଳି ସଂପୂର୍ଣ୍ଣ ବିବରଣୀ ପାଇଁ ପୃଥକ ତାଲିକା ଜାରି କରିବା ସମ୍ଭବ ମଧ୍ୟ ନୁହେଁ। ସତ୍ୟପାଠରେ କୁହାଯାଇଛି ଯେ ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ନାମ ସାମିଲ ହୋଇନାହିଁର ଅର୍ଥ ନୁହେଁ ଯେ ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏବେ ଭୋଟର ତାଲିକା ସଂଶୋଧନ ଚାଲିଛି ଏବଂ ବିଭିନ୍ନ କାରଣରୁ ଅନେକ ଭୋଟରଙ୍କ ନାମ ସାମିଲ ହୋଇଥାଇନପାରେ। ଯେମିତି କି ଫର୍ମ ପୂରଣ ହୋଇନଥିବ ଏବଂ ଘରକୁ ଘର ବୁଲି ସର୍ଭେ ବେଳେ କୌଣସି ତ୍ରୁଟି ପରିଲକ୍ଷିତ ହୋଇଥିଲେ ନାମ ସାମିଲ ହୋଇପାରିବ ନାହିଁ। ତେବେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପୂର୍ବରୁ ଆପତ୍ତି ଅଭିଯୋଗର ସୁଯୋଗ ଦିଆଯିବ। ଚିଠା ତାଲିକାରେ ଯେଉଁମାନଙ୍କ ନାମ ନାହିଁ, ସେମାନେ ଆବଶ୍ୟକ କାଗଜପତ୍ର ସହିତ ଫର୍ମ-୬ ଦାଖଲ କରିପାରିବେ। ଏଥିପାଇଁ ସେପଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। କମିସନ କହିଛନ୍ତି ଯେ ବିନା ପୂର୍ବ ନୋଟିସରେ କାହରି ନାମ କଟାଯିବ ନାହିଁ। ଏହାପୂର୍ବରୁ ଭୋଟରଙ୍କୁ ସୁଯୋଗ ଦିଆଯିବ।

ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ବହୁସଂଖ୍ୟାରେ ଭୋଟରଙ୍କ ନାମ କାଟି ଦିଆଯାଇଛି ଏବଂ ଏହି ପ୍ରକ୍ରିୟା ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ବୋଲି ଆବେଦନକାରୀ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) କରିଥିବା ଅଭିଯୋଗକୁ ଖଣ୍ଡନ କରି କମିସନ କହିଛନ୍ତି ଯେ ଏହି ସଂସ୍ଥା ମିଥ୍ୟା ଓ ବିଭ୍ରାନ୍ତିକର ପରିବେଶ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ ଯେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଗତ ୬ ତାରିଖରେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମ କୋର୍ଟ। କୋର୍ଟ କହିଥିଲେ ଯେ ଚିଠା ତାଲିକାରୁ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ତାହାର କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ସହିତ କେଉଁମାନେ ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ କମିସନ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କୋର୍ଟ ଆଦେଶ ମୁତାବକ ଗତକାଲି ନିର୍ବାଚନ କମିସନ ସଂପୂର୍ଣ୍ଣ ତଥ୍ୟ ଦେବାକୁ ମନା କରିବାକୁ ଯାଇ ଏଭଳି ଯୁକ୍ତି ଉପସ୍ଥାପନ କରିଛନ୍ତି।

### ୧୨ରୁ ରାଜ୍ୟରେ...

ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ୧୩ ଓ ୧୪ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ତେବେ ସ୍ୱାଧୀନତା ଦିବସରେ ପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି।

ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

ଏହା ପରେ ୨୦ କିମ୍ବା ୨୧ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରର ପଶ୍ଚିମବଙ୍ଗ-ଓଡିଶା ଉପକୂଳ ନିକଟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି।

ଅନ୍ୟପଟେ ଜୁନ ୧ରୁ ଆଜି ଯାଏଁ ରାଜ୍ୟରେ ୬୪୭.୨ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ୬୭୭.୦ ମିଲିମିଟର ବର୍ଷା ତୁଳନାରେ ୪ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟର ୯ଟି ଜିଲ୍ଲାରେ ବର୍ଷା ସ୍ଥିତି ନିଅଣ୍ଟିଆ ରହିଛି।

### ଦେଶସାରା କାମ...

ଆବଶ୍ୟକତା ନାହିଁ ବୋଲି ଶାସକ ଦଳର ବିଧାୟକ ମନ୍ତବ୍ୟ ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ଏହି ପ୍ରକଳ୍ପ ପାଇଁ ଅନାଗ୍ରହୀ ଥିବା ଦେଖାଯାଉଛି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦ୍ୱୈତନଗରୀ ମେଟ୍ରୋରେ କଟକ ଓ ଭୁବନେଶ୍ୱରବାସୀ ସବୁଠାରୁ ଅଧିକ ଉପକୃତ ହେବା ଆପାତତଃ ନିଶ୍ଚିତ। ମାତ୍ର ଶାସକ ଦଳ ତଥା ଖୋଦ୍ ରାଜଧାନୀର ବିଧାୟକ ଆସନ୍ତା ୨୦/୩୦ ବର୍ଷ ଯାଏ ଭୁବେଶ୍ୱରରେ ମେଟ୍ରୋ ରେଳ ସେବାର ଆବଶ୍ୟକତା ନାହିଁ ବୋଲି ଟିପ୍ପଣୀ ସାଧାରଣ ଲୋକଙ୍କୁ ନିରାଶ କରିଛି। ଏହି ସମୟରେ ପୂର୍ବ ସରକାର ମେଟ୍ରୋ ରେଳ ପାଇଁ କରିଥିବା ଟେଣ୍ଡରକୁ ବର୍ତ୍ତମାନର ସରକାର ବାତିଲ କରି ଦେଇଛନ୍ତି।

କେବଳ ସେତିକି ନୁହେଁ; ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ମେଟ୍ରୋ ପ୍ରକଳ୍ପ ସଂପର୍କରେ ଦେଇଥିବା ମନ୍ତବ୍ୟ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଯେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରି ଦେଇଛି। ନିକଟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ କଳ୍ପନା ପଟ୍ଟ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ଯିବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ମାଟି ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ। ମନ୍ତ୍ରୀଙ୍କ ଉତ୍ତରକୁ ଯଦି ବିଶ୍ୱାସକୁ ନିଆଯାଏ, ତା'ହେଲେ ନିକଟ ଭବିଷ୍ୟତରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଶା କ୍ଷୀଣ।

### ଜେଲ୍ ଗଲା...

ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ୍ ପ୍ରମୋଦ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଧାରା ୨୯୬, ୭୫, ୭୮, ୧୦୮ ଭଳି ସଂଗିନ୍ ଦଫା ଲଗାଇଛି।

ଏସ୍‌ପି ଶ୍ରୀ କଟାରିଆ କହିଛନ୍ତି ଯେ ଗତ ଅଗଷ୍ଟ ୫ରେ ସଂଗୀତାଙ୍କୁ ୫ରୁ ୬ଥର ମେସେଜ ଓ ହ୍ୱାଟ୍‌ସଆପ୍ ମେସେଜ୍ କରିଥିଲା ପ୍ରମୋଦ। ସେହିଭଳି ଗତ ୬ତାରିଖ ସକାଳ ୭ଟା ୩୪ରେ ପ୍ରମୋଦ ୬ଥର କଲ କରିବା ସହ ୫ଥର ମେସେଜ କରିଥିଲା। କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ପୁଲିସ ଏହି ସବୁ ତଥ୍ୟ ପାଇଛି। ଅଭିଯୁକ୍ତ ବିରୋଧରେ ପୁଲିସ ଯଥେଷ୍ଟ ପ୍ରମାଣ ପାଇଛି। ଅପରପକ୍ଷେ, ଏହି ଘଟଣାରେ ସଂଗୀତା, ତାଙ୍କ ବାପା ଓ ପ୍ରେମିକ ପ୍ରମୋଦର ମୋବାଇଲ ଜବତ ହୋଇଛି। ସେହିପରି, ସଂଗୀତାଙ୍କ ପଡ଼ୋଶୀ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ପୁଲିସ ଗତକାଲି ଜବତ କରି ଯାଞ୍ଚ କରିଛି। ସେଥିରେ ଛାତ୍ରୀଙ୍କ ବାପା ଓ ମା' ସକାଳ ପ୍ରାୟ ୭ଟା ୪୦ରେ ବାହାରକୁ ଯାଇ ପୂର୍ବାହ୍ନ ସାଢ଼େ ୧୧ଟାରେ ଫେରୁଥିବା ଦେଖାଯାଉଛି। ତେଣୁ, ସଂଗୀତା ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି, ତାହା ଏଫ୍‌ଏମ୍‌ଟି ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ ବୋଲି ଏସପି କହିଛନ୍ତି।

୬ ମାସ ତଳେ ପୀଡ଼ିତା ଏବଂ ତାଙ୍କ ବାପା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପ୍ରମୋଦ ବିରୋଧରେ ଏତଲା ଦେଇଥିଲେ। ପ୍ରମୋଦ ତାଙ୍କ ଭିଡିଓ ଭାଇରାଲ କରୁଛି ବୋଲି ଏତଲାରେ ଦର୍ଶାଯାଇଥିଲା। କିନ୍ତୁ ପୁଲିସ୍ ଏହାକୁ ଗୁରୁତ୍ୱର ସହ ନେଇଥିଲା। ଓଲଟି, ପ୍ରମୋଦର ମୋବାଇଲ ନମ୍ବର ବ୍ଲକ୍ କରିବାକୁ ସଂଗୀତାଙ୍କୁ ପରାମର୍ଶ ଦେଇଥିଲା। ଏହି ବେପରୁଆ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି ସୂଚନା ଦେଇଛନ୍ତି। ତେବେ ଉକ୍ତ ପୁଲିସ କର୍ମଚାରୀଙ୍କ ବିରୋଧରେ ଗଣମାଧ୍ୟମ ଖବର ଆଧାରରେ ତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି ସହ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଛି। ଆହୁରି ମଧ୍ୟ, ପୀଡ଼ିତା ଏବଂ ତାଙ୍କ ବାପା କେତେଥର ଥାନାକୁ ଯାଇଛନ୍ତି, ସେନେଇ ସିସିଟିଭି ନେଇ ଯାଞ୍ଚ କରାଯାଉଛି।

ସପେଟେ, ପ୍ରମୋଦର ଗିରଫଦାରୀକୁ ନେଇ ତା' ଗାଁ ତିରୋହୀରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଏହାର ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଆଗରେ ଧାରଣା ଦେଇଥିଲେ। ଏନେଇ ପ୍ରମୋଦର ବାପା ଗଣେଶ୍ୱର ବେହେରା ଆଜି ଥାନାରେ ଏକ ଏତଲା ଦେଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ତାଙ୍କ ପୁଅ ନିର୍ଦ୍ଦୋଷ। ଏହି ଘଟଣାରେ ତା'ର ସଂପୃକ୍ତି ନାହିଁ। ତାକୁ ଫସାଇ ଦିଆଯାଇଛି। ସଂଗୀତାକୁ ତା' ବାପା-ମା' ପିଟି ହତ୍ୟା କରିଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ରାଜନଗର ଥାନା ଆଇଆଇସି ନରେଶ ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ। ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମାଜସେବୀ ଶଶୀଭୂଷଣ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ବୁଡ଼ିଯିବ ବେଲଗୁଣ୍ଠାର...

ପ୍ରଦୀପ କହିଛନ୍ତି, ପୁରୁଷପୁରୁଷ ଧରି ତାଙ୍କ ପରିବାର ପିତ୍ତଳ ମାଛ ପ୍ରସ୍ତୁତ କରି ଆସୁଥିବା ବେଳେ ତାଙ୍କ ଉତ୍ତରପିଢ଼ି ଏଥିରୁ ମୁହଁ ଫେରାଇ ନେଇଛନ୍ତି। ତେଣୁ ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ଯୁବ କାରିଗର ଗୋଷ୍ଠୀଙ୍କୁ ନିୟମିତ ତାଲିମ୍, ଉପଯୁକ୍ତ ପାରିଶ୍ରମିକ, ବିନା ଜିଏସ୍‌ଟିରେ ଋଣ, ଷ୍ଟାଇପେଣ୍ଡ ବୃଦ୍ଧି, କର୍ମଶାଳା ନିର୍ମାଣ ଏବଂ କାରିଗର ଭତ୍ତା ପ୍ରଦାନର ଆବଶ୍ୟକ ରହିଛି।

ଏହି ଶିଳ୍ପ ବିଶ୍ୱର ଏକମାତ୍ର ସ୍ଥାନ ବେଲଗୁଣ୍ଠାରେ ଥିବା ବେଳେ ଏଠାକୁ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡିଜାଇନ୍ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ୍‌ର ବିଭିନ୍ନ କଳା କାରିଗରୀ ଅନୁଷ୍ଠାନର ଛାତ୍ରଛାତ୍ରୀ ଆସି ପନ୍ଦର କୋଡ଼ିଏ ଦିନ ରହି ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପିତ୍ତଳ ମାଛ ଉପରେ ଗବେଷଣା କରିବା ସହିତ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଏତେ ସବୁ ତଥ୍ୟ ଥିଲେ ମଧ୍ୟ ବେଲଗୁଣ୍ଠାର ପିତ୍ତଳ ମାଛକୁ ଜିଆଇ ଟ୍ୟାଗ୍ ଦେବା ପାଇଁ ପ୍ରୟାସ କରାନଯିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ, ଏ ଦିଗରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୪,୪୫୦ (ଭୁବନେଶ୍ୱର)
- ରୁପା : ୧,୨୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୯,୮୫୭.୦୦
- ନିଫ୍ଟି ୨୪,୩୬୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପେଟ୍ରୋଲ-ଡିଜେଲ୍ ବିକିବେ ଆଦାନୀ

## ସରକାର ବଦଳାଇବେ ଲାଇସେନ୍ସ ନିୟମ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆଦାନୀ ଗ୍ରୁପ ବିକ୍ରି କରିବ ପେଟ୍ରୋଲ-ଡିଜେଲ। ଏଥିପାଇଁ ଖୋଦ୍ କେନ୍ଦ୍ର ସରକାର ଉର୍ଦ୍ଦିଷ୍ଟ ଲାଇସେନ୍ସ ନିୟମରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ବ୍ୟବସାୟ ପାଇଁ ନିୟମ ଖୁବ୍ ଶୀଘ୍ର ପରିବର୍ତ୍ତନ ହୋଇପାରେ। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଲାଇସେନ୍ସ ମାନଦଣ୍ଡରେ ଛାଡ଼ କରିବା ବିଷୟରେ ବିଚାର କରୁଛି। ସରକାରୀ କମ୍ପାନୀଗୁଡ଼ିକ ୯୭୮୦୪ ପେଟ୍ରୋଲ ପମ୍ପ ଉପରେ ଦବ୍‌ଦବା ରଖିଛନ୍ତି। କିନ୍ତୁ ନିୟମ ପରିବର୍ତ୍ତନ ପରେ, ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ପାଇଁ ପ୍ରବେଶ ସହଜ ହୋଇପାରେ। ସରକାରଙ୍କ କହିବାନୁଯାୟୀ, ପରିବର୍ତ୍ତିତ ବିଶ୍ୱ ଇନ୍ଧନ ପରିସ୍ଥିତି ଏବଂ ବିକଳ୍ପ ଶକ୍ତି ଉତ୍ସର ବର୍ଦ୍ଧିତ ଗୁରୁତ୍ୱକୁ ଦୃଷ୍ଟିରେ ରଖି, ପୁରୁଣା ନିୟମରେ ପରିବର୍ତ୍ତନ ଆବଶ୍ୟକ। ଏଥିପାଇଁ, ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି ଯାହା ୨୦୧୯ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମୀକ୍ଷା କରିବ। କମିଟି ଏହା ମଧ୍ୟ ଦେଖିବ ଯେ ବର୍ତ୍ତମାନର ମାନଦଣ୍ଡ ଶକ୍ତି ସୁରକ୍ଷା, କାର୍ବନ ନିର୍ଗମନ ହ୍ରାସ ଏବଂ ବିକଳ୍ପ ଇନ୍ଧନର ପ୍ରୋତ୍ସାହନର ଲକ୍ଷ୍ୟକୁ କିପରି ପ୍ରଭାବିତ କରୁଛି। ।୨୦୧୯ରେ ସରକାର ନିୟମ ପରିବର୍ତ୍ତନ କରି ଅଣ-ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକୁ ଖୁଚୁରା ଇନ୍ଧନ ବିକ୍ରିକରିବାକୁ ଅନୁମତି ଦେଇଥିଲେ, ଯଦି ସେମାନଙ୍କର ନେଟ୍ ସମ୍ପତ୍ତି ମୂଲ୍ୟ ୨୫୦ କୋଟି ଟଙ୍କା ହୋଇଥାଏ। ପୂର୍ବରୁ, ଇନ୍ଧନ ବିକ୍ରି ଲାଇସେନ୍ସ ପାଇଁ କମ୍ପାନୀଗୁଡ଼ିକୁ ଶକ୍ତି କ୍ଷେତ୍ରରେ ୨୦୦୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ପଡୁଥିଲା। ନୂତନ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ପେଟ୍ରୋଲ ପମ୍ପ ଖୋଲିବାକୁ ଆହୁରି ସହଜ କରିପାରିବ। ବର୍ତ୍ତମାନ, ଦେଶରେ ୯୭,୮୦୪ ପେଟ୍ରୋଲ ପମ୍ପ ଅଛି। ଦେଶରେ ଇଣ୍ଡିଆନ୍ ଅଏଲ୍‌ର ୪୦,୬୬୬, ବିପିସିଏଲ୍‌ର ୨୩,୯୫୯ ଏବଂ ଏଚ୍‌ପିସିଏଲ୍‌ର ୨୩,୯୦୧ ପମ୍ପ ଅଛି। ଘରୋଇ କ୍ଷେତ୍ରରେ, ରିଲାଏନ୍ସ-ବିପି ମିଳିତ ଉଦ୍ୟୋଗ ୧,୯୯୧ ପମ୍ପ, ନାଏରା ଏନର୍ଜି ୬,୭୬୩ ପମ୍ପ ଏବଂ ସେଲ୍ ୩୫୫ ପମ୍ପ ପରିଚାଳନା କରୁଛି। ଟୋଟାଲ୍ ଏନର୍ଜିଜ୍ (ଆଦାନୀ ସହିତ), ବିପି (ରିଲାଏନ୍ସ ସହିତ), ଟ୍ରାଫିଗୁରାର ପୁମା ଏନର୍ଜି ଏବଂ ସାଉଦି ଆରାମକୋ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ମଧ୍ୟ ଭାରତୀୟ ବଜାରରେ ଅଂଶ ଗ୍ରହଣ କରିବାକୁ ଆଗ୍ରହ ଦେଖାଇଛନ୍ତି।




● ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ

## ବିମାନ ନବୀକରଣରେ ଏୟାର ଇଣ୍ଡିଆ ଖର୍ଚ୍ଚ କରିବ ୪୦୦ ନିୟୁତ ଡଲାର

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଏୟାରଲାଇନ୍ସଙ୍କ ରକ୍ଷଣାବେକ୍ଷଣାକୁ ନେଇ ସରକାର ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏଭିଏସନ କମ୍ପାନୀଙ୍କୁ ଅନେକ କଡ଼ା ଆଦେଶ ଦେଇଛନ୍ତି। ଏଥି ମଧ୍ୟରେ ଏୟାର ଇଣ୍ଡିଆ କମ୍ପାନୀ ବିମାନ ନବୀକରଣ ନିମନ୍ତେ ୪୦୦ମିଲିୟନ ଡଲାର ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି। ଏଥିରେ ୱାଇଡବଡି ଓ ନ୍ୟାରୋବଡି ବିମାନଙ୍କୁ ଉନ୍ନତ ଡିଜାଇନ ସହିତ ନବୀକରଣ କରାଯିବ। ଉଲ୍ଲେଖଯୋଗ୍ୟ ଯେ ୨୬ଟି ବୋଇଂ ୭୮୭-୮ ବିମାନ ମଧ୍ୟରୁ ପ୍ରଥମ ବିମାନ ନବୀକରଣ ପାଇଁ କାଲିଫର୍ଣ୍ଣିୟା ସ୍ଥିତ ବୋଇଂ କମ୍ପାନୀକୁ ପହଞ୍ଚି ସାରିଛି। ଦ୍ୱିତୀୟ ବିମାନ ଅକ୍ଟୋବରରେ ଆମେରିକା ଯିବ। ଏହି ବିମାନ ସବୁରେ ନୂଆ ଇଣ୍ଟେରିୟର ଓ ଅତ୍ୟାଧୁନିକ ପ୍ରଣାଳୀ ଲାଗିବ। ପ୍ରତ୍ୟେକ କ୍ୟାବିନରେ ନୂଆ ସିଟ୍, ଉନ୍ନତ ଇନ-ଫ୍ଲାଇଟ୍ ମନୋରଞ୍ଜନ, ନୂଆ କାର୍ପେଟ, ପର୍ଦ୍ଦା ଓ ଆସବାବପତ୍ର ଲାଗିବ। କମ୍ପାନୀର ଉଦ୍ଦେଶ୍ୟ ଯାତ୍ରୀଙ୍କୁ ଉନ୍ନତମାନର ସେବା ଉପଲବ୍ଧ କରିବା। ଏହା ପୂର୍ବରୁ ଏୟାର ଇଣ୍ଡିଆ ପାଇଲଟଙ୍କୁ ନେଇ ବଡ଼ ନିଷ୍ପତ୍ତି ନେଇଥିଲା। ଏୟାର ଇଣ୍ଡିଆ ପାଇଲଟଙ୍କ ରିଟାୟରମେଣ୍ଟ ଆୟୁ ୬୫ ବର୍ଷ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ବଢାଇ ୬୦ ବର୍ଷ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଏୟାର ଇଣ୍ଡିଆରେ ପାଇଲଟ ଓ ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ୫୮ ବର୍ଷ ରହିଛି।




# ଦୁଇ ବର୍ଷରେ ଏଆଇ ଖାଇଯିବ ୫ ଲକ୍ଷ ଚାକିରି !

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବର୍ଦ୍ଧିତ ବ୍ୟବହାର ସହିତ ଭାରତର ଆଇଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ଦେଶର ବୃହତ୍ ଆଇଟି କମ୍ପାନୀ ଟାଟା କନସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ସମ୍ପ୍ରତି ୧୨,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ଏହା କେବଳ ଆରମ୍ଭ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ୨-୩ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ଏହି ୨୮୩ ବିଲିୟନ ଡଲାରର ଆଇଟି କ୍ଷେତ୍ରରେ ପ୍ରାୟ ୫ ଲକ୍ଷ ଲୋକେ ଚାକିରି ହରାଇବେ।

- ଟିସିଏସ୍ ୧୨ ହଜାର ଛଟେଇ ବିନାଶର ଆରମ୍ଭ ମାତ୍ର
- ୪-୧୨ ବର୍ଷ ଅଭିଜ୍ଞତା ଥିବା ୭୦% କର୍ମଚାରୀ ବିଦା ହେବେ



ଏହି କ୍ଷେତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୫୬ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଥିଲା ଏବଂ ଦେଶର ଅର୍ଥନୀତିରେ ୭% ରୁ ଅଧିକ ଅବଦାନ ରଖୁଛି। କେବଳ ପ୍ରତ୍ୟକ୍ଷ ନିଯୁକ୍ତି ନୁହେଁ, ବରଂ ଏହା ସହିତ ଜଡିତ ଅନେକ ଚାକିରି ଏବଂ ଜୀବିକା ମଧ୍ୟ ଚାଲିଛି, ଯାହା ଭାରତକୁ ବିଶ୍ୱର ୫ମ ବୃହତ ଅର୍ଥନୀତି କରିଥାଏ। ଏ ପର୍ଯ୍ୟନ୍ତ ଏହି କ୍ଷେତ୍ର ଭାରତର ଅଧିକାଂଶ ଇଞ୍ଜିନିୟରଙ୍କୁ କାମ ଦେଇଛି, କିନ୍ତୁ ଏଆଇ ଯୋଗୁଁ କାମ କରିବାର ଶୈଳୀ ପରିବର୍ତ୍ତନ ହେଉଛି। ନୂତନ ପ୍ରଯୁକ୍ତିବିଦ୍ୟା ଯୋଗୁଁ, ଏବେ ଏପରି ଦକ୍ଷତା ଆବଶ୍ୟକ ହେବ ଯାହା ଅନେକ କର୍ମଚାରୀଙ୍କ ପାଖରେ ନାହିଁ। ଅନେକ ଶିଳ୍ପ ବିଶେଷଜ୍ଞ ଏବଂ ବିଶ୍ଳେଷକ ଏହା ଉଲ୍ଲେଖ କରୁଛନ୍ତି। ସିଲିକନ ଭ୍ୟାଲି-ଭିତ୍ତିକ କନଷ୍ଟେଲେସନ୍ ରିସର୍ଚ୍ଚର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ରେ ୱାଙ୍ଗ କହିଛନ୍ତି, ଆମେ ଏକ ମହା ପରିବର୍ତ୍ତନର ସମୟ ଦେଇ ଗତି କରୁଛୁ, ଯାହା ଉପର ପାହ୍ୟାର ନିଯୁକ୍ତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବ। ଅନେକ ବିଶେଷଜ୍ଞ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଆଗାମୀ ସମୟରେ ଆହୁରି ଅଧିକ ଛଟେଇ ହୋଇପାରେ। ସବୁଠାରୁ ଅଧିକ ବିପଦରେ ଥିବା କର୍ମଚାରୀମାନେ ହେଉଛନ୍ତି ଯେଉଁମାନେ କେବଳ ବୈଷୟିକ ଜ୍ଞାନ ବିନା ଲୋକଙ୍କୁ ପରିଚାଳନା କରନ୍ତି, ଯେଉଁମାନେ ସଫ୍ଟୱେର୍ କ୍ଲାଏଣ୍ଟମାନଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ପରୀକ୍ଷା କରନ୍ତି, ବଗ୍ ଚିହ୍ନଟ କରନ୍ତି ଏବଂ ବ୍ୟବହାରକାରୀ-ଅନୁକୂଳତା ସୁନିଶ୍ଚିତ କରନ୍ତି, ଏବଂ ଭିତ୍ତିଭୂମି ପରିଚାଳନା କର୍ମଚାରୀ ଯେଉଁମାନେ ମୌଳିକ ବୈଷୟିକ ସହାୟତା ପ୍ରଦାନ କରନ୍ତି ଏବଂ ନେଟୱାର୍କ ଏବଂ ସର୍ଭରଗୁଡ଼ିକୁ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରନ୍ତି।

ଟେକ୍ ମାର୍କେଟ୍ ଇଣ୍ଟେଲିଜେନ୍ସ କମ୍ପାନୀ ଅଡ୍ ଏର୍ଥ ଇନ୍‌ସାଇଟ୍‌ର ପ୍ରତିଷ୍ଠାତା ଗୌରବ ଭାସୁ କହିଛନ୍ତି, ପରବର୍ତ୍ତୀ ଦୁଇ-ତିନି ବର୍ଷ ମଧ୍ୟରେ, ପ୍ରାୟ ୪ଲକ୍ଷରୁ ୫ ଲକ୍ଷ ବୃତ୍ତିଗତଙ୍କ ଚାକିରି ବିପଦରେ ଅଛି କାରଣ ସେମାନଙ୍କର ଦକ୍ଷତା ଗ୍ରାହକଙ୍କ ଚାହିଦା ସହିତ ସଙ୍ଗତ ନୁହେଁ। ସେ କହିଛନ୍ତି ଯେ ଏହି ଛଟେଇର ପ୍ରାୟ ୭୦% ଏପରି କର୍ମଚାରୀଙ୍କ ହେବ ଯେଉଁମାନଙ୍କର ୪ ରୁ ୧୨ବର୍ଷର ଅଭିଜ୍ଞତା ରହିଛି। ଟିସିଏସ୍‌ର ଛଟେଇରୁ ସୃଷ୍ଟି ହୋଇଥିବା ଏହି ଚିନ୍ତା ପର୍ଯ୍ୟଟନ, ଲଗ୍‌ଜ୍ୟୁରୀ ସଫିଂ ଏବଂ ରିଅଲ୍ ଇଷ୍ଟେଟ୍ ଭଳି ଦୀର୍ଘକାଳୀନ ନିବେଶକୁ ମଧ୍ୟ ପ୍ରଭାବିତ କରିପାରେ। ଷ୍ଟାଫିଂ ଫାର୍ମ ଏକ୍ସଫେନୋ ଅନୁଯାୟୀ, ଟିସିଏସ୍, ଇନଫୋସିସ୍, ଏଚ୍‌ସିଏଲଟେକ୍, ଟେକ୍ ମହିନ୍ଦ୍ରା, ୱିପ୍ରୋ ଏବଂ କଗ୍ନିଜାଣ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକରେ ୪ ଲକ୍ଷରୁ ଅଧିକ କର୍ମଚାରୀ ଅଛନ୍ତି, ଯେଉଁମାନଙ୍କର ୧୩-୨୫ ବର୍ଷର ଅଭିଜ୍ଞତା ରହିଛି। ଏହି ଲୋକମାନେ କମ୍ପାନୀଗୁଡ଼ିକର ମଧ୍ୟମ ସ୍ତରରେ କାମ କରନ୍ତି। ଏହି କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ଏହି ସମ୍ପର୍କରେ କୌଣସି ଉତ୍ତର ଦେଇନାହାଁନ୍ତି। କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ ବର୍ତ୍ତମାନ କମ୍ପାନୀଗୁଡ଼ିକୁ କମ୍ କର୍ମଚାରୀ ସହିତ ଅଧିକ କାମ କରିବାକୁ ପଡିବ। ଏଆଇ ବ୍ୟବହାର ସହିତ କାମ କରିବାର ଉପାୟ ପରିବର୍ତ୍ତନ ହେଉଛି, ତେଣୁ କମ୍ପାନୀଗୁଡ଼ିକ କମ୍ ଲୋକଙ୍କ ସହିତ ଅଧିକ କାମ କରିବାକୁ ଚାହାଁନ୍ତି।

ପ୍ରମୁଖ ଶିଳ୍ପ ସଂଘ ନାସ୍‌କମ୍ କହିଛି ଯେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଏବେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଏକ ପର୍ଯ୍ୟାୟ ଦେଇ ଗତି କରୁଛି। ଏଆଇ ଏବଂ ସ୍ୱଅଟୋମେସନ୍ ଏବେ କମ୍ପାନୀଗୁଡ଼ିକର କାର୍ଯ୍ୟକାରିତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପଡୁଛି। ଟେକ୍ ମହିନ୍ଦ୍ରାର ପୂର୍ବତନ ସିଇଓ ସିପି ଗୁରନାନୀ କହିଛନ୍ତି ଯେ ପୂର୍ବରୁ ଯେତେବେଳେ ପ୍ରଯୁକ୍ତିବିଦ୍ୟାରେ ପରିବର୍ତ୍ତନ ଆସିଥିଲା, ଏହାର ପ୍ରଭାବ କମ୍ପାନୀ ସ୍ତରରେ ଦୃଶ୍ୟମାନ ହେଉଥିଲା। କିନ୍ତୁ ଏଥର, ଏଆଇ ଯୋଗୁଁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜକୁ ପୁନର୍ବିନ୍ୟାସ କରିବାକୁ ପଡିବ ଏବଂ ନୂତନ କୌଶଳ ଶିଖିବାକୁ ପଡିବ।

**ଟ୍ରମ୍ପ ଶୁଳ୍କର ପ୍ରଭାବ**

## ଆମେରିକା ମହଙ୍ଗା ବଜାର




ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ଆମଦାନୀ ଶୁଳ୍କ ଲଗାଇ ତାଙ୍କ ପିଠି ଚାପୁଡ଼ା ଦେଉଛନ୍ତି। ଟ୍ରମ୍ପଙ୍କ କହିବାନୁଯାୟୀ ଏହି ଶୁଳ୍କ ଆମେରିକା ପାଇଁ କୋଟି କୋଟି ଡଲାର ଆଣିଦେବ। ହେଲେ ବାସ୍ତବତା ଭିନ୍ନ ତଥାପି। ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ଏବେ ଖୋଦ୍ ଆମେରିକା ଉପରେ ପଡିବାରେ ଲାଗିଛି। ଏହାର ପ୍ରଭାବ ଏବେ ସାଧାରଣ ଆମେରିକୀୟ ଲୋକଙ୍କୁ ସହିବାକୁ ପଡୁଛି। ପ୍ରକୃତରେ, ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ଆମେରିକାରେ ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ଏବଂ ପୋଷାକ ଇତ୍ୟାଦିର ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି।

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମର୍ସିଡିଜ୍ ଚାଣ୍ଡଲର୍ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ, ସେ କହିଛନ୍ତି ଯେ ଆମେରିକାରେ ଶୁଳ୍କର ପ୍ରଭାବ ଦେଖାଯିବା ଆରମ୍ଭ ହୋଇଛି। ଏଥିଯୋଗୁ ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀଠାରୁ ପୋଷାକପତ୍ର ଯାଏ ସବୁର ଦର ବୃଦ୍ଧି ପାଇଛି। ଭିଡିଓରେ, ଦେଖାଯାଉଛି ଯେ ଚାଣ୍ଡଲର୍ ଏକ ପୋଷାକ ଶୋ' ରୁମ୍‌ରେ ଅଛନ୍ତି ଏବଂ ସେ ପୋଷାକର ମୂଲ୍ୟ ଟ୍ୟାଗ୍ ଦେଖାଉଛନ୍ତି। ଚାଣ୍ଡଲର୍ କହିଛନ୍ତି ଯେ ଯେଉଁ ପୋଷାକ ପୂର୍ବରୁ ୧୦ ଡଲାରରେ ଉପଲବ୍ଧ ଥିଲା, ଏବେ ଆମେରିକୀୟ ଲୋକଙ୍କୁ ସେଗୁଡ଼ିକ ପାଇଁ ୧୨-୧୩ ଡଲାର ଦେବାକୁ ପଡିବ। ଚାଣ୍ଡଲର୍ ଏହା ମଧ୍ୟ ଦେଖାଇଛନ୍ତି ଯେ, ଅନେକ ପୋଷାକରେ ନୂଆ ମୂଲ୍ୟ ଟ୍ୟାଗ୍ ମଧ୍ୟ ରହିଛି। ସେହି ସମୟରେ, କିଛି ପୁରୁଣା ମୂଲ୍ୟ ଟ୍ୟାଗ୍‌କୁ କଭର କରାଯାଇଛି। ଚାଣ୍ଡଲର୍ ସେୟାର କରାଯାଇଥିବା ପୋଷ୍ଟରେ କହିଛନ୍ତି ଯେ ଯଦି ଲୋକମାନେ ତାଙ୍କ କଥାକୁ ବିଶ୍ୱାସ କରୁନାହାନ୍ତି, ତେବେ ସେମାନେ ସେମାନଙ୍କର ନିକଟତମ ୱାଲମାର୍ଟ କିମ୍ବା ଅନ୍ୟ ଷ୍ଟୋରକୁ ଯାଇ ନିଜେ ଏ ସମ୍ପର୍କରେ ଯାଞ୍ଚ କରିପାରିବେ। ଏହି ଭିଡିଓ ଉପରେ ଅନେକ ବ୍ୟବହାରକାରୀ ମତ ଦେଇଛନ୍ତି। ଜଣେ ବ୍ୟବହାରକାରୀ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ଲେଖିଛନ୍ତି, ବାଣିଜ୍ୟ ଶୁଳ୍କ ଲାଗୁ କରିବା କ'ଣ ଠିକ୍। ଏହା ଯୋଗୁଁ ଆମେ ମହାନ ହୋଇଛୁ ନା ଆମେ ମହାନ ହେବାକୁ ଯାଉଛୁ ? ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଆମେ ଶୁଳ୍କରୁ କୋଟି କୋଟି ଡଲାର ପାଇବୁ ଏବଂ ବଦଳରେ ଆମକୁ ଅତିରିକ୍ତ ଡଲାର ଦେବାକୁ ପଡିବ।




ଡାଲିଠାରୁ ପୋଷାକପତ୍ର ସବୁର ଦର ବଢ଼ିଲା

ଶୁଳ୍କ ହେଉଛି ଅନ୍ୟ ଦେଶରୁ କିଣାଯାଇଥିବା କିମ୍ବା ବିକ୍ରି ହେଉଥିବା ସାମଗ୍ରୀ ଉପରେ ଲାଗୁ ହୋଇଥିବା ଏକ ଶୁଳ୍କ। ଆମେ ଏହାକୁ ଆମଦାନୀ ଶୁଳ୍କ ଏବଂ ରପ୍ତାନି ଶୁଳ୍କ କହିପାରିବା। ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହାର ଅର୍ଥ ହେଉଛି ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ସେଠାରେ ମହଙ୍ଗା ହେବ। ଏଥିଯୋଗୁଁ, ଆମେରିକାରେ ଭାରତୀୟ ସାମଗ୍ରୀ ମହଙ୍ଗା ହୋଇଯିବ, ତେଣୁ ଲୋକମାନେ ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀ କିଣିବେ। ଏହାର ପରିଣାମ ସ୍ୱରୂପ ଭାରତର ଆମେରିକାକୁ ରପ୍ତାନି ପ୍ରଭାବିତ ହେବ।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ପ୍ରଥମ ଫ୍ଲେକ୍ସିକ୍ୟାପ ଇଣ୍ଡେକ୍ସ ଫଣ୍ଡ

ମୁମ୍ବଇ,୧୦।୮ (ଏଜେନ୍ସି): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଏହାର ପ୍ରଥମ କମ୍ ମୂଲ୍ୟ ବିଶିଷ୍ଟ ଫ୍ଲେକ୍ସିକ୍ୟାପ ରଣକୌଶଳ ଭାବରେ ଡିଏସ୍‌ପି ନିଫ୍‌ଟି ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ ପ୍ରଚଳନ କରିଛି। ଏହି ଫଣ୍ଡ ଆତ୍ମବିଶ୍ୱାସର ସହିତ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି। ବିଶେଷକରି ଗୁଣାତ୍ମକ ସ୍ମଲ୍ ଓ ମିଡକ୍ୟାପ୍‌ରେ ମୂଲ୍ୟାୟନ ଉଚ୍ଚ ଓ ଅପ୍ରତ୍ୟାଶିତ ରହୁଥିବା କାରଣରୁ ଡିଏସ୍‌ପି ନିବେଶକମାନଙ୍କୁ ଏସ୍‌ଆଇପି ପଥ ଅବଲମ୍ବନ କରିବାକୁ ସୁପାରିଶ କରୁଛି। ଏସ୍‌ଆଇପି ନିବେଶକମାନଙ୍କୁ ସମୟକ୍ରମେ ସେମାନଙ୍କର କ୍ରୟ ମୂଲ୍ୟ ହାରାହାରି ସ୍ଥିତରେ ରଖିବା, ଶୀର୍ଷ ସ୍ତର ହାସଲ କରିବା ଆପଦ ହ୍ରାସ କରିବାରେ ସହାୟତା କରିବା ସହିତ ଏହି ଫଣ୍ଡ ପଛରେ ଥିବା ଦର୍ଶନ ଯଥା: ସମୁଦାୟ ଚକ୍ରରେ ଗୁଣାତ୍ମକ ବ୍ୟବସାୟ ସଂସ୍ଥାଗୁଡିକରେ ଶୃଙ୍ଖଳିତ ଏବଂ ଦୀର୍ଘସୂତ୍ରୀ ନିବେଶ କରିବା ସହିତ ଏହାର ଉଦ୍ଦେଶ୍ୟ ମେଳ ଖାଉଛି। ନୂତନ ଫଣ୍ଡ ଉଚ୍ଚ ମାନର ଷ୍ଟକଗୁଡିକ ଚିହ୍ନଟ କରିବା, ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକରେ ଶୀର୍ଷସ୍ତରର ପାଣ୍ଠି ଆବଣ୍ଟନକୁ ସ୍ୱୟଂଚାଳିତ କରିବା ଏବଂ ଏସବୁ ନିମ୍ନ ଖର୍ଚ୍ଚରେ ସମ୍ପାଦନ କରିବା ଆଦି ଇକ୍ୱିଟି ନିବେଶକମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡିକ ପ୍ରତି ଦୃଷ୍ଟିଦେଉଛି।

# ଟ୍ରମ୍ପ୍ ଶୁଳ୍କ ପରେ ଶିଖର ଛୁଇଁଲା ସୁନା ଦର

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍‌କ୍ଷଣାତ୍ ପ୍ରଭାବ ସ୍ୱରୂପ ଶୁକ୍ରବାର ପରି ରବିବାର ମଧ୍ୟ ଘରୋଇ ବଜାରରେ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ସୁନା ମୂଲ୍ୟ ଆଜି ବି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ରାଜଧାନୀ ନୂଆଦିଲ୍ଲୀରେ ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୩,୦୪୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ମାତ୍ର ସପ୍ତାହକ ମଧ୍ୟରେ ବଜାରରେ ସୁନା ୨୬୮୯ ଟଙ୍କା ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କା ସ୍ତରରେ କାରବାର ହେଉଛି। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ନୂଆଦିଲ୍ଲୀ ବଜାର ସହ ସମାନ ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୯୪,୪୫୦ ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୨୦,୦୦୦ ଟଙ୍କା ହୋଇଛି।

**ସପ୍ତାହକରେ ସୁନା ୨୬୮୯ ଟଙ୍କା ମହଙ୍ଗା**

**୧୦ ଗ୍ରାମ ମୂଲ୍ୟ ୧.୦୩ ଲକ୍ଷ ଟପିଲା**



ଅଗଷ୍ଟ ୮ରେ ଭାରତରେ ସୁନା ମୂଲ୍ୟ ଇତିହାସ ସୃଷ୍ଟି କରିଥିଲା। ଅପରପକ୍ଷେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ଅକ୍ଟୋବର ମାସ ପାଇଁ ଫ୍ୟୁଚର୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୦୨,୨୫୦ ଟଙ୍କାରେ ରେ ପହଞ୍ଚିଥିଲା। ଏହା ଏ ପର୍ଯ୍ୟନ୍ତର ସର୍ବୋଚ୍ଚ ସ୍ତର। ସେହି ସମୟରେ, ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନା ଚମକୁଛି। କୋମେକ୍ସରେ ଡିସେମ୍ବର ଫ୍ୟୁଚର୍ ବଜାର ପାଇଁ ଆଉନ୍ସ ପ୍ରତି ଏହା ୩,୫୩୪ ଡଲାରରେ ପହଞ୍ଚିଛି, ଯାହା ଏପ୍ରିଲରେ ହୋଇଥିବା ୩,୫୪୪ ଡଲାର ରେକର୍ଡର ବହୁତ ନିକଟତର। ଆମେରିକା ବଜାରରେ ସ୍ପଟ୍ ମୂଲ୍ୟ ଦୁଇ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଜନିତ ଉତ୍ତେଜନା ଏବଂ ଅକ୍ଟୋବରରେ ଆମେରିକୀୟ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ସୁନା ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ।

ସୁନା ମୂଲ୍ୟ ବୃଦ୍ଧିର ଆଉ ଏକ ବଡ଼ କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତି। ଆମେରିକା ୧ କିଲୋଗ୍ରାମ ଏବଂ ୧୦୦ ଆଉନ୍ସ ସୁନା ବାର୍ ଆମଦାନୀ ଉପରେ ଟାରିଫ୍ ଲଗାଇଛି, ଯାହା ମୂଲ୍ୟ ବଢ଼ାଉଛି। ତେବେ ଏହା ବିଶ୍ୱର ସର୍ବବୃହତ ସୁନା ବିଶୋଧନ କେନ୍ଦ୍ର ସ୍ୱିଜରଲ୍ୟାଣ୍ଡ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଛି। ଟ୍ରମ୍ପ ପ୍ରଶାସନ ସ୍ୱିଜରଲ୍ୟାଣ୍ଡରୁ ଆସୁଥିବା ସୁନା ଉପରେ ୩୯% ଶୁଳ୍କ ଲାଗୁ କରିଛି। ଯେହେତୁ କୋମେକ୍ସରେ ୧ କିଲୋଗ୍ରାମ ବାର୍ ସର୍ବାଧିକ କାରବାର ହୁଏ, ଏହି ନିଷ୍ପତ୍ତି ସିଧାସଳଖ ମୂଲ୍ୟକୁ ପ୍ରଭାବିତ କରୁଛି। ଏହାବ୍ୟତୀତ, ବଜାର ମଧ୍ୟ ଆଶା କରୁଛି ଯେ ସେପ୍ଟେମ୍ବରରେ ଆମେରିକାର ସୁଧ ହାର ୦.୨୫% ହ୍ରାସ ହୋଇପାରେ। ଚୀନ୍ ଦ୍ୱାରା ନିରନ୍ତର ସୁନା କ୍ରୟ ମଧ୍ୟ ମୂଲ୍ୟ ବୃଦ୍ଧିକୁ ସମର୍ଥନ ଦେଉଛି। ଜୁଲାଇରେ, ଚୀନ୍ ଲଗାତାର ୯ମ ମାସ ପାଇଁ ସୁନା କିଣିଛି।

ଏଠାରେ ସୂଚନାଯୋଗ୍ୟ ଯେ, ଆମେରିକା ପ୍ରତିବର୍ଷ ୨୨୦-୨୫୦ ଟନ୍ ସୁନା ଆମଦାନୀ କରିଥାଏ। ଏହା ମଧ୍ୟରୁ ୬୦-୭୦% ସ୍ୱିଜରଲ୍ୟାଣ୍ଡରୁ ଆସିଥାଏ। ପୂର୍ବରୁ, ଏହି ସୁନା ଲଣ୍ଡନରୁ ସ୍ୱିଜରଲ୍ୟାଣ୍ଡ ଯାଉଥିଲା, ସେଠାରେ ବାର୍‌ରେ ରୂପାନ୍ତରିତ ହେଉଥିଲା ଏବଂ ତାପରେ ଆମେରିକାକୁ ପଠାଯାଉଥିଲା। ଏବେ, ଶୁଳ୍କ ଯୋଗୁଁ ଏଲ୍‌ଏମ୍‌ଇ ସୁନା ସିଧାସଳଖ ଆମେରିକାକୁ ପଠାଯିବାର ସମ୍ଭାବନା ରହିଛି। ଏମ୍‌ବିଏମ୍‌ଏର ଆମେରିକାରେ ଦୁଇଟି ରିଫାଇନାରୀ ମଧ୍ୟ ରହିଛି। ଏକ ଆକଳନ ଅନୁଯାୟୀ, ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରୁହେ ତେବେ ବର୍ଷ ଶେଷ ସୁଦ୍ଧା ସୁନା ମୂଲ୍ୟ ଆଉନ୍ସ ପିଛା ୩୬୦୦ ଡଲାରରୁ ୩୮୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ।

# ଜିନ୍ଦଲ ଫାଉଣ୍ଡେସନକୁ ଫିକି ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫

ଭୁବନେଶ୍ୱର, ୧୦।୮ (ସମିସ): କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଭାରତୀୟ ଶିଳ୍ପ ଓ ବାଣିଜ୍ୟ ମହାସଂଘ (ଫିକି) ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫ ପ୍ରଦାନ କରାଯାଇଛି। ଫିକି ଆଦିତ୍ୟ ବିର୍ଲା ସିଏସଆର ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧ୍ୟକ୍ଷା ପଦ୍ମ ଭୂଷଣ ରାଜଶ୍ରୀ ବିର୍ଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ବିଶେଷ କରି ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଜିନ୍ଦଲ ଫାଉଣ୍ଡେସନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି। ଜିନ୍ଦଲ ଫାଉଣ୍ଡେସନ ଯୁବ ପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାରେ ସହାୟତା କରିଆସୁଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ। ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ଏହି ସ୍ୱୀକୃତି ସାମଗ୍ରିକ ଭାବେ କ୍ରୀଡ଼ା ସଂସ୍କୃତିର ପ୍ରସାର ପାଇଁ ଆମର ଭବିଷ୍ୟତ ଉଦ୍ୟମକୁ ଆହୁରି ମଜଭୁତ କରିବ। ପ୍ରେସିଡେଣ୍ଟ ଜିନ୍ଦଲ ଷ୍ଟିଲ, ଗ୍ରୁପ ମୁଖ୍ୟ - ସିଏସଆର ଏବଂ ଏଜୁକେସନ୍, ପ୍ରଶାନ୍ତ ହୋତା କହିଛନ୍ତି, ଏହି ପୁରସ୍କାର ଆମ ତୃଣମୂଳ ସହଯୋଗୀ, ପ୍ରଶିକ୍ଷକ ଏବଂ ହଜାର ହଜାର ଯୁବ କ୍ରୀଡ଼ାବିତଙ୍କ ପାଇଁ ସମର୍ପିତ; ଯେଉଁମାନଙ୍କ ଦୃଢ଼ସଙ୍କଳ୍ପର କାହାଣୀ ଆମକୁ ଆମ ଲକ୍ଷ୍ୟ ହାସଲ କରିବାରେ ସବୁଦିନ ପ୍ରେରଣା ଦିଏ।





# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍; କଳିଙ୍ଗରେ ବିଶ୍ୱ ଆଥଲେଟଙ୍କ ମେଳା

# ଓଡ଼ିଶାର ଟେକ ରଖିଲେ ପ୍ରଜ୍ଞା ଓ ଅନିମେଶ


ଭୁବନେଶ୍ୱର, ୧୦।୮ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାର ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟ ପ୍ରଥମଥର ଲାଗି ଭାରତ ମାଟିରେ ଆୟୋଜିତ ହୋଇଥିଲା। ଏଭଳି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟର ଦୁଇ ଧାବକ ଅନିମେଶ କୁଜୁର ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ ବିଶ୍ୱ ଦରବାରରେ ଓଡ଼ିଶାର ଟେକ ରଖିଛନ୍ତି। ଅନିମେଶ ପୁରୁଷ ୨୦୦ ମିଟର ରେସରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ପ୍ରଜ୍ଞାପ୍ରଶାନ୍ତି ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ତଥା ଦେଶର ଗୌରବ ବଢ଼ାଇଛନ୍ତି।

ରବିବାର ରାତି ୭ଟାରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର କିନ୍ତୁ ରହିଥିଲା ଘରୋଇ ତାରକା ଅନିମେଶ ଅଂଶଗ୍ରହଣ କରୁଥିବା ୨୦୦ ମିଟର ଉପରେ। ରାତି ୭ଟା ୩୦ରେ ଏହି ଇଭେଣ୍ଟ ଆରମ୍ଭ ହୋଇଥିବାବେଳେ ଅନିମେଶ ମଧ୍ୟ ଘରୋଇ ଦର୍ଶକଙ୍କୁ ନିରାଶ କରି ନ ଥିଲେ। ଜାତୀୟ ରେକର୍ଡଧାରୀ ରହିଥିବା ଓଡ଼ିଶାର ଏହି ଉଦୀୟମାନ ଧାବକ ରେସ୍‌ରେ ଗ୍ରେଟ ବ୍ରିଟେନ, କୋରିଆ, ଦକ୍ଷିଣ ଆଫ୍ରିକା ଭଳି ଦେଶର ଧାବକଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ସେ ୨୦.୭୭ ସେକେଣ୍ଡ ସମୟ ନେଇ ରେସ ଫିନିଶ କରିଥିଲେ। ଅନିମେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦.୩୨ସେକେଣ୍ଡ ରହିଥିବାବେଳେ ଅବଶ୍ୟ ସେ ଏହାକୁ କଳିଙ୍ଗରେ ଦୋହରାଇ ପାରି ନଥିଲେ। ସେହିଭଳି ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ ଲାଗି ଯୋଗ୍ୟତା ଟାଇମିଂ ୨୦.୧୬ ସେକେଣ୍ଡ ରହିଥିବାବେଳେ ଅନିମେଶ ଏହି ଟାଇମିଂଠାରୁ ବେଶ ପଛରେ ରହିଯାଇଥିଲେ। ମହିଳା ୨୦୦ ମିଟରରେ ବେଙ୍ଗାଲୁରୁର ଆଞ୍ଜେଲ ସିଲଭିଆ ୨୩.୪୫ ସେକେଣ୍ଡ ସହ ପ୍ରଥମ ହୋଇଥିଲେ।

ଅପରପକ୍ଷରେ ମହିଳା ୧୦୦ ମିଟର ହର୍ଡଲ୍ସର ପ୍ରଥମ ୩ଟି ସ୍ଥାନରେ ରହି ଭାରତୀୟ ଧାବିକା କ୍ଲିନ୍ ସୁଇପ୍ କରିଥିଲେ। ଓଡ଼ିଶାର ପ୍ରଜ୍ଞାପ୍ରଶାନ୍ତି ୧୩.୭୪ ସେକେଣ୍ଡରେ ରେସ ଶେଷ କରି ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ନନ୍ଦିନୀ କୋଙ୍ଗାନ (୧୩.୮୦) ଓ କେରଳର ସି. ଅଞ୍ଜଳି (୧୪.୦୦) ରହିଥିଲେ। ଅନ୍ୟାନ୍ୟ ଇଭେଣ୍ଟରେ ଭାରତୀୟ ଆଥଲେଟଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ପୁରୁଷ ୪୦୦ ମିଟରରେ ଭାରତର ଟିକେ ବିଶାଲ (୪୫.୭୨ ସେକେଣ୍ଡ), ଅମୋଜ ଜ୍ୟାକବ (୪୫.୮୬) ଓ ସନ୍ତୋଷ କୁମାର (୪୬.୮୯) ପ୍ରଥମ ୩ଟି ସ୍ଥାନରେ ରହି ଏଥିରେ ମଧ୍ୟ କ୍ଲିନ ସୁଇପ କରିଥିଲେ। ଅପରପକ୍ଷରେ ମହିଳା ଜାଭେଲିନ ଥ୍ରୋ'ରେ ଅନୁରାଣୀ ବାଜିମାତ୍ କରିନେଇଛନ୍ତି। ଉତ୍ତର ପ୍ରଦେଶର ଅନୁରାଣୀ ୬୨.୦୧ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ହଡାରାବାଗ ଲେକା (୫୬.୨୭ମି) ଓ ଭାରତର ଦୀପିକା (୫୪.୨୦) ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ସେହିଭଳି ପୁରୁଷ ଜାଭେଲିନରେ କିନ୍ତୁ ଶ୍ରୀଲଙ୍କା ପ୍ରଥମ ସ୍ଥାନ ବାଜିମାତ କରିଥିଲା। ରୁମେଶ ଥରଙ୍ଗା ୮୬.୫୦ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ୮୦.୭୩ ମିଟର ସହ ଭାରତର ଶିଭମ ଲୋହାକାରେ ୨ୟ ସ୍ଥାନ ଲାଭ କରିଥିଲେ। ଭାରତର ରୋହିତ ଓ ସଚିନ ଯାଦବ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ଓଡ଼ିଶାର କିଶୋର ଜେନା ଅସୁସ୍ଥ ହୋଇଥିବାରୁ ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ।




### ମହମ୍ମଦ ଓ ଅବିନାୟା ଦ୍ରୁତତମ ଧାବକ-ଧାବିକା

ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ୧୦୦ ଓ ୨୦୦ ମିଟର ରହିଥିଲା। ଏଥିରେ ମାଲେସିଆର ମହମ୍ମଦ ଆଜିମ ଓ ଭାରତର ଅବିନାୟା ରାଜାରାଜନ ସବୁଠୁ ଦ୍ରୁତତମ ଧାବକ ଓ ଧାବିକା ରହିଥିଲେ। ପୁରୁଷ ୧୦୦ ମିଟରକୁ ଆଜିମ ୧୦.୩୫ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୧୦.୫୪)ଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେବେ ମହିଳା ୧୦୦ ମିଟରରେ ଭାରତ କ୍ଲିନ୍ ସୁଇପ କରିଥିଲା। ଅବିନାୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସେହିଭଳି ଭାରତର ଅନ୍ୟ ଦୁଇ ଧାବିକା ସ୍ନେହା ଓ ନିତ୍ୟା ଗାନ୍ଧେ ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ୫ମ ସ୍ଥାନରେ ରହି ପୁରସ୍କାରରୁ ବାଦ୍ ପଡ଼ିଥିଲେ।



### ପ୍ରଥମ ୪ ଜଣଙ୍କୁ ପୁରସ୍କାର

ଏହି ପ୍ରତିଯୋଗିତାରେ କୌଣସି ପଦକ ପ୍ରଦାନ କରାଯାଇ ନ ଥିଲା। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଆଥଲେଟଙ୍କୁ ୮୦୦ ଡଲାର ଦିଆଯାଇଥିଲା। ସେହିଭଳି ୨ୟ, ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଆଥଲେଟ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଡଲାର ପୁରସ୍କାର ପାଇଥିଲେ।

● ଦ.ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦

## ଅଷ୍ଟ୍ରେଲିଆର ସହଜ ବିଜୟ

ଡାରୱିନ୍,୧୦।୮ (ଏଜେନ୍ସି): ଯୁବ ଖେଳାଳି ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ପେସ ବୋଲରଙ୍କ ସଫଳତା ବଳରେ ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ମାତ୍ର ୧୭ ରନ୍‌ରେ ଜିତିନେଇଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଖେଳାଯିବ। ଏଠାରେ ୫୨ ବଲ୍‌ର ସାମ୍ନା କରି ୪ ଚୌକା ଓ ୮ ଛକା ସହ ୮୩ ରନ୍ କରିଥିବା ଡେଭିଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଡେଭିଡ୍‌ଙ୍କ ପରେ କାମେରନ ଗ୍ରୀନ୍ ୩୫ ଓ ବେନ୍ ଡ୍ୱାରାଶୁଇସ୍ ତୃତୀୟ ସର୍ବାଧିକ ୧୭ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ବାମହାତୀ ଯୁବ ପେସ୍ ବୋଲର କ୍ୱେନା ମାଫକା ସର୍ବାଧିକ ୪ଟି ଓ କାଗିସୋ ରାବାଡା ୨ଟି ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ଓଭର ଖେଳି ୯/୧୬୧ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ୱିକେଟ ରକ୍ଷକ ରିୟାନ ରିକେଲଟନ ୫୫ ବଲ୍‌ରେ ୭୧ ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୭ ବଲ୍‌ରେ ୩୭ ରନ୍ କରିଥିଲେ ମଧ୍ୟ ଅନ୍ୟ କାହାଠାରୁ ଉପଯୁକ୍ତ ସମର୍ଥନ ମିଳି ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜ୍‌ଲେଉଡ୍ ଓ ବେନ୍ ଡ୍ୱାରାଶୁଇସ ୩ଟି ଲେଖାଏଁ, ଲେଗ୍ ସ୍ପିନର ଆଦାମ ଜାମ୍ପା ୨ଟି ୱିକେଟ ପାଇଥିଲେ।

● ମହିଳା ଟି-୨୦ ସିରିଜ୍

## ସବୁ ମ୍ୟାଚ୍‌ରେ ହାରିଲା ଭାରତ

ମ୍ୟାକୟ,୧୦।୮ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ମାତ୍ର ୪ ରନ୍‌ରେ ଭ୍ରମଣକାରୀ ଭାରତ-ଏ'ଦଳକୁ ପରାସ୍ତ କରିଥିଲା। ଏହା ଫଳରେ ଭାରତ-ଏ ୩ଟି ଯାକ ଟି-୨୦ ସିରିଜ୍‌ରେ ପରାଜିତ ହୋଇଥିଲା। ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ୧୩ ରନ୍ ଓ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୧୧୪ ରନ୍‌ରେ ହାରିଥିଲା। ସିନିଅର ଦଳର କିଛି ଖେଳାଳିଙ୍କୁ ନେଇ ଏହି ଭାରତୀୟ ଦଳ ଗଠିତ ହୋଇଥିଲେ ମଧ୍ୟ ବିଶେଷ କିଛି ସଫଳତା ପାଇ ପାରି ନଥିଲା। ଘରୋଇ ଅଷ୍ଟ୍ରେଲିଆ ଦଳ ୩-୦ରେ ସିରିଜ୍ ପୋଛିନେବା ପରେ ବ୍ରିସ୍‌ବେନ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ମ୍ୟାଚ୍ ଲାଗି ପ୍ରସ୍ତୁତ କରିନେଇଛି। ଏହି ମ୍ୟାଚ୍ ଗୁଡିକ ଇଆନ ହିଲି ଓଭାଲରେ ଅଗଷ୍ଟ ୧୫, ୧୭ ଓ ୨୧ରେ ଖେଳାଯିବ। ରବିବାର ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ଦଳ ୮ ୱିକେଟରେ ୧୪୪ ରନ୍ କରିଥିଲା। ଦଳ ପକ୍ଷରୁ ମାଡେଲିନ୍ ପେନ୍ନା ୩୯ ଓ ଆଲିସା ହିଲ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଅଧିନାୟିକା ରାଧା ଯାଦବ ଓ ପ୍ରେମା ରାୱତ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଶେଫାଳି ବର୍ମା, ମିନୁ ମାନିଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ୍ କରି ମାତ୍ର ୪ ରନ୍‌ରେ ହାରିଯାଇଥିଲା। ଶେଫାଳି ୨୫ ବଲ୍‌ରେ ୪୧, ମିନୁ ୨୯ ବଲ୍‌ରେ ୩୦ ଓ ରାଘବୀ ବିସ୍ତ ୨୫ ବଲ୍‌ରେ ୨୫ ରନ୍ କରି ଦୁଇ ଅଙ୍କରେ ପହଞ୍ଚିପାରିଥିଲେ। ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ପକ୍ଷରୁ ଡାହାଣହାତୀ ମିଡିୟମ୍ ପେସ୍ ବୋଲର ସିଆନା ଜିଞ୍ଜର ୪ଟି ୱିକେଟ ନେଇ ଭାରତର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ।

# ସତ୍ୟମ୍ ଜିତିଲେ ରାଜ୍ୟ ସ୍କୁଲ ଓପନ୍ ଚେସ୍

ଭୁବନେଶ୍ୱର,୧୦।୮ (ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଡୁମୁଡୁମାସ୍ଥିତ ଗାଇଡାନ୍ସ ଇଂଲିଶ ମିଡିୟମ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ରାଜ୍ୟ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇଥିଲେ। ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ରନର୍ସ ଅପ୍, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲର ଆଦିତ୍ୟ ଶଙ୍କର ବେହେରା ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଚତୁର୍ଥ ଓ ଜଟଣୀ ଆଇଆଇଟି କେନ୍ଦ୍ରୀୟ ବିଦ୍ୟାଳୟର ଭବଦୀପ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଗାଇଡାନ୍ସ ସ୍କୁଲ ପରିସରରେ ଏହା ଆୟୋଜିତ ହୋଇଥିଲା। ଖେଳ ଶେଷରେ ସ୍କୁଲର ପ୍ରିନ୍ସିପାଲ ସୁହାସିନୀ ପଟ୍ଟନାୟକ ଓ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆ କପ୍

## ୨୦ ବର୍ଷ ପରେ ଭାରତକୁ ଯୋଗ୍ୟତା

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଦୀର୍ଘ ୨୦ ବର୍ଷ ପରେ ଭାରତୀୟ ମହିଳା ଦଳ ୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ ୧-୦ ଗୋଲରେ ମିଆଁମାରକୁ ପରାସ୍ତ କରି ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୟାଙ୍ଗୁନ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ପକ୍ଷରୁ ପୂଜା ଏକମାତ୍ର ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଘରୋଇ ମାଟିରେ ଖେଳୁଥିବା ଓ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ଭାରତ ଏହି ମ୍ୟାଚ୍‌କୁ ଲଢ଼େଇ କରି ଜିତିନେଇଥିଲା। ଭାରତୀୟ ମହିଳା ଦଳର ଏହି ସଫଳତା ବଳରେ ମହିଳା ଫୁଟବଲରେ ଏକ ବିରାଟ ପରିବର୍ତ୍ତନ ହେବ।




ସିବିଏସ୍‌ଇ କ୍ଲଷ୍ଟର-୨ ଆଥଲେଟିକ୍ ମିଟ୍ ଉଦ୍‌ଯାପିତ

## ବାଳକରେ ବରଗଡ଼ର ବିକାଶ ସ୍କୁଲ୍ ଶ୍ରେଷ୍ଠ




ଭୁବନେଶ୍ୱର,୧୦।୮ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ କିଟ୍ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଅଗଷ୍ଟ ୭ରୁ ଚାଲିଥିବା ସିବିଏସ୍‌ଇ କ୍ଲଷ୍ଟର-୨ ଆଥଲେଟିକ୍ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ୧୧୫ଟିରୁ ଉର୍ଦ୍ଧ୍ୱ ସ୍କୁଲ୍‌ରୁ ୧୦୦୦ ପ୍ରତିଯୋଗୀ, କର୍ମକର୍ତ୍ତା, କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। କୋରବାସ୍ଥିତ ବାଲ୍‌କୋ ଡିପିଏସ୍‌ର ଅଶିତା ଯାଦବ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦୁଇଜଣଙ୍କୁ ବେଷ୍ଟ ସ୍ପ୍ରିଣ୍ଟର ଆଖ୍ୟା ମିଳିଛି। ସେମାନେ ହେଲେ ବାଳିକାରେ ତନିସା ପତି ଓ ବାଳକରେ ଆର୍ଶିକା ଦାସ। ଓଡ଼ିଶାର ଏକମାତ୍ର ସ୍କୁଲ୍ ଭାବେ ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ୍ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଓଭଲ୍‌ରଲ୍ ଟାଇଟଲ ବିଜୟୀ ହୋଇଛି। ସେହିପରି ୧୯ ବର୍ଷରୁ କମ୍ ବୟସ ବାଳକ ବିଭାଗରେ ଛତିଶଗଡ଼ର ବିଦ୍ୟାଜ୍ୟୋତି ବିଦ୍ୟାଳୟ ଓ ବାଳିକାରେ ଡିପିଏସ୍ ବାଲକୋ ଓଭରଅଲ ଚାମ୍ପିଅନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ରାୟପୁରର ଏନ୍‌ଏଚ୍ ଗୋଏଲ ୱାର୍ଲ୍ଡ ସ୍କୁଲ୍ ଓ ବାଳିକା ବିଭାଗରେ ଡିପିଏସ୍ ବାଲ୍‌କୋ, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବରଗଡର ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ବାଳିକା ବିଭାଗରେ ଡିପିଏଲ୍ ଦୁର୍ଗ ଓଭରଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳ ଶେଷରେ ସିବିଏସ୍‌ଇ ପର୍ଯ୍ୟବେକ୍ଷକ ସୋନୁ କାମତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନ୍ସିପାଲ ସଞ୍ଜୟ ସୁଆର ଓ ଅର୍ଜୁନ ପୁରସ୍କାର ବିଜେତା ଦୂତୀ ଚାନ୍ଦ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍

# ଐତିହାସିକ କାଂସ୍ୟ ପଦକ ଜିତିଲେ ରମେଶ

ଚେନ୍ନଇ,୧୦।୮ (ଏଜେନ୍ସି)

ଭାରତର ସର୍ଫର ରମେଶ ବୁଦ୍ଧିହାଲ ଏଠାରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ମହାବଳିପୁରମରେ ରବିବାର ଅନୁଷ୍ଠିତ ଫାଇନାଲରେ ରମେଶ ତାରକା ଖଚିତ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିବା ସହ ଭାରତର ପ୍ରଥମ ପ୍ରତିଯୋଗୀଭାବେ ଏହି ସଫଳତା ହାସଲ କରିଛନ୍ତି। ବିରାଟ ଢେଉକୁ ସାମ୍ନା କରି ଏଠାରେ ପ୍ରଥମ ୩ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତପକ୍ଷେ ଜଣେ ଭାରତୀୟଙ୍କ ଲାଗି ଅନନ୍ୟ ସଫଳତା ବୋଲି କୁହାଯାଉଛି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୧୨.୬୦ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଣ୍ଡୋନେସିଆର ପାଜାର ଆରିୟାନା ୧୪.୫୭ ଓ ଦକ୍ଷିଣ କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ହାସଲ କରି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିନେଇଥିଲେ। ଏହି ସଫଳତା ଲାଗି ରମେଶଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି। ରମେଶଙ୍କ ପଦକ ବିଜୟ ସର୍ଫିଙ୍ଗ କ୍ରୀଡ଼ାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରଥମ ହିଟ୍ସରେ ରମେଶ ୬.୧୭ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ଯୁବ ପ୍ରତିଯୋଗୀ ହିଜାଏ ପ୍ରଥମ ସ୍ଥାନରେ ଥିଲେ। ଯେତେ ଅଧିକ ରେସ୍ ହେଲା ରମେଶଙ୍କ ପଏଣ୍ଟ ସଂଖ୍ୟା କମିବାକୁ ଲାଗିଲା। ହିଜାଏ ଓ ଆରିୟାନା ପ୍ରଥମ ସ୍ଥାନ ଲାଗି ଲଢ଼ିବାକୁ ଲାଗିଲାବେଳେ ରମେଶ ତୃତୀୟ ସ୍ଥାନରେ ରହିଯାଇଥିଲେ। କିନ୍ତୁ ସେ ତାଙ୍କ ରେସ୍‌ରେ ସନ୍ତୁଳନ ରକ୍ଷା କରି ପଦକ ଜିତିବାରେ ସମର୍ଥ ହୋଇଥିଲେ। ଏସିଆନ୍ ସର୍ଫିଙ୍ଗ ଚାମ୍ପିଅନସିପ୍ ବ୍ୟକ୍ତିଗତ ଇଭେଣ୍ଟରେ ଏହା ଭାରତର ପ୍ରଥମ ପଦକ। 'ଏହି ସଫଳତା ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ। ଏହା ଆମ ସମସ୍ତଙ୍କ ଲାଗି ଗର୍ବର ସମୟ। ଏହି କ୍ରୀଡ଼ା ଲାଗି ଆମ ଲୋକମାନେ ଯେପରି ସମର୍ଥନ ଦେଇଛନ୍ତି, ସେଥିରେ ଆମେ ବେଶ ସଫଳତା ପାଇଛୁ। ଯାହା କିଛି ସଫଳତା ପାଇଛି, ତାହା ଆମ ଟିମ୍ ଓ ମୋ ଦେଶ ଲାଗି କରିଛି। ଦେଶ ଯେତିକି ଗର୍ବିତ ହୋଇଛି ସେଥିଲାଗି ମୁଁ ମଧ୍ୟ ଗର୍ବ ଅନୁଭବ କରୁଛି। ଆଗକୁ ଅଧିକ ସଫଳତା କିପରି ମିଳିବ ସେଥିଲାଗି ଚେଷ୍ଟା କରିବି ବୋଲି କହିଛନ୍ତି ବୁଦ୍ଧିଲାଲ।

ପୂର୍ବରୁ ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟର ଫାଇନାଲ ପ୍ରବେଶ କରିବାରେ ସେ ପ୍ରଥମ ଖେଳାଳି ହୋଇଥିଲେ। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ରମେଶ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ପଦକ ଜିତିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS